ସକାଳ THE SAKALA





ବିଧାନସଭା ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଗାର୍ଡ ଅଫ୍ ଅନର





ବିଧାନସଭା ଗୃହରେ ପ୍ରବେଶ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

# ପୂଜା ବିବାଦରୁ ଦୁଇ ଗାଁ ମାରପିଟ୍

## ମୂର୍ତ୍ତି ଚୋରି କରି ମନ୍ଦିରରେ ଲଗାଇଦେଲେ ନିଆଁ

ସାକ୍ଷୀଗୋପାଳ, ୧୭।୨ (ସମିସ): ମନ୍ଦିରରେ ପୂଜାର୍ଚ୍ଚନାକୁ କେନ୍ଦ୍ର କରି ସତ୍ୟବାଦୀ ଥାନା ମୂଳ ଅଲସା ପଞ୍ଚାୟତର ଦୁଇ ଗାଁ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷଠାରୁ ଆରମ୍ଭ କରି ମନ୍ଦିରରୁ ମୂର୍ତ୍ତି ଚୋରି ଓ ଅଗ୍ନିକାଣ୍ଡ ଭଳି ଅଭାବନୀୟ ଘଟଣା ଘଟିଛି। ଖାଲି ସେତିକି ନୁହେଁ, ପୁଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ

- ୪ ଗିରଫ; ବଗୁଲାପାରି ଗାଁ ପୁରୁଷଶୂନ୍ୟ
- ପୁଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନ ପ୍ରତିବାଦ
- ଥାନା ଓ ରାଜପଥରେ ଧାରଣା ଦେଲେ ମହିଳା

ଶହଶହ ମହିଳା ଥାନା ଓ ରାଜପଥରେ ଧାରଣା ଦେଇଛନ୍ତି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଏହି ପଞ୍ଚାୟତର ତେନ୍ତୁଳିଆ ଓ ବଗୁଲାପାରି ଗ୍ରାମବାସୀଙ୍କ ମଧ୍ୟରେ ମା' ନାରାୟଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନାକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ସୋମବାର ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବାକୁ ଥିବା ବେଳେ କୌଣସି କାରଣକୁ ନେଇ ତାହା ହୋଇପାରିନଥିଲା। ତେବେ ସନ୍ଧ୍ୟା ପ୍ରାୟ ୮ ଟାରେ ତେନ୍ତୁଳିଆ ଗ୍ରାମର ମହିଳାମାନେ ମା'ଙ୍କ ମନ୍ଦିରକୁ ସନ୍ଧ୍ୟାବତୀ ଦେବା ନିମନ୍ତେ ଯିବା ବେଳେ ବଗୁଲାପାରି ଗ୍ରାମବାସୀ ସେମାନଙ୍କୁ ବିରୋଧ କରିବା ସହ ଆକ୍ରମଣ କରିଥିଲେ। ଟେକାପଥର ଓ କାଠ ଫାଳିଆରେ ମାଡ଼ ମାରିଥିଲେ। ଏଥିରେ ତେନ୍ତୁଳିଆ ଗ୍ରାମର ମହିଳା, ଶିଶୁ ଓ



ପୁରୁଷଙ୍କ ସମେତ ୧୧ଜଣ ଆହତ ହୋଇଥିଲେ। ଏନେଇ ଅଭିଯୋଗ ହେବା ପରେ ସତ୍ୟବାଦୀ ପୁଲିସ ସୋମବାର ରାତିରେ ବଗୁଲାପାରି ଗ୍ରାମରେ ଚଢ଼ଉ କରି ସୌମ୍ୟରଞ୍ଜନ ସୁକାରୀ, ପ୍ରକାଶ ସୁକାରୀ, ଆଶିଷ ସୁକାରୀ ଓ ବେଣୁ ସାସମଲଙ୍କୁ ଗିରଫ କରିଥିଲାୟ। ଆଜି ପୁଲିସ ସମସ୍ତଙ୍କୁ କୋର୍ଟଚାଲାଣ କରିଥିଲା। ତେବେ, ପୁଲିସ ଚଢ଼ଉ ଓ ଗିରଫ ଫଳରେ ବଗୁଲାପାରି ଗ୍ରାମ ପୁରୁଷଶୂନ୍ୟ ହୋଇପଡ଼ିଛି।

ଅପରପକ୍ଷେ, ସୋମବାର ରାତିରେ କେହି ଦୁର୍ବୃତ୍ତ ମା' ନାରାୟଣୀଙ୍କ ମନ୍ଦିରରୁ ମୂର୍ତ୍ତି ଚୋରି କରି ନେଇଛି। ମଙ୍ଗଳବାର ସକାଳେ ଗ୍ରାମର ମହିଳାମାନେ ମନ୍ଦିରକୁ ଫୁଲ ଦେବାକୁ ଯାଇଥିବା ବେଳେ ଆସ୍ଥାନରେ ମା'ଙ୍କ ପ୍ରତିମୂର୍ତ୍ତି ନଥିବା ଦେଖିବାକୁ ପାଇଥିଲେ। ସେହିପରି ପୂର୍ବାହ୍ନ ୧୧ଟାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ମନ୍ଦିର କବାଟ ଓ ଝରକାରେ ନିଆଁ ଲାଗିଯାଇଥିଲା। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମୁତୟନ କରାଯାଇଛି। ପୁଲିସ ପାଣି ଓ ବାଲି ପକାଇ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ମନ୍ଦିର କବାଟ ଓ ଝରକା କ୍ଷତିଗ୍ରସ୍ତ ହୋଇଛି।

ସେହିପରି ଆଜି ସକାଳେ ପୁଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବଗୁଲାପାରି ଗ୍ରାମର ଶହଶହ ମହିଳା ଥାନା ଓ ରାଜପଥରେ ଧାରଣା ଦେଇଥିଲେ। ସକାଳେ ବଗୁଲାପାରି ଗ୍ରାମର କନକଲତା ବରାଳ, ସଜନୀ ସାସମଲ ଓ ଶାନ୍ତିଲତା ପ୍ରଧାନଙ୍କ ସମେତ ଶତାଧିକ ମହିଳା ଏକତ୍ରିତ ହୋଇ ସତ୍ୟବାଦୀ ଥାନାରେ ତେନ୍ତୁଳିଆ ଗ୍ରାମର ୬୫ଜଣ ଗ୍ରାମବାସୀଙ୍କ ନାମରେ ଏକ ଅଭିଯୋଗ କରିଥିଲେ। କିନ୍ତୁ ସତ୍ୟବାଦୀ ପୁଲିସ ଏତଲା ନ ରଖିବାରୁ ସେମାନେ ଥାନା ସମ୍ମୁଖରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅବରୋଧ କରିଥିଲେ। ସତ୍ୟବାଦୀ ଆଇଆଇସି ସୌମ୍ୟ ରଞ୍ଜନ ମହାଳିକ ମହିଳାମାନଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

# ପର୍ଯ୍ୟବେକ୍ଷଣ ଗୃହରୁ ୨ ବାଳ ଅପରାଧୀ ଚମ୍ପଟ

ଅନୁଗୋଳ, ୧୭।୨ (ସମିସ): ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହରୁ ଦୁଇ ନାବାଳକ ଚମ୍ପଟ ହୋଇଯାଇଛନ୍ତି। ପର୍ଯ୍ୟବେକ୍ଷଣ ଗୃହ ପାଚେରି ତଳେ ଖୋଳା ଯାଇଥିବା ଡ୍ରେନ୍ ଗାତ ଦେଇ ଦୁଇ ଜଣଯାକ ଫେରାର୍ ହୋଇଯାଇଛନ୍ତି। ଦୁଇଦିନ ତଳୁ ଏହି ଘଟଣା ଘଟିଥିଲେ ହେଁ ଏଯାଏ ସେମାନଙ୍କୁ ଠାବ କରାଯାଇପାରିନାହିଁ। ଉଭୟ ବାଲେଶ୍ୱର ଓ କଟକ ଜିଲ୍ଲାର। ଏକ ପୋକ୍‌ସୋ ମାମଲାରେ ଦୁହେଁ ପର୍ଯ୍ୟବେକ୍ଷଣ ଗୃହରେ ଥିଲେ।



## ଡ୍ରେନ୍ ଗାତରେ ଗଳି ଫେରାର୍ ହୋଇଗଲେ

ଘଟଣାରୁ ପ୍ରକାଶ ଯେ ପରିବିକ୍ଷଣ ଛାତ୍ରାବାସ ତଥା ପର୍ଯ୍ୟବେକ୍ଷଣ ଗୃହରେ ରହୁଥିବା ନାବାଳକ ଅଭିଯୁକ୍ତଙ୍କ ପାଇଁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସକାଳେ ବ୍ୟାୟାମ, ମଧ୍ୟାହ୍ନରେ ଶିକ୍ଷାଦାନ ସହିତ ଅପରାହ୍ଣରେ ବିଭିନ୍ନ ପ୍ରକାର ଶାରୀରିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ। ଏଥିପାଇଁ ତାଲିମପ୍ରାପ୍ତ ଅଧିକାରୀ ଏହି ନାବାଳକ ଅଭିଯୁକ୍ତଙ୍କୁ ଶିକ୍ଷା ଦେଇଥା'ନ୍ତି। ଅପରାହ୍‌ଣରେ ସବୁଦିନ ପରି ନାବାଳକ ଅପରାଧୀମାନେ ଖେଳକୁଦ କରୁଥିଲେ। ଖେଳକୁଦ ସମୟରେ ଦୀର୍ଘଦିନ ଧରି ପାଚେରି ତଳେ ଗାତ ଖୋଳା ହୋଇଥିବା ଦୁଇ ନାବାଳକ ଅପରାଧୀ ଦେଖିଥିଲେ। ଜେଲ୍ କର୍ତ୍ତୃପକ୍ଷଙ୍କ ଅଗୋଚରରେ ଦୁହେଁ ଉକ୍ତ ଗାତ ଦେଇ କିପରି ଫେରାର ହେବେ, ସେନେଇ ଯୋଜନା କରିଥିଲେ। ଶନିବାର ଅପରାହ୍ଣରେ ପର୍ଯ୍ୟବେକ୍ଷଣ ଗୃହ ପରିସରରେ ନାବାଳକ ଅପରାଧୀ ଖେଳକୁଦ କରୁଥିବା ବେଳେ ଏହାର ସୁଯୋଗ ନେଇ ସମ୍ପୃକ୍ତ ୨ ବାଳ ଅପରାଧୀ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଦୁହେଁ ଉକ୍ତ ଗାତ ଦେଇ ଫେରାର୍ ହୋଇଯାଇଥିଲେ। ଏହି ଘଟଣା ବାହାରେ ପ୍ରଘଟ ହେବା ପରେ ପର୍ଯ୍ୟବେକ୍ଷଣ ଗୃହ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋମବାର ଅପରାହ୍‌ଣରେ ଏକ ଏତଲା ଦିଆଯାଇଛି। ଏତଲାକୁ ଭିତ୍ତି କରି ଅନୁଗୋଳ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# କୁହୁଡ଼ିରେ ହଜିଗଲା ଶ୍ରୀମନ୍ଦିର



ଭୁବନେଶ୍ୱର/ପୁରୀ,୧୭।୨(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ସ୍ଥିତି ଜାରି ରହିଛି। ଆଜି ରାଜଧାନୀ ଭୁବନେଶ୍ୱର ସମେତ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ଘନ କୁହୁଡ଼ି ଯୋଗୁଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଭୋର୍‌ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଲାଗି ରହିଥିବା ବେଳେ ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ ଏହା ଜାରି ରହିଥିଲା। ଏହି ସମୟରେ ଅନେକ ସ୍ଥାନରେ ଦୃଶ୍ୟମାନ କ୍ଷମତା ୫୦ମିଟର ପର୍ଯ୍ୟନ୍ତ ଖସି ଆସିଥିଲା। ରାସ୍ତାଘାଟ ଦିଶୁନଥିବାରୁ ଗାଡ଼ି ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ରାଜ୍ୟକୁ

## ୧୦ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି

ବର୍ତ୍ତମାନ ସମୁଦ୍ରପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି। ଏହା ପ୍ରଭାବରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି। ପରିଣାମ ସ୍ୱରୂପ ବିଳମ୍ବିତ ରାତିରୁ କୁହୁଡ଼ି ଆରମ୍ଭ ହୋଇ ସକାଳ ୮ଟା ପର୍ଯ୍ୟନ୍ତ ଜାରି ରହୁଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାକୁ ଥିବା ବେଳେ ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଅନୁଗୁଳ ଓ ଢେଙ୍କାନାଳରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଅନ୍ୟପଟେ ରାଜ୍ୟରେ ଆସନ୍ତା ୩ ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ସେଲସିୟସ ରାତିର ତାପମାତ୍ରା ବଢ଼ିବ। ଫଳରେ ଥଣ୍ଡା ସାମାନ୍ୟ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଅପରପକ୍ଷେ ଘନ କୁହୁଡ଼ିରେ ପୁରୀ ଶ୍ରୀମନ୍ଦିର ସତେଯେମିତି ହଜି ଯାଇଥିଲା। ଦିନ ୧୧ଟା ପର୍ଯ୍ୟନ୍ତ ନୀଳଚକ୍ର ଆଦୌ ଦେଖାଯାଉନଥିଲା। ଶ୍ରଦ୍ଧାଳୁମାନେ ପତିତପାବନଙ୍କୁ ବି ଠିକ୍ ଭାବେ ଦର୍ଶନ କରିପାରି ନ ଥିଲେ। ଶ୍ରୀମନ୍ଦିର ସମେତ ବଡ଼ଦାଣ୍ଡ, ସମୁଦ୍ରକୂଳ ଓ ସହରର ସାହି ଗଳିକନ୍ଦିକୁ ଆଚ୍ଛାଦିତ କରି ରଖିଥିଲା କୁହୁଡ଼ି। ଅନେକ ଶ୍ରଦ୍ଧାଳୁ ପ୍ରତିଦିନ ସିଂହଦ୍ୱାରରୁ ପତିତପାବନଙ୍କୁ ଦର୍ଶନ କରିବା ସହ ବଡ଼ଦାଣ୍ଡରୁ ନୀଳଚକ୍ରକୁ ଚାହିଁ ମୁଣ୍ଡିଆ ମାରିଥା'ନ୍ତି। ହେଲେ ମଙ୍ଗଳବାରର କୁହୁଡ଼ି ସେତକ ବି କରାଇ ଦେଇନଥିଲା।

## ବଳଦେବଜୀଉ ମନ୍ଦିର ସମ୍ପତ୍ତି ପୁନରୁଦ୍ଧାର ଦାବିରେ ଆନ୍ଦୋଳନ

# ଆଣ୍ଠେଇ ଦୀପ ଜାଳିଲେ ସେବାୟତ



ବାରିପଦା, ୧୭।୨(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ଲାଗି ରହିଥିବା ଅଚଳାବସ୍ଥା ଦୂର ଦାବିରେ ଆଜି ସେବାୟତମାନେ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ପୂର୍ବ ଚେତାବନୀ ଅନୁସାରେ ସେମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠେଇ ଦୀପ ଜାଳିଛନ୍ତି।

ସେବାୟତମାନଙ୍କ କହିବା କଥା, ୧୫୭୫ ମସିହାରେ ନିର୍ମିତ ବାରିପଦା ଜଗନ୍ନାଥ ମନ୍ଦିର ସହ ଜିଲ୍ଲାର ୧୦ଟି ମଠ ଓ ୧୦ଟି ମନ୍ଦିରର ସୁପରିଚାଳନା ପାଇଁ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ରାଜଗାଦି ଛାଡ଼ିବା ବେଳେ ୪୪,୨୨୧.୯୬ ଏକର ଜମି ଓଡ଼ିଶା ସରକାରଙ୍କୁ ପ୍ରଦାନ କରିଥିଲେ। ଏହି ଜମିରୁ ହେଉଥିବା ଆୟରେ ମନ୍ଦିରର ନିତିକାନ୍ତି ସୁରୁଖୁରୁରେ ଚାଲୁଥିଲା। କିନ୍ତୁ, ଦେବୋତ୍ତର ବିଭାଗର ଅପାରଗତା କାରଣରୁ ଏହି ଜମି କ୍ରମଶଃ ହରିଲୁଟ୍ ହୋଇ ଏବେ ମାତ୍ର ୩,୨୮୯.୭୨ ଏକର ରହିଯାଇଛି। ଠାକୁରଙ୍କ ସମ୍ପତ୍ତି ପୁନରୁଦ୍ଧାର ହେଉନଥିବାରୁ ଠାକୁରଙ୍କ ରୀତିନୀତିରେ ସମସ୍ୟା ଉପୁଜୁଛି। ଦେବତ୍ତୋର ବିଭାଗ ଉପୁଜୁଥିବା ସମସ୍ୟାର ସମାଧାନ କରୁନଥିବା ବେଳେ ବାରମ୍ବାର ଅବହେଳା ପ୍ରଦର୍ଶନ କରିବାରେ ଲାଗିଛନ୍ତି। ହଜାରେ ଏକର ଜମିରେ କାଜୁ ଚାଷ ପାଇଁ ନିଲାମ ଜମିର ଲିଜ୍‌କୁ ନବୀକରଣ ନକରିବା ଫଳରେ ୭ବର୍ଷରେ ୨.୮୯ କୋଟି ଟଙ୍କା ବାକି ପଡ଼ିଛି। ଫଳରେ ବାରମ୍ବାର ଠାକୁରଙ୍କ ରୀତିନୀତିରେ ବାଧା ଉପୁଜିବା ସହିତ ନୀତିକାନ୍ତି ବନ୍ଦ ହେବାକୁ ବସିଛି। ଦେବତ୍ତୋର ଜମିକୁ ଅସାମାଜିକ ବ୍ୟକ୍ତି ମାଡ଼ି ବସିଥିବା ବେଳେ ଏହାର ଉଚ୍ଛେଦ କରାଯାଉନାହିଁ। ମନ୍ଦିର ପାଇଁ ସ୍ଥାୟୀ ଅଫିସର୍ ଓ ଅଧିକ ସେବାୟତ ନିଯୁକ୍ତି କରିବା ସହ ମନ୍ଦିର ପରିଚାଳନା ପାଇଁ ୫୦ କୋଟିର ଅନୁଦାନ ପ୍ରଦାନ କରିବାକୁ ବିକ୍ଷୋଭରତ ସେବାୟତମାନେ ଦାବି କରିଛନ୍ତି। ତେବେ ଅପରାହ୍‌ଣରେ ଜିଲ୍ଲାପାଳ ଶ୍ରୀ ସଏ ଆନ୍ଦୋଳନରତ ସେବାୟତଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଚୌଦ୍ୱାର ଜେଲରେ କଏଦୀଙ୍କ ଗହଣା ଗାଏବ ଘଟଣା

# ଧରାପଡ଼ିବା ଭୟରେ ଟଙ୍କା ଦେଲେ ଅଧୀକ୍ଷକ!

ଚୌଦ୍ୱାର, ୧୭।୨(ସମିସ): ଚୌଦ୍ୱାର ଜେଲ୍‌ରେ ଜଣେ ମହିଳା କଏଦୀଙ୍କ ସୁନା ଅଳଙ୍କାର ଗାଏବ ହେବା ଘଟଣା ନୂଆମୋଡ଼ ନେଇଛି। ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ଆଜି ଅଭିଯୋଗକାରୀ କଏଦୀ ଇତିଶ୍ରୀ ମହାନ୍ତିଙ୍କୁ ଗାଏବ ହୋଇଥିବା ଗହଣା ବାବଦକୁ ବର୍ତ୍ତମାନର ବଜାର ଦର ଅନୁଯାୟୀ ୧ଲକ୍ଷ ୯୦ହଜାର ଟଙ୍କା ଫେରସ୍ତ କରିଛନ୍ତି। ଅପରପକ୍ଷେ, ଟଙ୍କା ପାଇବା ପରେ ଇତିଶ୍ରୀ ଗତ ୮ ତାରିଖ ଦିନ ଚୌଦ୍ୱାର ଥାନାରେ ଅଧୀକ୍ଷକଙ୍କ ନାମରେ କରିଥିବା ମାମଲା ଆଜି ପ୍ରତ୍ୟାହାର କରିନେଇଛନ୍ତି। ଚିନ୍ତାଜନକ ବିଷୟ ହେଉଛି, ଇତିଶ୍ରୀ ଜେଲକୁ ଆସିବା ବେଳେ ସିସିଟିଭି କ୍ୟାମେରା ସମ୍ମୁଖରେ ସୁନାଗହଣା ଜମା ଦେଇଥିଲେ। କିନ୍ତୁ ଗହଣା ହଜିଯିବା ପରେ ଜେଲ୍ କର୍ତ୍ତୃପକ୍ଷ ତାହାକୁ 'ଗୋଲ୍ଡ କୋଟେଡ୍' ବା ନକଲି ସୁନା ବୋଲି କହି ନିଜ ଦୋଷ ଖସାଇବାକୁ ଚେଷ୍ଟା କରିଥିଲେ। ଯଦି ଗହଣା ନକଲି ଥିଲା, ତେବେ ଅଧୀକ୍ଷକ ଆଜି ଲକ୍ଷାଧିକ ଟଙ୍କା କେଉଁ ଆଧାରରେ ଫେରସ୍ତ କଲେ, ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣା ଏବେ ଜେଲ୍ ଭିତରେ ଚାଲିଥିବା ଅନ୍ତଃକନ୍ଦଳ ଓ ଷଡ଼ଯନ୍ତ୍ରକୁ ସ୍ପଷ୍ଟ କରୁଛି। ପୂର୍ବତନ ଜେଲର୍ ସନ୍ତୋଷିନୀ ଦାସଙ୍କୁ ଫସାଇବା ପାଇଁ ଅଧୀକ୍ଷକ ଏଭଳି ଚାଲ୍ ଚଳାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଜେଲ୍ ପରି ଏକ ହାଇ-ସିକ୍ୟୁରିଟି ସ୍ଥାନରେ କଏଦୀଙ୍କ ସମ୍ପତ୍ତି ଗାଏବ ହେବା ଏବଂ ପରେ ତାହାକୁ ଲୁଚାଇବା ପାଇଁ ଟଙ୍କା ଦିଆଯିବା ଜେଲ୍ ପ୍ରଶାସନର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



- ଗହଣା ବଦଳରେ ଫେରାଇଲେ ନଗଦ ଟଙ୍କା
- ସନ୍ଦେହ ଘେରରେ ଜେଲ୍ କର୍ତ୍ତୃପକ୍ଷ
- ସୁନାକୁ 'ଗୋଲ୍ଡ କୋଟେଡ୍' କହି ଫାଙ୍କୁଥିଲେ
- ଏବେ ୧ ଲକ୍ଷ ୯୦ ହଜାର ଦେଲେ କାହିଁକି?

ସୂଚନାନୁଯାୟୀ, ମାହାଙ୍ଗା ଥାନା ଶୁକ୍ଳେଶ୍ୱର ଗ୍ରାମର ଇତିଶ୍ରୀ ବିଚାର ବିଭାଗୀୟ ହାଜତରେ ଥିବା ସମୟରେ ତାଙ୍କଠାରୁ ରଖାଯାଇଥିବା ସୁନା ଅଳଙ୍କାର ଜେଲ୍ କର୍ତ୍ତୃପକ୍ଷ ଗାଏବ କରିଦେଇଥିବା ନେଇ ସେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଇତିଶ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଗହଣା ଗାଏବ ହେବା ପରେ ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ପୂର୍ବତନ ଜେଲର୍ ସନ୍ତୋଷିନୀ ଦାସଙ୍କ ନାମରେ ଏତଲା ଦେବାକୁ ପ୍ରବର୍ତ୍ତାଇଥିଲେ। ଏପରିକି, ଘଟଣାକୁ ଚାପି ଦେବା ପାଇଁ ତାଙ୍କୁ ଟଙ୍କାର ପ୍ରଲୋଭନ ମଧ୍ୟ ଦେଖାଇଥିଲେ। ମାତ୍ର, ଇତିଶ୍ରୀ ଏଥିରେ ସମ୍ମତ ନ ହୋଇ ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମରେ ହିଁ ଏତଲା ଦେଇଥିଲେ। ପରବର୍ତ୍ତୀ ସମୟରେ ଜେଲ୍ ଡିଆଇଜି ଅନସୂୟା ଜେନା ଘଟଣାର ଗମ୍ଭୀରତାର ସହ ନେଇ ଇତିଶ୍ରୀଙ୍କ ବୟାନ ରେକର୍ଡ କରିବା ସହ ୭ଦିନ ମଧ୍ୟରେ ଅଳଙ୍କାର ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ

# ୨୩ରେ ଜାମିନ ଆବେଦନର ଏକତ୍ର ଶୁଣାଣି

କଟକ,୧୭।୨(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି)ର ଏସଆଇ ପରୀକ୍ଷା କେଳେଙ୍କାରୀ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି ଆସନ୍ତା ଫେବୃଆରୀ ୨୩ତାରିଖରେ ହେବ ବୋଲି ହାଇକୋର୍ଟ କହିଛନ୍ତି। ମୁନା ମହାନ୍ତି, ପ୍ରିୟଦର୍ଶିନୀ ସାମଲ, ଟି.ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା, ଲୋକନାଥ ସାହୁ, ସାଗର କୁମାର ଗୌଡ଼, ତଫିକ ଅହମ୍ମଦ ଖାନ, ସୁରେଶଚନ୍ଦ୍ର ନାୟକଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ତଦନ୍ତ କରୁଥିବା ସିବିଆଇ ତରଫରୁ ଚାର୍ଜସିଟର କପି ହାଇକୋର୍ଟରେ ଦାଖଲ କରାଯାଇଛି।

## ବିଜୁଳି ଶୁଳ୍କ ବୃଦ୍ଧି ଶୁଣାଣି

# ପରିଚାଳନା ବ୍ୟୟକୁ ନେଇ ଆୟୋଗ କ୍ଷୁବ୍ଧ

## ୩ କିଲୋୱାଟ ପର୍ଯ୍ୟନ୍ତ ମିଟର ଭଡ଼ା ଛାଡ଼ ପାଇଁ ଶକ୍ତି ସମୀକ୍ଷକଙ୍କ ଦାବି

ଭୁବନେଶ୍ୱର,୧୭।୨(ସମିସ): ଆସନ୍ତା ବର୍ଷ (୨୦୨୬-୨୭)ର ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପାଇଁ ମଙ୍ଗଳବାର ବାଲେଶ୍ୱରଠାରେ ଟିପିଏନଓଡିଏଲ (ଟାଟା ପାୱାର ଉତ୍ତର ଓଡ଼ିଶା ବିତରଣ କମ୍ପାନୀ)ର ରାଜସ୍ୱ ଆବଶ୍ୟକତା ଓ ଟାରିଫ ଦରଖାସ୍ତ ଉପରେ ଓଇଆରସି ଜନଶୁଣାଣି କରିଛନ୍ତି। ଚଳିତ ବର୍ଷର ଟାରିଫ ଅନୁସାରେ ଆସନ୍ତା ବର୍ଷରେ ୪୬୯୪ କୋଟି ଟଙ୍କା ଉପଭୋକ୍ତାଙ୍କ ଠାରୁ ଅଦାୟ କରିବାକୁ କମ୍ପାନୀ ଯୋଜନା କରିଥିବାବେଳେ ଅଣ-ଟାରିଫ ଆୟ ବାବଦକୁ ୧୯୬ କୋଟିଟଙ୍କା ପାଇବ। ତେଣୁ କମ୍ପାନୀ ୪୮୮୯ କୋଟି ଟଙ୍କା ସମୁଦାୟ ରାଜସ୍ୱ ଅଦାୟ ଆକଳନ କରି ନିଅଣ୍ଟ ରାଜସ୍ୱ ପରିମାଣକୁ ୨୬୩ କୋଟି ଟଙ୍କା ଦର୍ଶାଇଛି। ତେବେ ଶୁଣାଣି ସମୟରେ ବାର୍ଷିକ ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ କମ୍ପାନୀ ଆକଳନ କରିଥିବା ୧୪୮୬ କୋଟି ଟଙ୍କାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା। ଟାଟା ପାୱାର ଦାୟିତ୍ୱ ନେବା ପୂର୍ବରୁ ଯାହା ଖର୍ଚ୍ଚ ହେଉଥିଲା ୫ ବର୍ଷପରେ ତାହା ବହୁଗୁଣରେ ବୃଦ୍ଧି ପାଇଛି। ମାତ୍ର ତୁଳନାତ୍ମକ ଭାବେ ବିଦ୍ୟୁତ ସେବାର ମାନ ବୃଦ୍ଧି ହୋଇନାହି। ତେଣୁ ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କାଟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏପରିକି ଓଡ଼ିଶାରେ ଟାଟା ପାୱାର ପରୋକ୍ଷ ଭାବେ ନିଯୁକ୍ତ କରିଥିବା ପ୍ରାୟ ୫୨୦୦୦ କର୍ମଚାରୀ ଓ ନିୟମିତ ଭାବେ କାର୍ଯ୍ୟ କରୁଥିବା ୧୩୫୦୦ କର୍ମଚାରୀ କଣ କରୁଛନ୍ତି ବୋଲି ଶ୍ରୀ ଜେନା ପ୍ରଶ୍ନ କରିବା ସହ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବା ଶୁଣାଣି ସମୟରେ ଉପସ୍ଥିତ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି।

ଟିପିଏନଓଡିଏଲ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ଓ ସାଧାରଣ ପରିଚାଳକ ମଳଞ୍ଚା ଘୋଷ ଦରଖାସ୍ତ ଉପସ୍ଥାପନ କରିଥିଲେ। ଟିପିଏନଓଡିଏଲ ୨୦୨୬-୨୭ରେ ଗ୍ରୀଡକୋଠାରୁ ୮୮୫୪ ନିୟୁତ ୟୁନିଟ କ୍ରୟକରି ୭୮୦୨ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରି କରିବା ପାଇଁ ସମୁଦାୟ ୫୧୫୨ କୋଟି ଟଙ୍କା ଆବଶ୍ୟକ କରୁଛି। ଚଳିତ ବର୍ଷପାଇଁ ବିତରଣ କ୍ଷତି ୧୨.୯୬ ପ୍ରତିଶତ ଅନୁମୋଦନ ହୋଇଥିବାବେଳେ ଆସନ୍ତା ବର୍ଷପାଇଁ ୧୧.୮୮ ପ୍ରତିଶତ ହେବ ବୋଲି କମ୍ପାନୀ କହିଛି। ଅନ୍ୟପକ୍ଷରେ ପୂର୍ବତନ ବିଦ୍ୟୁତ ନିରୀକ୍ଷକ ଅକ୍ଷୟ ସାହାନୀ କମ୍ପାନୀର ୧୧.୮୮ ପ୍ରତିଶତ ବିତରଣ କ୍ଷତି ଉପରେ ପ୍ରଶ୍ନ ଉଠାଇ ତାହାକୁ ହେରଫେର କରାଯାଇଥିବା ଶୁଣାଣି ସମୟରେ ଅଭିଯୋଗ କରିଛନ୍ତି। ଶକ୍ତି ସମୀକ୍ଷକ ରମେଶ ଶତପଥି ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ହେଉଥିଲେ ବି ଟାରିଫ ବୃଦ୍ଧି କାହିଁକି ହେବ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ସୂର୍ଯ୍ୟଘର ଯୋଜନାରେ ୩ କିଲୋଓବାଟ ପର୍ଯ୍ୟନ୍ତ ସବସିଡ଼ି ବ୍ୟବସ୍ଥା ଥିବାବେଳେ ୨ କିଲୋୱାଟ ପର୍ଯ୍ୟନ୍ତ ଉପଭୋକ୍ତାଙ୍କ ମିଟର ଦେୟ ଛାଡ଼ କାହିଁକି ବୋଲି ଆନନ୍ଦ ମହାପାତ୍ର ପ୍ରଶ୍ନ କରିଛନ୍ତି। ତେଣୁ ୩ କିଲୋୱାଟ ପର୍ଯ୍ୟନ୍ତ ଉପଭୋକ୍ତାର ମିଟର ଭଡା ଛାଡ କରାଯାଉ ଓ ଆବଶ୍ୟକୀୟ ପୁଞ୍ଜିଖର୍ଚ୍ଚକୁ ଟାରିଫରେ ଅନୁମୋଦନ କରାଯାଉ ବୋଲି ସେ ଅନୁରୋଧ କରିଛନ୍ତି ରାଜ୍ୟ ଉପଦେଷ୍ଟା କମିଟି ସଭ୍ୟ ପ୍ରଭାକର ଦୋରା ଟାଟା ପ୍ରଣିତ କରିଥିବା ମୋ ବିଦ୍ୟୁତ ପୋର୍ଟାଲରେ ଥିବା ତ୍ରୁଟିଗୁଡିକୁ ସଂଶୋଧନ କରିବା ପାଇଁ ଯୁକ୍ତି ଉପସ୍ଥାପନ କରିଛନ୍ତି।। ଶକ୍ତି ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଏହି ଅବସରରେ ଉପସ୍ଥିତ ଥିଲେ ।

## ୧୯ରୁ ମାଟ୍ରିକ୍ ପରୀକ୍ଷା

# କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷାର୍ଥୀଙ୍କୁ ମିଳିବ ଅଧିକ ୧୫ମିନିଟ୍

କଟକ,୧୭ ।୨(ସମିସ): ଫେବୃୟାରୀ ୧୯ରୁ ଆରମ୍ଭ ହେବାକୁ ଥିବା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ ଏବଂ କପିମୁକ୍ତ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷାର୍ଥୀମାନଙ୍କୁ ଏଥର ଅଧିକ ୧୫ ମିନିଟ ସମୟ ମିଳିବ। ବିଭିନ୍ନ ଜରୁରୀକାଳୀନ ପରିସ୍ଥିତି କାରଣରୁ ପରୀକ୍ଷାର୍ଥୀମାନଙ୍କ କେନ୍ଦ୍ରରେ ପ୍ରବେଶ କରିବା ବିଳମ୍ବ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପରୀକ୍ଷାର୍ଥୀଙ୍କୁ କେନ୍ଦ୍ରରେ ପ୍ରବେଶ ପାଇଁ ଅତିରିକ୍ତ ୧୫ମିନିଟ୍ ସମୟ ଦିଆଯିବ। ପୂର୍ବରୁ ସକାଳ ୯ଟା ୧୫ ପର୍ଯ୍ୟନ୍ତ ପ୍ରବେଶ ଅନୁମତି ଥିବା ବେଳେ ଏବେ ଏହାକୁ ସାଢ଼େ ୯ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ତେବେ ସାଢ଼େ ୯ଟା ପରେ ଆଉ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୋଟିଏ ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ବିଳମ୍ବରେ ଅର୍ଥାତ ସାଢ଼େ ୯ଟା ସୁଦ୍ଧା ପ୍ରବେଶ କରିଥିବା ପରୀକ୍ଷାର୍ଥୀଙ୍କୁ ମଧ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କ ଭଳି ପରୀକ୍ଷା ଶେଷ ସମୟ ତଥା ଦିନ ସାଢ଼େ ୧୧ଟା ସୁଦ୍ଧା ପରୀକ୍ଷା ଖାତା ପରୀକ୍ଷକଙ୍କୁ ହସ୍ତାନ୍ତର କରିବାକୁ ହେବ। ସକାଳ ୮ଟା ୧୫ରୁ ପରୀକ୍ଷା କେନ୍ଦ୍ର ଭିତରକୁ ପରୀକ୍ଷାର୍ଥୀମାନଙ୍କ ପ୍ରବେଶ ମୁଖ୍ୟ ଫାଟକ ଦେଇ ଆରମ୍ଭ ହେବ। ଏହି ସମୟରେ ଚେକିଂ ଶେଷ ପରେ ପରୀକ୍ଷା ହଲରେ ପରୀକ୍ଷାର୍ଥୀମାନେ ସକାଳ ସାଢ଼େ ୮ଟା ସୁଦ୍ଧା ପହଞ୍ଚିବେ ଓ ସକାଳ ୮ଟା ୪୫ରେ ଓଏମଆର ସିଟ୍ ପ୍ରଦାନ କରାଯିବ।

## ସିସିଟିଭି ବଳୟରେ ସମସ୍ତ ନୋଡାଲ ଓ ପରୀକ୍ଷା କେନ୍ଦ୍ର

ସମସ୍ତ ୩୨୨ଟି ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଯାଇ ସାରିଛି। ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏଥର ସମସ୍ତ ୩୦୮୨ଟି ପରୀକ୍ଷା କେନ୍ଦ୍ର ଓ ୩୨୨ ନୋଡାଲ ସେଣ୍ଟରରେ ସିସିଟିଭି ଓ ଏଆଇ କ୍ୟାମେରା ଲଗାଯାଇଛି। ବୋର୍ଡର କେନ୍ଦ୍ରୀୟ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ରୁମ୍‌ରୁ ପରୀକ୍ଷା ପ୍ରକ୍ରିୟାକୁ ସମସ୍ତ କେନ୍ଦ୍ରକୁ ସିଧାସଳଖ ତଦାରଖ କରାଯାଉଛି। ଯଦି କୌଣସି ଛାତ୍ରଛାତ୍ରୀ କପି କରୁଥିବା କିମ୍ବା କେହି କପି ଯୋଗାଉଥିବା ବେଳେ ଧରାପଡ଼ନ୍ତି, ସେମାନଙ୍କ ବିରୋଧରେ ଆଇନଗତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି, ପ୍ରଶ୍ନପତ୍ର ମହଜୁଦ ଥିବା ନୋଡାଲ ସେଣ୍ଟର ଷ୍ଟ୍ରଙ୍ଗରୁମକୁ କମାଣ୍ଡ କଣ୍ଟ୍ରୋଲ ରୁମ୍ ସହ ସଂଯୋଗ କରାଯାଇ ଏହା ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା କୁହାଯାଇଛି।

ଅନ୍ୟପଟେ, ଭିନ୍ନକ୍ଷମ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ସାରିବା ପାଇଁ ଅତିରିକ୍ତ ୫୦ ମିନିଟ୍ ସମୟ ପ୍ରଦାନ କରାଯିବ। ଏହି ପରୀକ୍ଷାର୍ଥୀଙ୍କ ପାଇଁ କେନ୍ଦ୍ର ପକ୍ଷରୁ ସ୍କ୍ରାଇବ୍ ଯୋଗାଇ ଦିଆଯିବ। ଏହାବାଦ୍ ସେମାନେ ନିଜ ପସନ୍ଦର ଜଣେ ସ୍କ୍ରାଇବ୍ ଆଣିପାରିବେ, ମାତ୍ର ସେହି ସ୍କ୍ରାଇବ୍ ଦଶମ ଶ୍ରେଣୀରୁ କମ୍ ଶ୍ରେଣୀର ହୋଇଥିବା ଆବଶ୍ୟକ। ପ୍ରକାଶଥାଉକି, ଚଳିତ ବର୍ଷ ରାଜ୍ୟର ୩୦୮୨ଟି କେନ୍ଦ୍ରରେ ଆସନ୍ତା ୧୯ରୁ ମାର୍ଚ୍ଚ ୨ ତାରିଖ ଯାଏ ହେବାକୁ ଥିବା ପରୀକ୍ଷାରେ ମୋଟ ୫,୬୧,୯୭୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଯାଉଛନ୍ତି।



ରଣଜୀ ଟ୍ରଫି:
ସାମିଙ୍କୁ ୮ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-233 ◆WEDNESDAY ◆18 FEBRUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୩୩ ◆ବୁଧବାର ◆୧୮ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ

# ରାଜ୍ୟପାଳ ଦେଖାଇଲେ 'ସୁନେଲି ସ୍ୱପ୍ନ'



- ୨୦୪୭ ବେଳକୁ ମୁଣ୍ଡପିଛା ଆୟ ୩୨ ଲକ୍ଷ
- ୧.୫ ଟ୍ରିଲିଅନ୍‌ରେ ପହଞ୍ଚିବ ରାଜ୍ୟ ଅର୍ଥନୀତି
- ଇସ୍ପାତ ଉତ୍ପାଦନରେ ଓଡ଼ିଶା ଦେଶରେ ପ୍ରଥମ
- ୨୫ ବର୍ଷରେ ଫସଲ ଉତ୍ପାଦନ ବୃଦ୍ଧି ୩ ଗୁଣ
- ୫ ବର୍ଷରେ ରାଜ୍ୟରେ ୪୮ ମାଓବାଦୀ ନିପାତ
- ଅଭିଭାଷଣ ବେଳେ ବିରୋଧୀଙ୍କ କକ୍ଷତ୍ୟାଗ

■ ଭୁବନେଶ୍ୱର, ୧୭।୨ (ସମିସ): ଆରମ୍ଭ ହୋଇଛି ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ। ପରମ୍ପରା ଅନୁସାରେ ବଜେଟ୍ ଅଧିବେଶନ ପ୍ରାରମ୍ଭରେ ରାଜ୍ୟପାଳ ନିଜର ଅଭିଭାଷଣ ପ୍ରଦାନ କରିଛନ୍ତି । ଦେଶ ସ୍ୱାଧୀନତାର ଶତବାର୍ଷିକୀ ଅର୍ଥାତ୍ ୨୦୪୭ ବେଳକୁ ରାଜ୍ୟ ଅର୍ଥନୀତି ୧.୫ ଟ୍ରିଲିଅନ ଡଲାରରେ ପହଞ୍ଚିବ ବୋଲି ରାଜ୍ୟ ସରକାର ଦେଖାଇଥିବା ସୁନେଲି ସ୍ୱପ୍ନ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରେ ପ୍ରତିଫଳିତ ହୋଇଛି। ଏହି ସ୍ୱପ୍ନ ଏତିକିରେ ସରିନାହିଁ; ବର୍ତ୍ତମାନ ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୧.୮ ଲକ୍ଷ ଟଙ୍କା ଥିବାବେଳେ ୨୦୪୭ ବେଳକୁ ଏହା ୩୨ ଲକ୍ଷ ଟଙ୍କାରେ ପହଞ୍ଚିବ ଓ ଲୋକଙ୍କ ହାରାହାରି ଆୟୁ ୮୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ବହୁମୁଖୀ ଦାରିଦ୍ର୍ୟ ୫ ପ୍ରତିଶତ ହ୍ରାସ ପାଇବ, ଦେଶର ଜିଡ଼ିପିରେ ଓଡ଼ିଶାର ଅବଦାନ ୩%ରୁ ୫%କୁ ବୃଦ୍ଧି ପାଇବା ସହିତ ବାର୍ଷିକ ଅଭିବୃଦ୍ଧି ହାର ୭ ପ୍ରତିଶତରୁ ୯ ପ୍ରତିଶତକୁ ବୃଦ୍ଧି କରାଯିବ ବୋଲି ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଥିବା ରାଜ୍ୟପାଳ ବଖାଣିଛନ୍ତି। ୬୭ ପୃଷ୍ଠାର ଅଭିଭାଷଣ ପୁସ୍ତିକାରେ ରାଜ୍ୟ ସରକାର ଉଲ୍ଲେଖ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ, ଲକ୍ଷ୍ୟ, ସଂକଳ୍ପ ଓ ସଫଳତାକୁ ରାଜ୍ୟପାଳ ବର୍ଣ୍ଣନା କରିଛନ୍ତି ।

ରାଜ୍ୟପାଳ କହିଛନ୍ତି ଯେ ସାମଗ୍ରିକ ଭାବରେ ସରକାର ଓଡ଼ିଶାକୁ ଏକ ସ୍ଥିର ଓ ବିକାଶ ପଥରେ ଆଗକୁ ନେଉଛନ୍ତି। ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ ଭାବରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ମେଗା ପ୍ରକଳ୍ପଗୁଡ଼ିକ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଓଡ଼ିଶାକୁ ସେମି କଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କେନ୍ଦ୍ର ଭାବେ ପରିଚିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ନିଆଯାଉଛି। ରାଜ୍ୟପାଳ ପୁଣି କହିଛନ୍ତି ଯେ ଓଡ଼ିଶାରେ ବର୍ତ୍ତମାନ ୫୫ଟି ଇସ୍ପାତ କାରଖାନା କାର୍ଯ୍ୟକ୍ଷମ ▶ପୃଷ୍ଠା-୭

## କଥା ବଡ଼, କାମ କମ୍: ନବୀନ

### ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ



■ ଭୁବନେଶ୍ୱର, ୧୭।୨ (ସମିସ): ବିଧାନସଭାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣକୁ କେବଳ କଥା ବଡ଼ ଓ କାମ କମ୍ ବୋଲି ମତ ଦେଇଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ବିଧାନସଭା ପରିସରରେ ନବୀନ କହିଛନ୍ତି ଯେ ଏହି ସରକାରରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି ବୋଲି ମୁଁ ବାରମ୍ବାର କହି ଆସିଛି। ଓଡ଼ିଶାରୁ ଆଇନ ଶୃଙ୍ଖଳା ଓ ହିଂସା ନେଇ ଯେତେ ଖବର/ଘଟଣା ସାମ୍ନାକୁ ଆସୁଛି, ସେପରି ଭାରତ ବର୍ଷରେ କୌଣସି ରାଜ୍ୟରେ ଦେଖିବାକୁ ମିଳୁନାହିଁ । ମାତ୍ର ରାଜ୍ୟପାଳଙ୍କ ଅଭିଭାଷଣ କେବଳ ଶବ୍ଦରେ ଦୀର୍ଘ ରହିଛି ସିନା, କାମ କଥା ଏଥିରେ କମ୍ ରହିଛି ବୋଲି ନବୀନ କହିଛନ୍ତି।

### ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍

## ବେଙ୍ଗାଲୁରୁ ହେବ ବିଶ୍ୱର ପ୍ରଥମ ଏଆଇ ସହର

■ ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି): ଦେଶର ଟେକ୍ ସିଟି ରୂପେ ପରିଚିତ ବେଙ୍ଗାଲୁରୁ ହେବ ବିଶ୍ୱର ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସହର। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଭାରତ୧ ଡଟ୍ ଏଆଇ ଏ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ରୋବୋଟିକ୍ ଏବଂ ଏଆଇ-ସମ୍ବନ୍ଧୀୟ ସିଷ୍ଟମ୍ ମଡେଲ୍ ନିର୍ମାଣ କରିବ।

ଭାରତ୧ ଡଟ୍ ଏଆଇ (bharat1.AI) ବେଙ୍ଗାଲୁରୁରେ ବିଶ୍ୱର ପ୍ରଥମ 'ମାନବତା-ଏଆଇ ସହର ପ୍ରତିଷ୍ଠା କରିବ। ବେଙ୍ଗାଲୁରୁର ସରଜାପୁରଠାରେ ଏକ ଏଆଇ ଗବେଷଣା ଏବଂ ନବସୃଜନ କ୍ୟାମ୍ପସ୍ ପ୍ରତିଷ୍ଠା କରାଯିବ, ଯାହା ପ୍ରାୟ ୫ ଲକ୍ଷ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମାଣ ହେବ। ଏହାର ପ୍ରଥମ ପର୍ଯ୍ୟାୟ କାମ ଆରମ୍ଭ ହେବ, ଯେଉଁଠାରେ ୟୁନିଭର୍ସାଲ୍ ବେସିକ୍ ଇଣ୍ଟେଲିଜେନ୍ସ ଫ୍ରେମୱାର୍କର ପରୀକ୍ଷା ଏବଂ ବିକାଶ କରାଯିବ।। କମ୍ପାନୀ କହିଛି ଯେ ଏହା ପରୀକ୍ଷିତ ନ ହୋଇଥିବା ଏଆଇ ମଡେଲଗୁଡ଼ିକର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଏକ ସୁରକ୍ଷିତ ପରୀକ୍ଷଣ ଅଞ୍ଚଳ ସ୍ଥାପନ କରୁଥିବା ଭାରତ୧ଡଟ୍ଏଆଇର ସହ-ପ୍ରତିଷ୍ଠାତା ଏବଂ ସିଇଓ ଉମାକାନ୍ତ ସୋନୀ କହିଛନ୍ତି।। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିପ୍ଳବ ଏକ ପ୍ରମୁଖ ମୋଡ଼ ନେଇଛି । ଏହା ଆଉ ପରୀକ୍ଷାଗାରରେ ସୀମିତ ନୁହେଁ, ବରଂ ସମାଜର ଏକ ଅଂଶ ମଧ୍ୟ ହୋଇଯାଉଛି । ତେଣୁ, ଏହାକୁ ବଡ଼

**ଭାରତ୧ଡଟ୍ଏଆଇ କଲା ଘୋଷଣା**

ସ୍ତରରେ କାର୍ଯ୍ୟକାରୀ କରିବା ପୂର୍ବରୁ ଉପଯୁକ୍ତ ପରୀକ୍ଷଣ ଅତ୍ୟନ୍ତ ଜରୁରି, ନଚେତ୍ ଏହା ବିପଜ୍ଜନକ ହୋଇପାରେ। ଭାରତରେ ଏଆଇ ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀ ବି୧ ଏଆଇ ସୁପରପାର୍କ ଉପରେ ମଧ୍ୟ କାମ କରୁଛି। ଯଦି ଏହି ପରୀକ୍ଷଣ ସଫଳ ହୁଏ, ତେବେ ବେଙ୍ଗାଲୁରୁ ପ୍ରଯୁକ୍ତିବିଦ୍ୟା ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିଷ୍ଠା କରିବ ।

## ୭ରେ ଆସିବେ ଶାହ



■ ଭୁବନେଶ୍ୱର, ୧୭।୨ (ସମିସ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଆସନ୍ତା ମାର୍ଚ୍ଚ ୭ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ଶ୍ରୀ ଶାହ କଟକର ମୁଣ୍ଡୁଳି ସିଆରପିଏଫର ପ୍ରତିଷ୍ଠା ଦିବସରେ ଯୋଗ ଦେବେ। ଏହା ସହିତ ସେ ରାଜ୍ୟରେ ନକ୍ସଲ ଦମନ ଓ ଭାରତୀୟ ନ୍ୟାୟ ସଂହିତାର କାର୍ଯ୍ୟକାରିତା ସମୀକ୍ଷା କରିପାରନ୍ତି ବୋଲି ସୂଚନା ମିଳିଛି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମଗ୍ର ଦେଶରେ ନକ୍ସଲଙ୍କୁ ମୂଳପୋଛ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି।

## ଆଜିଠୁ ଯୁକ୍ତ ୨ ପରୀକ୍ଷା

### କପି ରୋକିବାକୁ ୫ ଥାକିଆ ସ୍କ୍ୱାଡ୍ ବ୍ୟବସ୍ଥା

■ ଭୁବନେଶ୍ୱର, ୧୭।୨ (ସମିସ): ସାରା ରାଜ୍ୟରେ ଆସନ୍ତାକାଲି ଅର୍ଥାତ୍ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି ଯୁକ୍ତ ୨ ପରୀକ୍ଷା। ପ୍ରଥମ ଦିନ ବିଜ୍ଞାନ ବର୍ଗ ଛାତ୍ରଛାତ୍ରୀଙ୍କ ମାତୃଭାଷା ପରୀକ୍ଷା ରହିଛି। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଠିକ୍ ୧୦ଟା ରୁ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ଆରମ୍ଭର ଅଧ ଘଣ୍ଟା ପୂର୍ବରୁ ଅର୍ଥାତ୍ ୯ଟା ୩୦ରେ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିବେ। ୧୫ ମିନିଟ୍ ମଧ୍ୟରେ ଅର୍ଥାତ୍ ୯ଟା ୪୫ ସୁଦ୍ଧା ନିଜ ନିଜ ସିଟ୍‌ରେ ବସିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ପରୀକ୍ଷା ଆରମ୍ଭର ୧୦ ମିନିଟ୍ ପୂର୍ବରୁ ଉତ୍ତରଖାତା ଓ ୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ପ୍ରଶ୍ନପତ୍ରରେ କୌଣସି ତ୍ରୁଟି ଥିଲେ ପିଲାମାନେ ତୁରନ୍ତ ପରୀକ୍ଷକଙ୍କୁ ଅବଗତ କରିବେ। ଠିକ୍ ୧୦ଟାରୁ ପିଲାମାନେ ଲେଖିବା ▶ପୃଷ୍ଠା-୭

**ଛାତ୍ରଛାତ୍ରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବ ସିସିଟିଭି**

## ଏପ୍ରିଲରେ ୪ ରାଜ୍ୟରେ ବିଧାନସଭା ନିର୍ବାଚନ !

■ ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି): ଆସନ୍ତା ଏପ୍ରିଲ ମାସରେ ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ହୋଇପାରେ ବିଧାନସଭା ନିର୍ବାଚନ। ଏଥିପାଇଁ ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି ରାଜ୍ୟଗୁଡ଼ିକ ହେଲା ପଶ୍ଚିମ ବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀ। ଏପ୍ରିଲ ମାସର ବିଭିନ୍ନ ତାରିଖରେ ନିର୍ବାଚନ ହୋଇପାରେ। ନିର୍ବାଚନ କମିସନ ଆସନ୍ତା ମାର୍ଚ୍ଚ ମାସ ମଧ୍ୟଭାଗରେ ତାରିଖ ଘୋଷଣା କରିପାରନ୍ତି ବୋଲି ଜଣାପଡ଼ିଛି ।

ମିଳିଥିବା ସୂଚନା ଅନୁଯାୟୀ ନିର୍ବାଚନ କମିସନ ସଂପୃକ୍ତ ରାଜ୍ୟ ଗସ୍ତ କରି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି। ଏହିସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭାର କାର୍ଯ୍ୟକାଳ

**ମାର୍ଚ୍ଚ ମଧ୍ୟଭାଗରେ ତାରିଖ ଘୋଷଣା**

ମଇ ଏବଂ ଜୁନରେ ଶେଷ ହେବାକୁ ଯାଉଛି। ପୁଡୁଚେରୀ ବିଧାନସଭା କାର୍ଯ୍ୟକାଳ ଜୁନ ୧୫ରେ ଶେଷ ହେଉଥିବା ବେଳେ ଆସାମରେ ମଇ ୨୦, କେରଳରେ ମଇ ୨୩, ତାମିଲନାଡୁରେ ମଇ ୧୦ ଏବଂ ପଶ୍ଚିମବଙ୍ଗ ବିଧାନସଭା କାର୍ଯ୍ୟକାଳ ମଇ ୭ ତାରିଖରେ ଶେଷ ହେବ ।

ଏହିସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି। ପୁଡୁଚେରୀରେ ଗତ ୧୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ତାମିଲନାଡୁରେ ୨୩ ତାରିଖରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। କେରଳରେ ଆସନ୍ତା ୨୧ ତାରିଖରେ ଏବଂ ପଶ୍ଚିମ ବଙ୍ଗରେ ଆସନ୍ତା ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଆସାମରେ ଏସଆଇଆର ବଦଳରେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଜରିଆରେ ଭୋଟର ତାଲିକା ସଂଶୋଧନ କରାଯିବା ସହିତ ଗତ ୧୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା।

### ବିଜେବି କଲେଜରେ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅଶାଳୀନ ବ୍ୟବହାର

## ତଦନ୍ତ ରିପୋର୍ଟରେ ସାଂଘାତିକ ତଥ୍ୟ

■ ଭୁବନେଶ୍ୱର, ୧୭।୨ (ସମିସ): କ୍ଲାସ୍‌ରେ କେହି ଅନୁପସ୍ଥିତ ରହିପାରିବେ ନାହିଁ। ଯିଏ ଅନୁପସ୍ଥିତ ରହିବ, ତାଙ୍କ ପୋଷାକ ଖୋଲି ବାହାରେ ଠିଆ କରାଇ ଦିଆଯିବ। ଶ୍ରେଣୀ ଗୃହକୁ ଛାତ୍ରୀମାନେ ଲିପଷ୍ଟିକ୍ ଲଗାଇ ଆସି ପାରିବେ ନାହିଁ, ଏହି ନିର୍ଦ୍ଦେଶକୁ ଅମାନ୍ୟ କରୁଥିବା ଛାତ୍ରୀଙ୍କୁ ଦିଆଯାଉଥିଲା ମାନସିକ ନିର୍ଯାତନା। ପୁରୁଷ ବନ୍ଧୁଙ୍କୁ ଚୁମ୍ବନ କଲାବେଳେ କିଛି ଅସୁବିଧା ହେଉନାହିଁ କି ବୋଲି ଆପତ୍ତିଜନକ ଟିପ୍ପଣୀ ଅଧ୍ୟାପକଙ୍କଠାରୁ ଶୁଣିବାକୁ ମିଳୁଥିଲା। ଏହି ଘଟଣା ରାଜ୍ୟର ଅନ୍ୟ କେଉଁଠାରେ ନୁହେଁ, ଖୋଦ ରାଜଧାନୀର ସବୁଠୁ ପ୍ରତିଷ୍ଠିତ ବିଜେବି କଲେଜରେ ଘଟିଛି ଏହି ଘଟଣା। ଓଡ଼ିଆ ବିଭାଗର ଜଣେ ଅଧ୍ୟାପକ ଦୀର୍ଘଦିନ ଧରି ଏପରି ମାନସିକ ନିର୍ଯାତନା ଦେଉଥିବା ସଂକ୍ରାନ୍ତରେ ଛାତ୍ରୀମାନଙ୍କ ଲିଖିତ ଅଭିଯୋଗ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ତଦନ୍ତ ରିପୋର୍ଟରେ ସଂଲଗ୍ନ କରାଯାଇଛି। ବିଡ଼ମ୍ବନା ହେଉଛି ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ରହସ୍ୟମୟ ନିରବତା ଅବଲମ୍ବନ କରିଛି ।

**କାର୍ଯ୍ୟାନୁଷ୍ଠାନ ବଦଳରେ ଘଣ୍ଟ ଘୋଡ଼ାଉଛି ଉଚ୍ଚଶିକ୍ଷା ବିଭାଗ**

ସମ୍ପୃକ୍ତ ଅଧ୍ୟାପକଙ୍କ ମାନସିକ ନିର୍ଯାତନା, ଅଶାଳୀୟ ଶବ୍ଦ ପ୍ରୟୋଗ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ଓ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଘଟଣାର ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଗଲା। ଏହି ତଦନ୍ତ ସମୟରେ ଛାତ୍ରୀମାନେ ଅଧ୍ୟାପକଙ୍କ ଦ୍ୱାରା ହେଉଥିବା ନିପୀଡ଼ନ ସମ୍ପର୍କରେ କରିଛନ୍ତି ସାଂଘାତିକ ଅଭିଯୋଗ। କ୍ଲାସରେ ପଢ଼ାଇଲା ବେଳେ ସମ୍ପୃକ୍ତ ଅଧ୍ୟାପକ ଅଶ୍ଳୀଳ ଭାଷା ପ୍ରୟୋଗ କରୁଥିଲେ। ଉଦାହରଣ ଆଳରେ ପାର୍କରେ ବସିଥିବା ପ୍ରେମୀଯୁଗଳଙ୍କ କଥା କହି ଖରାପ ଇଙ୍ଗିତ କରୁଥିଲେ। ଉଦ୍ଦେଶ୍ୟମୂଳକ ଭାବରେ ▶ପୃଷ୍ଠା-୭

### ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ଚିକିତ୍ସାଧୀନ ପିଇଓଙ୍କ ମୃତ୍ୟୁ



■ ବ୍ରହ୍ମପୁର, ୧୭।୨ (ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ତହସିଲର ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର ଅଭିଯୋଗ ହୋଇଥିଲା। ଯେଉଁ ପିଇଓଙ୍କ ବିରୋଧରେ ଅଭିଯୋଗ ହୋଇଥିଲା, ସେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଭାବେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଏଠାକାର ସେଣ୍ଟ୍ରାଲ ଆଇୟସିୟୁରେ ଚିକିତ୍ସାଧିନ ଥିଲେ। ମଙ୍ଗଳବାର ଅପରାହ୍ନ ୩ଟା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶରେ ତାଙ୍କ ଶବ ସତ୍କାର କରାଯାଇଛି। ତେବେ ପିଇଓଙ୍କ ▶ପୃଷ୍ଠା-୭

## କଟକରେ ପୁଣି ଜଣ୍ଡିସ ଆତଙ୍କ

### ଦୁଇଟି ୱାର୍ଡରେ ୨୦ରୁ ଅଧିକ ଆକ୍ରାନ୍ତ

- ଦୂଷିତ ଜଳ ଯୋଗାଣ ସାଜିଛି ପ୍ରମୁଖ କାରଣ
- ଟ୍ୟାପରୁ ବାହାରୁଛି କଳା ରଙ୍ଗର ପାଣି
- ପୁରୁଣା ପାଇପ୍ ଲାଇନ ଓ ବେଆଇନ ସଂଯୋଗ ବଢ଼ାଇଛି ଚିନ୍ତା
- ସଚେତନ ରହିବାକୁ ସ୍ୱାସ୍ଥ୍ୟ ଟିମ୍‌ର ପରାମର୍ଶ

■ କଟକ, ୧୭।୨ (ସମିସ): ସିଲଭର ସିଟି କଟକରେ ପୁଣି ଜଣ୍ଡିସର ଭୟ ବ୍ୟାପିବାରେ ଲାଗିଛି। କଟକ ମହାନଗର ନିଗମ (ସିଏମସି) ଅନ୍ତର୍ଗତ ୧୦ ଏବଂ ୧୨ ନମ୍ବର ୱାର୍ଡରେ ବହୁ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ସେହି ଅଞ୍ଚଳରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଅଧିକାଂଶ କମ୍ ବୟସର ଶିଶୁ ଓ କିଶୋର ରହିଛନ୍ତି। ଏହି ଅଞ୍ଚଳରେ ୫ ହଜାରରୁ ଅଧିକ ଲୋକ ବସବାସ କରୁଥିବାରୁ ଏହା ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ସ୍ଥିତି ପରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଜଣ୍ଡିସ ବ୍ୟାପିବା ପଛରେ ପାନୀୟଜଳ ଦୂଷିତ ହେବାକୁ ପ୍ରମୁଖ କାରଣ ଭାବେ ଦର୍ଶାଯାଇଛି। ମେୟର ସୁବାସ ସିଂହ କହିଛନ୍ତି ଯେ ଅଞ୍ଚଳର ▶ପୃଷ୍ଠା-୭






# ବିଧାନସଭାରେ ଧାନ ଟ୍ରକ୍ ପୂରାଇବାକୁ ଉଦ୍ୟମ

### ପୁଲିସ ସହ ଧସ୍ତାଧସ୍ତି; ଗିରଫ ହେଲେ ୨୦ ଚାଷୀ

■ ଭୁବନେଶ୍ୱର, ୧୭।୨ (ସମିସ): ଧାନ କିଣାରେ ଦୁର୍ନୀତି, ଚାଷୀ ଭୋଗୁଥିବା ଯନ୍ତ୍ରଣାର ପ୍ରତିବାଦରେ ଆଜି ବିଧାନସଭାରେ ଧାନ ଟ୍ରକ୍ ଭର୍ତ୍ତି କରିବାକୁ ଉଦ୍ୟମ କରିଛନ୍ତି ଚାଷୀ ସଙ୍ଗଠନ। ଏହାକୁ ନେଇ ସକାଳୁ ସକାଳୁ ନବ ନିର୍ମାଣ କୃଷକ ସଂଗଠନ ସହ ଜଡ଼ିତ ଚାଷୀ ଓ ଏହାର ନେତାଙ୍କ ସହ ବିଧାନସଭା ସମ୍ମୁଖରେ ଘମାଘୋଟ ପରିସ୍ଥିତି ସୃଷ୍ଟି ହୋଇଛି। ଧସ୍ତାଧସ୍ତି, ଠେଲାପେଲା ମଧ୍ୟରେ କିଛି ଚାଷୀ ଲହୁଲୁହାଣ ହୋଇଛନ୍ତି। ଏପରିକି ଚାଷୀମାନଙ୍କୁ ପୁଲିସ ପିଟିବା ସହ ଅତି ଅଶ୍ରାବ୍ୟ ଶବ୍ଦରେ ଗାଳି ଗୁଲଜ କରାଯାଇଥିବା ସଙ୍ଗଠନ



ଅଭିଯୋଗ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨୦ ଚାଷୀ ଓ ସଙ୍ଗଠନର ନେତାଙ୍କୁ ପୁଲିସ ଗିରଫ କରିଛି। ଏହାର ପ୍ରତିବାଦରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ନବନିର୍ମାଣ ସଙ୍ଗଠନ ଚେତାବନୀ ଦେଇଛି।

ସୂଚନା ଅନୁସାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ସକାଳ ପ୍ରାୟ ୭ଟା ବେଳେ ପୁଲିସର ଚକ୍ରବ୍ୟୂହ ଭେଦ କରି ଏକ ଟ୍ରକ୍‌ରେ ଧାନବସ୍ତା ସହ ବିଧାନସଭା ସମ୍ମୁଖରେ ପହଞ୍ଚିଥିଲେ। ସାରାରାତି ବିଧାନସଭା ଚାରିପଟେ ପହରା ଦେଉଥିବା ପୁଲିସ କୃଷକ ସଂଗଠନ କର୍ମକର୍ତ୍ତାଙ୍କୁ ବାଟରେ ▶ପୃଷ୍ଠା-୭



# ପୁଲିସ ଥାଇ କେତେ, ନଥାଇ କେତେ

ଭୁବନେଶ୍ୱର, ୧୭।୨ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ବିଧାନସଭା ବଜେଟ୍ ଅଧିବେଶନ। ବିଧାନସଭାକୁ ପୁଲିସ ବଳୟରେ ରଖାଯାଇଥିବା ବେଳେ ସହରରେ ଯେପରି କୌଣସି ଅପରାଧିକ କାର୍ଯ୍ୟକଳାପ ନ ଘଟେ, ସେଥିପ୍ରତି ଦୃଷ୍ଟି ଦେବାକୁ ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହାରି ଭିତରେ ଆତଙ୍କ ଖେଳାଇଛନ୍ତି ଅସାମାଜିକ ତତ୍ତ୍ୱ। କେଉଁଠି ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ତ କେଉଁଠି ସୁନା ଚେନ୍ ଝାମ୍ପି ନେଇଛନ୍ତି। ପୁଣି ମୁହଁରେ ବିଷାକ୍ତ ସ୍ପ୍ରେ ମାରି ଦୋକାନରୁ ସୁନାଗହଣା ଲୁଟିଥିବା ବେଳେ ଘରେ ପଶି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ରାଜଧାନୀର ଆଇନଶୃଙ୍ଖଳା ହାତରୁ ଖସୁଥିବା ବେଳେ ଦିନକରେ ଏକାଧିକ ଘଟଣା ପୁଲିସ ପ୍ରତି ଅସାମାଜିକଙ୍କ ମନରେ ଭୟ ନ ଥିବା ଭଳି ମନେ ହେଉଛି।

## ପୂର୍ବଶତ୍ରୁତାରୁ ଗୋଡ଼ାଇ ହାଣିଲେ

ସୋମବାର ରାତିରେ ଆତଙ୍କ ଖେଳାଇଛନ୍ତି ଖଣ୍ଡାଧାରୀ ଦୁର୍ବୃତ୍ତ। କାଫେ ଆଗରେ ହାଣିବା ସହ କାର୍ ଭଙ୍ଗାରୁଜା କରିଛନ୍ତି। ଭଗବାନପୁର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଖଣ୍ଡା ଚୋଟରେ ଗୋପୀନାଥ ଭୂଜବଳ ଓ ଶନିଆ ଆହତ ହୋଇଛନ୍ତି।



■ ଖଣ୍ଡା ଧରି ଆସିଥିଲେ ୬ ଦୁର୍ବୃତ୍ତ
■ ଗାଡ଼ି ପୋଡ଼ି ଘଟଣାରେ ଫେରାର ଥିଲା ମୁଖ୍ୟ ଅଭିଯୁକ୍ତ

ସେମାନଙ୍କ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। କବିରାଜ ଲେଙ୍କା ଏନେଇ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଛି ତମାଣ୍ଡୋ ଥାନା ପୁଲିସ। ବଣ୍ଟି ଓ ତାର ସହଯୋଗୀମାନେ ଆକ୍ରମଣ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଗୋଟିଏ ମାମଲାରେ ଫେରାର ଥିବା ବଣ୍ଟି ଆସି ଏଭଳି କାଣ୍ଡ ଭିଆଇବା ପରେ କମିସନରେଟ ପୁଲିସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ପଛରେ ରାଜନୈତିକ ଶତ୍ରୁତା ଥିବା ପୁଲିସକୁ ସୁରାକ୍ ମିଳିଛି।

ଅଭିଯୋଗ ଅନୁଯାୟୀ, ସୋମବାର ରାତି ପ୍ରାୟ ସାଢେ ୧୧ଟାରେ ଭଗବାନପୁରର ହିମାଂଶୁ ଶେଖର, ଗୋପୀନାଥ, ଶନିଆ ଓ ଅନ୍ୟ ସାଙ୍ଗମାନେ ନିଜ କାଫେ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ଭଗବାନପୁରର ବଣ୍ଟି ଓ ୫ ଜଣ ସହଯୋଗୀ ଖଣ୍ଡା ଧରି ଆସି ପହଞ୍ଚିଥିଲେ। କାଫେ ଭିତରେ ପଶି ଖୋଜାଖୋଜି କରି ବାହାରକୁ ଚାଲି ଆସି ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। କେହି କିଛି ବୁଝିବା ଆଗରୁ ଦୁର୍ବୃତ୍ତ ମାନେ ଶନିଆଙ୍କ ମୁଣ୍ଡକୁ ଖଣ୍ଡା ଚୋଟ ପକାଇବାକୁ ଉଦ୍ୟମ କରିଥିଲେ। ଖଣ୍ଡା ଚୋଟଟି ତାଙ୍କ ବାମ ହାତରେ ବାଜିଥିଲା। ଦୁର୍ବୃତ୍ତ ମାନେ ଗୋପୀନାଥଙ୍କ ଗୋଡ଼କୁ ଲକ୍ଷ୍ୟ କରି ହାଣି ଚାଲିଥିଲେ। ଜୀବନ ବଞ୍ଚାଇବାକୁ ସାଙ୍ଗମାନେ ଯିଏ ଯୁଆଡ଼େ ପାରିଲେ ଦୌଡ଼ୁଥିବା ବେଳେ ବଣ୍ଟି ଓ ସହଯୋଗୀମାନେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ।

ଏତିକିରେ ସେମାନଙ୍କ ଆତଙ୍କ ଥମି ନଥିଲା। ସମସ୍ତେ ପଳାଇବା ପରେ ରାଗରେ ପାର୍କିଂ ହୋଇଥିବା କାରକୁ ଖଣ୍ଡାରେ ହାଣିଥିଲେ। ଗୋଟିଏ ପରେ ଗୋଟିଏ କାରକୁ ହାଣି ବାଇକରେ ଫେରାର ହୋଇଯାଇଥିଲେ। ମାତ୍ର ୨/୩ ମିନିଟର ଦୃଶ୍ୟ ଏତେ ଭୟଙ୍କର ଥିଲା ଯେ, ଦେଖିବା ଲୋକର ଲୋମ ଟାଙ୍କୁରି ଉଠିବ। ତେବେ ୪ ଜଣ ଖଣ୍ଡାଧାରୀଙ୍କ ହାଣିବା ସମୟର ଦୃଶ୍ୟ କାଫେରେ ଲାଗିଥିବା ସିସିଟିଭି କ୍ୟାମେରାର କଏଦ୍ ହୋଇଛି। ହିମାଂଶୁଙ୍କ ବାପା କବିରାଜ ଲେଙ୍କା ଏନେଇ ତମାଣ୍ଡୋ ଥାନାରେ ଏତଲା ଦେବାପରେ ତଦନ୍ତ ଆରମ୍ଭ କରିଛି ପୁଲିସ। ଆକ୍ରମଣରେ ଆହତ ହୋଇଥିବା ଯୁବକମାନେ ଗୋଟିଏ ରାଜନୈତିକ ଦଳରେ ମିଶିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହି କାରଣରୁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

ସେପଟେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ରକ୍ତ ନମୁନା ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି ତମାଣ୍ଡୋ ଥାନା ପୁଲିସ। ଭଗବାନପୁରର ବଣ୍ଟି ଓ ତାର ସହଯୋଗୀମାନେ ମିଶି ଏଭଳି କାଣ୍ଡ ଭିଆଇଥିବା ଜଣାପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥାଟି ହେଉଛି, ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗତମାସ ୨୩ ତାରିଖ ରାତିରେ ଭଗବାନପୁରର ତପନ ବେହେରାଙ୍କ କାରରେ ନିଆଁ ଲଗାଇ ଦେଇଥିଲା ବଣ୍ଟି। ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ସେହି ମାମଲାରେ ଗିରଫ ହୋଇ ନ ଥିବା ବଣ୍ଟି ପୁଣିଥରେ ଆସି ଆତଙ୍କ ଖେଳାଇବା ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ଏହାବାଦ୍ ବଣ୍ଟି ନାମରେ ଆହୁରି ୪ରୁ ଅଧିକ ଅପରାଧିକ ମାମଲା ରହିଛି।



## ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ସୁନାଗହଣା ଲୁଟିଲା




କଳିଙ୍ଗନଗର କେ-୪ ଅଞ୍ଚଳରେ ଏକ ଗହଣା ଦୋକାନରୁ ଲୁଟ୍ ହୋଇଛି। ଜଣେ ଦୁର୍ବୃତ୍ତ ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ସୁନାଗହଣା ଲୁଟି ନେଇଛି। ଲୁଟର ଶିକାର ବିଜୟ ବାରିକ ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଧ୍ୟା କି ରାତି ନୁହେଁ, ବରଂ ସ୍ପଷ୍ଟ ଦିବାଲୋକରେ ଏଭଳି ଘଟଣା ଘଟିଛି।

ଅଭିଯୋଗ ଅନୁସାରେ, ବିଜୟ କୁମାର ବାରିକ କଳିଙ୍ଗବିହାର କେ-୪ ସ୍ଥିତ ଶୁଭଲକ୍ଷ୍ମୀ ଜୁଏଲାରୀ ନାମରେ ଗହଣା ଦୋକାନ କରିଛନ୍ତି। ମଙ୍ଗଳବାର ଦ୍ୱିପ୍ରହରରେ ଜଣେ ଦୁର୍ବୃତ୍ତ ଗ୍ରାହକ ହୋଇ ଆସିବା ସହ ଭଉଣୀ ବିବାହ ପାଇଁ ସୁନାଗହଣା ନେବ ବୋଲି ଦୋକାନୀ ବିଜୟ ବାରିକଙ୍କୁ କହିଥିଲା। ଗ୍ରାହକ ବେଶରେ ଆସିଥିବା ଲୁଟେରାର କହିବା ମୁତାବକ, ବିଜୟ ତାକୁ ଚେନ୍, ମୁଦି, ହାର ଓ ଅନ୍ୟାନ୍ୟ ଅଳଙ୍କାର ଦେଖାଇଥିଲେ। ସେଥିରୁ ୨ଟି ସୁନା ଚେନ୍ ଓ ୩ଟି ମୁଦିକୁ ଲୁଟେରା ପସନ୍ଦ କରି ସମୁଦାୟ କେତେ ଟଙ୍କା ବୋଲି ପଚାରିଥିଲା। ବିଜୟ ହିସାବ ପତ୍ର କରୁଥିବା ବେଳେ ତାଙ୍କ ଆଖିକୁ ହଠାତ୍ ପେପର୍ ସ୍ପ୍ରେ ମାରିଥିଲା ଲୁଟେରା। ସ୍ପ୍ରେ ମାରିବା ଦ୍ୱାରା ବିଜୟଙ୍କ ଆଖି ପୋଡ଼ିବା ସହ ଆଉକିଛି ଦେଖା ଯାଇନଥିଲା। ଏହାର ସୁଯୋଗ ନେଇ ୨ଟି ସୁନା ଚେନ ଓ ୩ ସୁନା ମୁଦି ନେଇ ପଳାଇଥିଲା। ଲୁଟେରା ଖସିବା ସମୟରେ ବିଜୟ ତାକୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପ୍ରାୟ ୬ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ନେଇ ବିଜୟ ତମାଣ୍ଡୋ ଥାନାରେ ଏତଲା ଦେଇଛନ୍ତି। ସୁନାଗହଣା ଦେଖିବା ଠାରୁ ଆରମ୍ଭ କରି ଲୁଟ୍ ପର୍ଯ୍ୟନ୍ତ, ସବୁକିଛି ସିସିଟିଭିରେ ରେକର୍ଡ ହୋଇଛି। ଲୁଟେରା ଜଣକ ଏକ ସ୍କୁଟିରେ ଆସି ଏଭଳି ଲୁଟ୍ କରିଥିବା ତଦନ୍ତରୁ ଜଣାପଡ଼ିଛି। ଘଟଣାର ଅଭିଯୁକ୍ତ ୧୭ ବର୍ଷୀୟ ନାବାଳକକୁ ପୁଲିସ ଉଠାଇ ଆଣିଛି।

## ଅତିରିକ୍ତ ଡିସିପିଙ୍କ ମା'ଙ୍କ ଠାରୁ ସୁନାଚେନ୍ ଝାମ୍ପିନେଲେ

ଶୈଳଶ୍ରୀ ବିହାର ଅଞ୍ଚଳରେ ଆତଙ୍କ ରଚିଛନ୍ତି ଲୁଟେରା। ଚାଲି ଚାଲି ଘରକୁ ଫେରୁଥିବା ମହିଳାଙ୍କ ଠାରୁ ସୁନା ଚେନ୍ ଛଡ଼ାଇ ନେଇଛନ୍ତି। ମଙ୍ଗଳବାର ସକାଳୁ ଏଭଳି ଘଟଣା ଘଟିଛି। ଲୁଟର ଶିକାର ହୋଇଛନ୍ତି ଅତିରିକ୍ତ ଡିସିପି (ସଶସ୍ତ୍ର)ଙ୍କ ମା' ଶକୁନ୍ତଳା ମହାନ୍ତି। ଏ ନେଇ ସେ ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଶୈଳଶ୍ରୀ ବିହାରର ଶକୁନ୍ତଳା ସବୁଦିନ ଭଳି ଆଜି ମଧ୍ୟ ସ୍ଥାନୀୟ ଦୁର୍ଗା ମଣ୍ଡପ ପଡ଼ିଆକୁ ପ୍ରାତଃଭ୍ରମଣରେ ଯାଇଥିଲେ। ସେଠାରୁ ଭିଆଇଏମ୍ ଗଳି ଦେଇ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ତାଙ୍କ ପାଖରେ ପହଞ୍ଚିଥିଲେ। ଶକୁନ୍ତଳା କିଛି ବୁଝିବା ଆଗରୁ ପଛରେ ବସିଥିବା ଦୁର୍ବୃତ୍ତ ଜଣକ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇଥିଲା। ପୁଣି ସ୍କୁଟିରେ ବସି ଇନଫୋସିଟି ଆଡ଼କୁ ଫେରାର ହୋଇଯାଇଥିଲେ। ସ୍ପଷ୍ଟ ଦିବାଲୋକରେ ଏଭଳି ଲୁଟ୍ ହେବା ରାଜଧାନୀରେ ମହିଳା ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ଶକୁନ୍ତଳାଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ପୁଲିସ ମାମଲା ରୁଜୁ କରିଛି। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ତଦନ୍ତ କରୁଥିଲେ ମଧ୍ୟ ଏଯାଏଁ କାହାରି ପତ୍ତା ପାଇ ପାରିନାହାଁନ୍ତି।




## ପଣ୍ଡାକୁଦିଆରେ ମାତିଲେ ସିନ୍ଧିଚୋର

ବରମୁଣ୍ଡା ଓ ରଣସିଂହପୁର ପରେ ପଣ୍ଡାକୁଦିଆ ବସ୍ତିରେ ଆତଙ୍କ ଖେଳାଇଛନ୍ତି ସିନ୍ଧି ଚୋର। ଗୋଟିଏ ପରେ ଗୋଟିଏ କରି ୩ଟି ଘରେ କଳାକନା ବୁଲାଇଛନ୍ତି। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପଣ୍ଡାକୁଦିଆ ବସ୍ତିର ଜାନକୀ ଦେବୀ ଦିଗାଲ ସମ୍ପର୍କୀୟଙ୍କ ଦଶାହ କାମରେ କନ୍ଧମାଳର ଗୁମାଗଡ଼ ଯାଇଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଆଲମିରାରୁ ସୁନା କାନଫୁଲ, ଚେନ, ରୁପା ଅଳଙ୍କାର ଓ ୪୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ସେହିପରି ବସ୍ତିର ସ୍ୱର୍ଣ୍ଣଲତା ବିଶ୍ୱାଳ ଶାଶୁଙ୍କ ସୁଦ୍ଧିକ୍ରିୟା ପାଇଁ ଗାଁକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତିର ସୁଯୋଗନେଇ ଘରେଥିବା ଆଲମାରିରୁ ସୁନା ଚେନ୍, ସୁନା ହାର, ସୁନା କାନଫୁଲ, ଝୁମ୍ପା, ପେଣ୍ଡିଫୁଲ ଓ ନଗଦ ୬ ହଜାର ଟଙ୍କା ଚୋରି କରି ନେଇ ଯାଇଛନ୍ତି। ସେହିଭଳି ରିଙ୍କି ମେହେର ବରପାଲି ଯିବା ପୂର୍ବରୁ ଛୋଟ ବାକ୍ସରେ ତାଙ୍କର ସମସ୍ତ ସୁନା ଅଳଙ୍କାର ରଖି ସୋଫା ଉପରେ ରଖିଥିଲେ। କବାଟ ଦେଇ ପଡୋଶୀ ଘରକୁ ମେହେନ୍ଦି ଲଗାଇବାକୁ ଯାଇଥିଲେ। ସେହି ସମୟରେ ଲୁଟେରାମାନେ ତାଙ୍କ ଘରୁ ଗହଣା ବାକ୍ସ ଚୋରିକରି ନେଇଥିଲେ। ସେହି ବାକ୍ସରେ ସୁନା ହାର, ମଙ୍ଗଳସୂତ୍ର, ସୁନା ଚେନ୍, ସୁନା କାନଫୁଲ, ଲକେଟ୍, ରୁପା ପାଉଁଜି, ରୁପା ବ୍ରେସଲେଟ୍, ଅଣ୍ଟା ବିଛା ରହିଥିଲା। ସେପଟେ ପାନ ଦୋକାନ ଡ୍ର'ରୁ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି।

## ଜମିବିକ୍ରି ଆଳରେ ୨୦ ଲକ୍ଷର ଚୂନ; ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୧୭।୨ (ସମିସ): ଜମିବିକ୍ରି ଆଳରେ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ମାରିଅନ୍ କନଷ୍ଟ୍ରକ୍ସନ କମ୍ପାନୀର ନିର୍ଦ୍ଦେଶକକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ କେନାଲ ରୋଡରେ ରହୁଥିବା କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳର ହେମନ୍ତ କୁମାର ପାଣିଗ୍ରାହୀ (୪୦)।



ପୁଲିସ ସୂଚନାନୁଯାୟୀ, ନଗେନ କୁମାର ବେହେରା ରାଜଧାନୀରେ ଜମି କିଣିବାକୁ ଚାହୁଁଥିବା ବେଳେ ହେମନ୍ତଙ୍କ ଯୋଗାଯୋଗରେ ଆସିଥିଲେ। ହେମନ୍ତ ତାଙ୍କୁ ଗୋଡା ଗୋପୀନାଥ ପ୍ରସାଦ ମୌଜା (ଚଣ୍ଡୀ ମାତା କଲୋନୀ) ଅଞ୍ଚଳରେ ଜମି କିଣିବାକୁ ପ୍ରଲୋଭନ ଦେଖାଇଥିଲା। ନଗେନ ତା' କଥାକୁ ବିଶ୍ୱାସ କରି ଆରଟିଜିଏସ ମାଧ୍ୟମରେ ଅଗ୍ରିମ ବାବଦକୁ ୨୦ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ପଟ୍ଟା, ଆରଆଇ ରିପୋର୍ଟ, ତହସିଲ କ୍ଲିୟରାନ୍ସ କାଗଜପତ୍ର ଯୋଡ଼ି ଦଲିଲ ପ୍ରସ୍ତୁତ କରିଥିଲା ଓ ନଗେନଙ୍କ ଦସ୍ତଖତ ମଧ୍ୟ ସଂଗ୍ରହ କରିଥିଲା। ଦୀର୍ଘଦିନ ପର୍ଯ୍ୟନ୍ତ ଜମି ପଞ୍ଜୀକରଣ କରିନଥିବା ବେଳେ ସେସବୁ କାଗଜପତ୍ର ନକଲି ବୋଲି ନଗେନ ଜାଣିବାକୁ ପାଇଥିଲେ। ହେମନ୍ତକୁ ଟଙ୍କା ଫେରସ୍ତ ମାଗିବାରୁ ସେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ ଓ ଧମକ ଦେବାକୁ ଉଦ୍ୟମ କରିଥିଲା। ନଗେନ ଏନେଇ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆରଟିଜିଏସ ବିବରଣୀ, ବ୍ୟାଙ୍କ ଷ୍ଟେଟମେଣ୍ଟ, ଡିମାଣ୍ଡ ଡ୍ରାଫ୍ଟ ନକଲ, ସ୍ଲଟ୍ ବୁକିଂ ରସିଦ, ପଟ୍ଟା ଫଟୋକପି, ଆରଆଇ ରିପୋର୍ଟ, ତହସିଲ କ୍ଲିୟରାନ୍ସ ଓ ଅନ୍ୟାନ୍ୟ ସମ୍ପର୍କିତ ଦଲିଲପତ୍ର ଜବତ କରିଥିଲା। ସହିଦନଗର ସ୍ଥିତ ମାରିଅନ୍ କନଷ୍ଟ୍ରକ୍ସନ କମ୍ପାନୀରୁ ହେମନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୫୫ ଦିନରେ ଆସିଲା ରାୟ | ଗାଡ଼ି ଚୋରକୁ ୯ ମାସ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୭।୨(ସମିସ): ଏୟାରପୋର୍ଟ ଥାନା ଅଞ୍ଚଳରେ ଘଟିଥିବା ଗାଡ଼ି ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି (ପଞ୍ଚମ)ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାରକରି ଅଭିଯୁକ୍ତ ମନୋଜ ମଲ୍ଲିକକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି।



ପୁଲିସ ସୂଚନାନୁଯାୟୀ, ଗତବର୍ଷ ଡିସେମ୍ବର ୨୨ ତାରିଖ ସନ୍ଧ୍ୟାରେ ଶାସ୍ତ୍ରୀନଗର ଅଞ୍ଚଳର ଆଶିଷ କୁମାର ବୈରିଗଞ୍ଜନ ଫରେଷ୍ଟ ପାର୍କ ପଛପଟେ ଗାଡିଟିକୁ ପାର୍କିଂ କରିଥିଲେ। ମନୋଜ ଏହାର ସୁଯୋଗ ନେଇ ନକଲି ଚାବିରେ ଗାଡ଼ିକୁ ଚୋରି କରି ନେଇ ଯାଇଥିଲା। ଆଶିଷ କାମ ସାରି ଫେରିବା ବେଳକୁ ଗାଡ଼ି ନପାଇ ଏୟାରପୋର୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୪୬୦/୨୫ରେ ୩୦୩(୨) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ସବ୍ ଇନ୍ସପେକ୍ଟର ବର୍ଷା ଦାସ ମନୋଜକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀ ଓ ଦସ୍ତାବିଜ ଆଧାରରେ ମାମଲା ପଞ୍ଜୀକରଣ ଠାରୁ ୫୫ ଦିନ ମଧ୍ୟରେ ଘଟଣାର ରାୟ ପ୍ରକାଶ କରିଛନ୍ତି। ଆସାମୀ ମନୋଜ ମଲ୍ଲିକକୁ ବିଏନ୍‌ଏସ୍ ଧାରା ୩୦୩(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୯ ମାସର କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ଦୁଇ ବନ୍ଧୁଙ୍କୁ ହାଣିବା ଘଟଣା; ଜଣେ ଗିରଫ



ଭୁବନେଶ୍ୱର, ୧୭।୨ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇ ବନ୍ଧୁଙ୍କୁ ଆକ୍ରମଣ ଘଟଣାରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ନିଆଳିର ଶୁଭେନ୍ଦୁ ନାୟକ ଓରଫ୍ ପୁନିଆ (୧୯)।

ପୁଲିସ ସୂଚନାନୁସାରେ, ଗତମାସ ୨୦ ତାରିଖ ସନ୍ଧ୍ୟାରେ ଦୁଇ ବନ୍ଧୁ ରାଜକିଶୋର ଓ ଆବ୍ରାହମ ମୁଣ୍ଡା ସାହି କମ୍ୟୁନିଟି ଶୌଚାଳୟ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ପୁନିଆ ଓ ତା'ର ସହଯୋଗୀମାନେ ବାଇକରେ ଆସି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ବିରୋଧ କରିବାରୁ ଦୁଇ ବନ୍ଧୁଙ୍କୁ କଟୁରିରେ ହାଣିଥିଲେ ଦୁର୍ବୃତ୍ତ। ଉଭୟଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ହେବାପରେ ନୂଆପଲ୍ଲୀ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପାତ୍ରପଡ଼ାରୁ ପୁନିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାଡ଼ମାରି ଅଟୋ ଚାଳକଙ୍କଠାରୁ ଲୁଟ୍

ଭୁବନେଶ୍ୱର, ୧୭।୨(ସମିସ):ବିଏମଡବ୍ଲୁ ଗାଡିରୁ ଚାରି ଦୁର୍ବୃତ୍ତ ବାହାରି ଜଣେ ଅଟୋ ଚାଳକକୁ ଅମାନବୀୟ ଭାବରେ ମାଡ ମାରିବା ସହ ଉକ୍ତ ଅଟୋ ଚାଳକଙ୍କ ଠାରୁ ଜୋର ଜବରଦସ୍ତ ୧୭ହଜାର ଟଙ୍କା ଫୋନ ପେ ମାଧ୍ୟମ ନବା ଭଳି ଘଟଣା ଘଟିଥିବା ଖବର ମିଳିଛି। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବା ପାଇଁ ହତ୍ୟା ଧମକ ଦେଇଥିବା ଜଣାପଡ଼ିଛି।

ମିଳିଥିବା ଖବର ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନରେ ବଡ଼ଗଡ଼ ଥାନା ବିଜେବି ନଗରରେ ରହୁଥିବା କେ.ନରେଶ। ପେଶାରେ ଜଣେ ଡ୍ରାଇଭର। ଆଜି ମଧ୍ୟାହ୍ନରେ ଅଟୋରେ କିଛି ଯାତ୍ରୀଙ୍କୁ ଧରି ରଘୁନାଥପୁର ଯାଇଥିଲେ। ସେମାନଙ୍କୁ ସେଠାରେ ଛାଡି ଭୁବନେଶ୍ୱର ଅଭିମୁଖେ ଅଭିମୁଖେ ଫେରୁଥିଲେ। ରଘୁନାଥପୁର ବ୍ରିଜ୍ ନିକଟରେ ହୋଇଥିବା ବେଳେ ଜଣେ ବାଇକ ଆରୋହୀ ତାଙ୍କ ବାଇକ୍ ଅଟୋ ସମ୍ମୁଖଆଡକୁ ପଶିଆସିଥିଲେ। ଉକ୍ତ ବାଇକ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ନରେଶ ବାମକୁ ଗାଡି ହ୍ୟାଣ୍ଡେଲ ବୁଲାଇ ଦେଇଥିଲେ। ସେଠାରେ ଥିଆ ହୋଇଥିବା ଏକ ବିଏମ୍ଡବ୍ଲୁ କାର ରେ ଅଟୋ ଘଷି ହୋଇ ଯାଇଥିଲା। ଏନେଇ କାରରୁ ୪ଜଣ ଯୁବକ ବାହାରି ସିଧା ନରେଶଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲେ। ଦୁର୍ଘଟଣା ପାଇଁ ୫୦ ହଜାର ଟଙ୍କା ମାଗିଥିଲେ। ନରେଶ ଏତେ ଟଙ୍କା ପାଖରେ ନାହିଁ ବୋଲି ମନା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସେହି ୪ଯୁବକ ପାଖରେ ଥିବା ଏକ ଜଙ୍ଗଲକୁ ନରେଶଙ୍କୁ ଟେକି ନେଇ ଯାଇଥିଲେ। ସେଠାରେ ତାଙ୍କୁ ମାଡ ମାରିଥିଲେ। ପରେ ଜୋରଜବରଦସ୍ତ ଭୟ ଦେଖାଇ ନରେଶଙ୍କ ଫୋନ୍ ପେ ଖୋଲି ସେଥିରେ ଥିବା ୧୭ହଜାର ଟଙ୍କା ଏକ ସ୍କାନରରେ ସ୍କାନ କରି ନେଇଯାଇ ନରେଶଙ୍କୁ ଛାଡି ଗାଡି ଧରି ଫେରାର ହୋଇ ଯାଇଥିଲେ। ନରେଶ ସେଠାରୁ ଭୟଭୀତ ଅବସ୍ଥାରେ ଘରକୁ ପଳାଇ ଆସିଥିଲେ। ତେବେ ଏନେଇ ପୁଲିସ ସହିତ କୌଣସି ଯୋଗାଯୋଗ ହୋଇ ପାରିନାହିଁ।

## ଆରମ୍ଭ ହେଲା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର, ୧୭ ।୨(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ରାଜଧାନୀ ଭୁବନେଶ୍ୱରରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ଦଶମ ଶ୍ରେଣୀର ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଦ୍ୱାଦଶ ଶ୍ରେଣୀର ବାୟୋଟେକ୍ନୋଲୋଜି ଓ ଇଣ୍ଟରପ୍ରେନରସିପ୍ ପରୀକ୍ଷା ହୋଇଛି। ପ୍ରଥମ ଦିନରେ ଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଛି।



ପରୀକ୍ଷା ସୂଚୀ ଅନୁଯାୟୀ ବୁଧବାର ଦଶମ ଶ୍ରେଣୀର ହୋମ୍ ସାଇନ୍ସ ପରୀକ୍ଷା ହେବାକୁ ଥିବାବେଳେ ୨୦ରେ ଡାଟା ସାଇନ୍ସ, ୨୧ରେ ଇଂରାଜୀ, ୨୫ରେ ବିଜ୍ଞାନ, ୨୭ରେ ଏଆଇ ଓ ଆଇଟି, ମାର୍ଚ୍ଚ ୨ରେ ହିନ୍ଦୀ, ମାର୍ଚ୍ଚ ୫ରେ ଓଡ଼ିଆ, ୭ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ସେହିପରି ଆସନ୍ତାକାଲି ଯୁକ୍ତ୨ର ଫିଜିକାଲ ଏଜୁକେସନ୍ ପରୀକ୍ଷା ଥିବାବେଳେ ୨୦ରେ ପଦାର୍ଥ ବିଜ୍ଞାନ, ୨୮ ରେ ରସାୟନ ବିଜ୍ଞାନ, ମାର୍ଚ୍ଚ ୬ରେ ମାତୃଭାଷା, ୭ ରେ ଯୋଗ, ୧୨ରେ ଇଂରାଜୀ, ୧୪ରେ ହୋମ୍ ସାଇନ୍ସ, ୧୬ରେ ହିନ୍ଦୀ, ୧୮ରେ ଅର୍ଥନୀତି, ୨୩ରେ ରାଜନୀତି ବିଜ୍ଞାନ, ୨୫ରେ କମ୍ପ୍ୟୁଟର ସାଇନ୍ସ ଓ ଆଇଟି, ୨୭ରେ ବାୟୋଲୋଜି, ୨୮ରେ ବିଜିନେସ୍ ଷ୍ଟଡିଜ୍, ୩୦ରେ ଇତିହାସ, ଏପ୍ରିଲ୍ ୪ରେ ସାମାଜିକ ବିଜ୍ଞାନ, ୯ରେ ଡାଟା ସାଇନ୍ସ ଓ ୧୦ରେ ଲିଗାଲ ଷ୍ଟଡିଜ୍ ବିଷୟରେ ପରୀକ୍ଷା ହେବ।



### ଷ୍ଟକ୍ ମାର୍କେଟ୍ ଓ ଟ୍ରେଡିଂ ଆଳରେ ଠକେଇ

# ପୁଣି ବନ୍ଧା ହେଲେ ୫ ସାଇବର୍ ଲୁଟେରା

■ ପୂର୍ବରୁ ୯ ଜଣଙ୍କୁ ଗିରଫ କରିଥିଲା ସାଇବର ଥାନା ପୁଲିସ

■ ୫ଟି ବ୍ୟାଙ୍କ ଜମାଖାତାରେ ବେଆଇନ ଭାବେ ହୋଇଥିଲା ୧୩ କୋଟି କାରବାର

ଭୁବନେଶ୍ୱର/କଟକ, ୧୭ ।୨(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ଆନ୍ତଃରାଜ୍ୟ ସାଇବର ଲଟ୍ ଘଟଣାରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଜି ଆଉ ୫ଜଣଙ୍କୁ ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ମୃତିରଞ୍ଜନ ମହାରଣା ଓରଫ୍ ଚନ୍ଦନ(୨୧), ରାକେଶ ଚୌଧୁରୀ ଓରଫ୍ ବୁବୁ(୨୧), ଚନ୍ଦ୍ରକାନ୍ତ ଦାସ ଓରଫ୍ ସୁଦୁ (୨୧), ଅଭିଜିତ୍ ରାଉତ ଓରଫ୍ ପିଙ୍କୁ(୨୬) ଏବଂ ରୋହିତ କୁମାର ରାଉତ ଓରଫ୍ ରୋହିତ୍(୨୪)। ଏମାନଙ୍କ ନିକଟରୁ ବ୍ୟାଙ୍କ୍ ଆକାଉଣ୍ଟ୍, ମୋବାଇଲ୍, ଆଧାର ଓ ପାନ୍‌କାର୍ଡ ଜବତ କରାଯାଇଛି। ଏହି ଘଟଣାରେ ସମୁଦାୟ ଗିରଫଦାରୀ ସଂଖ୍ୟା ୧୪ରେ ପହଞ୍ଚିଛି। ଏହି ସାଇବର ଠକେଇ ଘଟଣାରେ ଗିରଫଦାରୀ ବଢ଼ିବ ବୋଲି ଏସିପି ସତ୍ୟଜିତ୍ ଦାସ ସୂଚନା ଦେଇଛନ୍ତି।

ପୁଲିସ ତଦନ୍ତ କରି ଏହି ଠକେଇ ଘଟଣାରେ ପୂର୍ବରୁ ୪ ଜଣ ବ୍ୟାଙ୍କ୍ ଅଧିକାରୀଙ୍କୁ ଗିରଫ କରିଥିବା ବେଳେ ଫେଡେରାଲ ବ୍ୟାଙ୍କ ଖାତାଗୁଡ଼ିକର ବିବରଣୀ ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ, ୫ଟି ବ୍ୟାଙ୍କ ଖାତା ମାଧ୍ୟମରେ ବେଆଇନ ଭାବେ ପ୍ରାୟ ୧୨ କୋଟି ୭୩ ଲକ୍ଷ ଟଙ୍କା କାରବାର କରାଯାଇଛି। ଏହି ୫ଟି ବ୍ୟାଙ୍କ୍ ଖାତା ଅଭିଯୁକ୍ତ ଚନ୍ଦନ, ବୁବୁ, ସୁଦୁ, ପିଙ୍କୁ ଓ ରୋହିତ୍‌ଙ୍କ ନାମରେ ରହିଥିଲା। ଅଭିଯୁକ୍ତମାନେ ସାଧାରଣ ଲୋକଙ୍କଠାରୁ ଷ୍ଟକ୍ ମାର୍କେଟ୍ ଓ ଟ୍ରେଡିଂ ଆଳରେ ପ୍ରଥମେ ଠକେଇ କରୁଥିଲେ। ଠକେଇ ଟଙ୍କାକୁ ଦେଇ ଅନ୍ୟ ଲୋକଙ୍କ ନାମରେ ବ୍ୟାଙ୍କ ଖାତା ଖୋଲୁଥିଲେ। ସମ୍ପୃକ୍ତ ଆକାଉଣ୍ଟଗୁଡ଼ିକରେ ଠକେଇରେ ପାଇଥିବା ଟଙ୍କାକୁ ନେଣଦେଣ କରୁଥିଲେ। ସାଇବର ଥାନା ପୁଲିସ ଏ ସବୁକୁ ଯାଞ୍ଚ କରିବା ପରେ ଠକେଇ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଥିଲା। ପୁଲିସ ସୂଚନା ଅନୁସାରେ, ବିଭିନ୍ନ ଲୋକଙ୍କ ଅଜାଣତରେ ସେମାନଙ୍କର ପ୍ରମାଣପତ୍ର ଆଣି ମହାକାଳୀ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍, ପ୍ରିୟା ଫିଟେକ ଭଳି ବେନାମୀ କମ୍ପାନୀ ନାଁରେ କରେଣ୍ଟ ଆକାଉଣ୍ଟ ଖୋଲୁଥିଲେ। କାଗଜପତ୍ରରେ କମ୍ପାନୀ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ସମ୍ପୃକ୍ତ କମ୍ପାନୀର ଚିହ୍ନବର୍ଣ୍ଣ ନ ଥିଲା। ଏହି ଘଟଣାରେ ପୂର୍ବରୁ ଉତ୍କର୍ଷ ବ୍ୟାଙ୍କ୍‌ର ରିଲେସନ୍‌ସିପ୍ ମ୍ୟାନେଜର ହରେକୃଷ୍ଣ ସାହୁ, ବନ୍ଧନ ବ୍ୟାଙ୍କ୍‌ର ଡେପୁଟୀ ମ୍ୟାନେଜର ଅଭିଷେକ ମହାନ୍ତି, ଆକ୍ସିସ୍ ବ୍ୟାଙ୍କ୍‌ର ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ମଲ୍ଲିକ ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ସହକାରୀ ପରିଚାଳକ ସ୍ୱରାଜ୍ କୁମାର ସାମଲ୍ ଗିରଫ ହୋଇଥିଲେ। ଏମାନେ କିଛି ବନ୍ଦ ଥିବା ତଥା କାରବାର ହେଉ ନ ଥିବା ଆକାଉଣ୍ଟ ଗୁଡ଼ିକୁ ମଧ୍ୟ ଠକଙ୍କୁ ଦେଇଥିଲେ। ଏହା ବଦଳରେ ସେମାନେ ପ୍ରତି ଆକାଉଣ୍ଟ ପିଛା ୧୦ରୁ ୫୦ ହଜାର ଟଙ୍କା ବ୍ୟାଙ୍କ୍‌ର ଅଭିଯୁକ୍ତ କର୍ମଚାରୀ କମିସନ ନେଉଥିଲେ। ଠକେଇ ଟଙ୍କା ପର୍ଯ୍ୟାୟକ୍ରମେ ଯେଉଁ ୧୦ରୁ ୧୫ଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେଉଥିଲା ସେସବୁ ଆକାଉଣ୍ଟ ୪ ଜଣ ଅଭିଯୁକ୍ତ ଖୋଲିଥିଲେ। ସେହିପରି ଠକମାନେ ବ୍ୟାଙ୍କରୁ ଆଣିଥିବା ଜାଲ ପ୍ରମାଣପତ୍ରରେ ବିଭିନ୍ନ ଟେଲିକମ୍ ଦୋକାନରୁ ସିମକାର୍ଡ କିଣିନେଉଥିଲେ। ପ୍ରତି ଠକେଇ ଘଟଣା ପରେ ଆକାଉଣ୍ଟ ବନ୍ଦ କରିଦେବା ସହିତ ସିମକାର୍ଡ ଗୁଡ଼ିକୁ ଭାଙ୍ଗି ଫିଙ୍ଗିଦେଉଥିବା ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ଏହି ଘଟଣାରେ ବାଲିକୁଦା ଥାନା ଅନ୍ତର୍ଗତ ବବ୍‌ଲୁ ନାୟକ, ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ନାଗ ନାରାୟଣ ଦାସ, ତିର୍ତ୍ତୋଲ ଥାନା ଅନ୍ତର୍ଗତ ରୁଦ୍ରମାଧବ ମହାପାତ୍ର ଗିରଫ ହୋଇଥିଲେ।

## କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ ପାଇଁ ଏଆଇର ପ୍ରୟୋଗ

● ଓୟୁଏଟି ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର, ୧୭ ।୨(ସମିସ): କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ଦୁଇ ଦିନିଆ କର୍ମଶାଳା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗ ଦେଇ ବର୍ତ୍ତମାନ ସମୟରେ ସମସ୍ତେ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଜ୍ଞାନ ଆହରଣ ସହ ଏହାର ସଠିକ ବ୍ୟବହାର ନେଇ ସଜାଗ ହେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ସଭାପତିତ୍ୱ ଅଭିଭାଷଣ ଦେଇ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି ଯେ, ସ୍ମାର୍ଟ କୃଷି, ରୋବଟିକସର ବ୍ୟବହାର, ଆଗୁଆ ପାଣିପାଗ ଆକଳନ, ବଜାର ଆକଳନ, ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ଏ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ବିକଶିତ କୃଷି ଦିଗରେ ସହାୟକ ହୋଇପାରୁଛି। ଆଗାମୀ ଦିନରେ ଓୟୁଏଟି ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଆହୁରି ବିକଶିତ ପନ୍ଥା ହାତକୁ ନେବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇ ଦିନ ବ୍ୟାପି ଚାଲୁଥିବା ଏହି କାର୍ଯ୍ୟକ୍ରମ ବାବଦରେ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା, ଅଧ୍ୟକ୍ଷ, ପିଜିଏଫ-କମ-ଡିଆରଆଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଏସ. କେ. ରାଉଳ କର୍ମଶାଳାର ସଚିବ ଧନ୍ୟବାଦ ଦେଇଥିଲେ।




## ଯୁବା ବାସ୍କେଟବଲ୍‌ରେ ବ୍ଲୁଡ ଲାଇନ୍ ଚାମ୍ପିଅନ

ଭୁବନେଶ୍ୱର, ୧୭ ।୨ (ସମିସ): କଟକର ବ୍ଲୁଡ ଲାଇନ୍ ଦଳ ସହିଦ ନଗର ଇମ୍ପା ଗ୍ରାଉଣ୍ଡରେ ଚାଲିଥିବା ୧୫ତମ ଯୁବା ବାସ୍କେଟବଲ୍ ଓପନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ସନସାଇନ ଯୁବା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବ୍ଲୁଡ ଲାଇନ ୬୫-୩୯ ପଏଣ୍ଟରେ ପୁରୀ ଦଳକୁ ପରାସ୍ତ କରିଥିଲା। ସେହିଭଳି ପଶ୍ଚିମବଙ୍ଗର ମେଟ୍ରୋ ରେଲୱେ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ଚାମ୍ପିଅନ ବ୍ଲୁଡଲାଇନ ଦଳ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପାଇଥିଲା। ସେହିଭଳି ପୁରୀକୁ ୨୦ ହଜାର ଓ ରେଲୱେ ୧୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ। ସୟଦ ଖାନ ଫାଇନାଲର, ରାହୁଲ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜେପିର ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ସୁଧୀର କୁମାର ଶତପଥୀ, ଚନ୍ଦନ କୁମାର ପାଳିତ, ସଚିନନ୍ଦନ ନାୟକ, ବିଶ୍ୱପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଆୟୋଜକ ଅନୁଷ୍ଠାନର ଉପଦେଷ୍ଟା ସରୋଜ କୁମାର ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, ଆଦର୍ଶ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ମିଥୁନ ବିଶୋୟୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




## ଉଚ୍ଚସ୍ତରୀୟ କମିଟି ସହ ଲାଇବ୍ରେରିଆନଙ୍କ ଆଲୋଚନା

ଭୁବନେଶ୍ୱର, ୧୭ ।୨(ସମିସ): ରାଜ୍ୟର ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ କାର୍ଯ୍ୟରତ ଲାଇବ୍ରେରିଆନମାନଙ୍କ ଦୀର୍ଘଦିନର ସମସ୍ୟା ଓ ଦାବି ନେଇ ଉଚ୍ଚସ୍ତରୀୟ କମିଟି ସହ ଓଡ଼ିଶା ଅନୁଦାନପ୍ରାପ୍ତ କଲେଜ ଲାଇବ୍ରେରିଆନ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ତୋଷାଳୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଓ ଆବାହକ ସଦସ୍ୟ ଡି. ସନାତନ ପଣ୍ଡାଙ୍କ ଉପସ୍ଥିତିରେ ସଂଘ ପକ୍ଷରୁ ଲାଇବ୍ରେରିଆନମାନଙ୍କ ସେବା ସମ୍ବନ୍ଧୀୟ ସମସ୍ୟା, ପଦମର୍ଯ୍ୟାଦା ଓ ସୁବିଧା ସମ୍ପର୍କିତ ମୁଖ୍ୟ ଦାବି ଉପସ୍ଥାପିତ ହୋଇଥିଲା। କମିଟି ଦାବିଗୁଡ଼ିକୁ ଗୁରୁତ୍ୱ ସହ ବିଚାର କରି ରାଜ୍ୟ ସରକାରଙ୍କୁ ସକାରାଙ୍କକ ସୁପାରିଶ କରାଯିବ ବୋଲି ସଂଘକୁ ଅବଗତ କରାଇଛି। ବୈଠକରେ ସଂଘର ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା, କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର, ସହ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଭୂଷଣ ଚମ୍ପତିରାୟ ଉପସ୍ଥିତ ରହି ଦାବିଗୁଡ଼ିକୁ ଯୁକ୍ତିସହ ଉପସ୍ଥାପନ କରିଥିଲେ। ଆଲୋଚନାକୁ ସଂଘ ପକ୍ଷରୁ ସକାରାତକ ବୋଲି ମତ ପ୍ରକାଶ କରାଯାଇଛି।

## ଟାଙ୍ଗିବନ୍ତରେ ଜାଗର ଉତ୍ସବ ଉଦ୍‌ଯାପିତ

ନନ୍ଦନକାନନ, ୧୭।୨(ସମିସ): ଉତ୍ତର ଭୁବନେଶ୍ୱର ଟାଙ୍ଗିବନ୍ତ ଗ୍ରାମର ପ୍ରଭୁ ଶ୍ରୀଶ୍ରୀ ବେଲେଶ୍ୱର ଦେବାୟଙ୍କ ପୀଠସ୍ଥଳରେ ପଞ୍ଚଦଶ ଜାଗର ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଅଛି। ଏହି ଅବସରରେ ପବିତ୍ର ଜାଗର ଦିବସରୁ ଆରମ୍ଭ ହୋଇଥିବା ଏହି ତିନିଦିନ ବ୍ୟାପି ଉତ୍ସବରେ ଜାଗର ଦିନ ଜାଗର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାଦୀପ ଉଠିବା ସହ ଯଜ୍ଞ ଓ ପାଲା ଆରମ୍ଭ ହୋଇଥିଲା। ଗାୟକ ହରିହର ପାଣିଗ୍ରାହୀ ଓ ତାଙ୍କ ସାଥି ପାଲା ପରିବେଷଣ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଯଜ୍ଞ ବିଧି ଅନୁଯାୟୀ ପୂର୍ଣ୍ଣାହୁତି ହେବା ସହ ଉଦଯାପିତ ହୋଇଥିଲା। ହଜାରେ ହଜାରେ ସଂଖ୍ୟାରେ ଶ୍ରଦ୍ଧାଳୁ ଅନୁରାଗୀ ମାନେ ଉତ୍ସବରେ ସାମିଲ ହୋଇ ବିଭୁକୃପା ଲଭିଥିଲେ।

# ରାଜଧାନୀରେ ନାହିଁ ସ୍ମଗ୍ ଟାୱାର୍

■ ଧୂଳି, ଧୂଆଁ, କୁହୁଡ଼ି ମିଶି ସୃଷ୍ଟି ହେଉଛି ଧୂହୁଡ଼ି

■ ବୃଦ୍ଧି ପାଉଛି ହୃଦ୍‌ରୋଗ ହେବାର ଆଶଙ୍କା

ଭୁବନେଶ୍ୱର, ୧୭ ।୨(ସମିସ): ଦିନକୁ ଦିନ ରାଜଧାନୀ ସହରର ପରିବେଶ ଖରାପ ହେବାରେ ଲାଗିଛି। ଏବେ ସକାଳୁ ସକାଳୁ କୁହୁଡ଼ିରେ ରାଜଧାନୀ ରାସ୍ତାଘାଟ କିଛି ଦିଶୁ ନ ଥିବା ବେଳେ ଦିନକୁ ଦିନ ବିଷାକ୍ତ ଧୂଆଁ ଓ ଧୂଳିର ମିଶ୍ରଣରେ ଧୂହୁଡ଼ି ବା ସ୍ମଗ ସୃଷ୍ଟି ହେଉଛି। ଯାହା କ୍ରମେ ସାଂଘାତିକ ସ୍ଥିତିରେ ପହଞ୍ଚିଛି। ଅପରପକ୍ଷେ ରାଜଧାନୀରେ ଏଭଳି ପରିବେଶ ପାଇଁ ସ୍ମଗ୍ ଟାୱାରର ଆବଶ୍ୟକତା ଥିବା ବେଳେ ଏଯାଏଁ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାଦ୍ୱାରା ସହରରେ ବିଭିନ୍ନ ପ୍ରକାରର ପ୍ରଦୂଷଣ ମାତ୍ରା ବଢ଼ିବା ସହ ବିଭିନ୍ନ ରୋଗରେ ଲୋକେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଆଗକୁ ଏହା ଆହୁରି ସାଂଘାତିକ ସ୍ଥିତି ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏନେଇ ପରିବେଶବିତ୍‌ଙ୍କ କହିବା ଅନୁଯାୟୀ ଧୂହୁଡ଼ି ବା ସ୍ମଗ ଦ୍ୱାରା ଆଖିଜଳା ପୋଡ଼ା ଓ ଦୃଶ୍ୟମାନତା ହ୍ରାସ ହୋଇଥାଏ। ନିର୍ମାଣ କାର୍ଯ୍ୟ, ଖଣିଜ ଉତ୍ତୋଳନ ଏବଂ ମରୁଭୂମିକରଣରୁ ସୃଷ୍ଟି ହେଉଥିବା ଧୂଳି କଣିକା ମାଟିର ଉର୍ବରତାକୁ ହ୍ରାସ କରିବା ସହତ ଫସଲକୁ କ୍ଷତି ପହଞ୍ଚାଏ ଏବଂ ବାୟୁର ଗୁଣବତ୍ତାରେ ହ୍ରାସ ଘଟାଏ। ନିଶ୍ୱାସ ନେବା ସମୟରେ, ସୂକ୍ଷ୍ମ ଧୂଳି କଣିକା (ପିଏମ୍ ୧୦ ଏବଂ ପିଏମ୍ ୨.୫) ଶ୍ୱାସକ୍ରିୟା ପ୍ରଣାଳୀକୁ ଜଟିଳ କରିଥାଏ, ଏବଂ ଆଜ୍‌ମା, ବ୍ରୋଙ୍କାଇଟିସ୍ ଏବଂ ଅନ୍ୟାନ୍ୟ ଫୁସ୍ଫୁସ୍‌ଜନିତ ରୋଗକୁ ଆହୁରି ଖରାପ କରିଥାଏ। ଏହିପରି ଯାନବାହାନ, ଶିଳ୍ପ ଏବଂ ଜଙ୍ଗଲୀ ନିଆଁରୁ ବାହାରୁଥିବା ଧୂଆଁରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି କ୍ଷତିକାରକ ଗ୍ୟାସ୍ ରହିଥାଏ। ଯାହା ଆଖି ଜ୍ୱଳନ, ହୃଦ୍ ସମସ୍ୟା ଏବଂ ଫୁସଫୁସର କାର୍ଯ୍ୟଧାରାରେ ହ୍ରାସ ଘଟାଏ। ଲୋକେ ଅବା ଜୀବଜନ୍ତୁ ଲମ୍ବା ସମୟ ଏସବୁର ସଂସ୍ପର୍ଶରେ ରହିବା ଦ୍ୱାରା ଦୀର୍ଘକାଳୀନ ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସବୁର ବିପଦ ବଢ଼ିଥାଏ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କି ୧୯୫୨ ମସିହାରେ ଲଣ୍ଡନର ମହାଧୂହୁଡ଼ି ହେବା ଦ୍ୱାରା ହଜାର ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଦିନକୁ ଦିନ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ଅମାନିଆ ଗାଡ଼ି ଚାଳକ ହୁଅନ୍ତୁ ଅବା କୋଠାବାଡ଼ି ନିର୍ମାଣ କରୁଥିବା ଲୋକେ ଯଦି ସଚେତନ ନହେଲେ ତେବେ ଆମେ ଯେତେ କାର୍ଯ୍ୟ କଲେ ବି ସୁଫଳ ମିଳିବ ନାହିଁ ବୋଲି ସେ କହିଛନ୍ତି।


(ଫାଇଲ ଫଟୋ)

### କ'ଣ ଏହି ସ୍ମଗ ଟାୱାର

ବଡ଼ ବଡ଼ ସହରରେ ଅଧିକ ବାୟୁପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣ କରିବା କରିବା ପାଇଁ ଏହି ସ୍ମଗ ଟାୱାର ନିର୍ମାଣ କରାଯାଇଥାଏ। ଏହି ଟାୱାର ପ୍ରାୟ ୧ କିଲୋମିଟର ବ୍ୟାସାର୍ଦ୍ଧରେ ପ୍ରତି ସେକେଣ୍ଡରେ ଏକହଜାର ଘନ ମିଟର ବାୟୁକୁ ବିଶୁଦ୍ଧ କରିଥାଏ। ଯେଉଁ ସହରଗୁଡ଼ିକରେ ଅଧିକ ବାୟୁ ପ୍ରଦୂଷଣ ହୋଇଥାଏ, ପ୍ରଶାସନ ପକ୍ଷରୁ ସେସବୁ ସହରରେ ଆବଶ୍ୟକତା ଅନୁଯାୟୀ ସ୍ମଗ୍ ଟାୱାର ନିର୍ମାଣ କରାଯାଇଥାଏ। ଏହି କ୍ରମରେ ଭୁବନେଶ୍ୱରରେ ସ୍ମଗ୍‌ଟାୱାର ନିର୍ମାଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।


**PARADEEP PARIVAHAN LIMITED**

**(CIN: L52241OR2000PLC006379)**
**Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com**
**Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India Tel/ Fax- 0674-2590169, Mail:**
**Web Site: www.paradeepparivahan.com**

**CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")**

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.**

**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**
The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: **https://www.paradeepparivahan.com/home/notices**
· Website of Stock Exchange: **www.bseindia.com**
· website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**

ସକାଳ
THE SAKALA

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।

-ଜର୍ଜ ଅରୱେଲ୍

## ଏଆଇ ସର୍ବଜନହିତାୟ ହେଉ

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିଶ୍ୱକୁ ଏଭଳି ଏକ ନିର୍ଣ୍ଣାୟକ ଦୋଛକିରେ ଛାଡ଼ି ଦେଇଛି, ଯାହା ମାନବ ସଭ୍ୟତାର ଭବିଷ୍ୟତକୁ ନିୟନ୍ତ୍ରଣ କରିବାକୁ ଯାଉଛି। ଏହା ନିଃସନ୍ଦେହ ଯେ ବହୁ ଜଟିଳ କାର୍ଯ୍ୟ ନିମିଷକେ ସମାପନ କରି ଏଆଇ ଏବେ 'ସର୍ବଜନ ସୁଖାୟ' ନାମରେ ଗର୍ବିତ। ଏବେ ଶୈଶବରେ ଥିବା ଏଆଇର ବୟସ ଯେତେ ବଢ଼ିଚାଲିଥିବ ସୁଖର ଉପାଦାନ ଓ ସାଧନଗୁଡ଼ିକ ମଧ୍ୟ ସେହି ଅନୁଯାୟୀ ମାନବ ସଭ୍ୟତାକୁ ଉପଲବ୍ଧ ହୋଇଚାଲିଥିବ। ଅପରପକ୍ଷରେ ଏଆଇ କ'ଣ 'ସର୍ବଜନ ହିତାୟ'? ଏହି ପ୍ରଶ୍ନର ଉତ୍ତରରେ ଏଆଇ ମଧ୍ୟ ବୋଧହୁଏ ନିରବ ରହିବାକୁ ବିବଶ। ଯେଉଁଭଳି ଭାବରେ ଏହି ଅତ୍ୟାଧୁନିକ ସୂଚନାପ୍ରଯୁକ୍ତି ବିଦ୍ୟାର ଅପବ୍ୟବହାର ବଢ଼ି ଚାଲିଛି ତାହା ଯେ ଆଗାମୀ ଦିନରେ 'ସର୍ବଜନ ହିତାୟ' ହୋଇପାରିବ ଏହି ନିଶ୍ଚିତତା ଏ ପର୍ଯ୍ୟନ୍ତ କରିହେଉନାହିଁ। ଏହି ପୃଷ୍ଠଭୂମିରେ ରାଜଧାନୀ ନୂଆଦିଲ୍ଲୀରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ପାଞ୍ଚଦିନିଆ ଏଆଇ(କୃତ୍ରିମ ବୁଦ୍ଧିମତ୍ତା)ର ବୈଶ୍ୱିକ ଶିଖର ସମ୍ମିଳନୀ ଅନେକ ଗୁରୁତ୍ୱ ବହନ କରେ।

ଏଆଇର ବିକାଶ ବା ଉଦ୍ଭାବନ ଏ ପର୍ଯ୍ୟନ୍ତ ବିଶ୍ୱର ମୁଷ୍ଟିମେୟ ଧନାଢ୍ୟ ଦେଶ(ଉତ୍ପାଦକ)ଙ୍କ ନିୟନ୍ତ୍ରଣରେ ରହିଥିବା ବେଳେ ଅବଶିଷ୍ଟ ବିଶ୍ୱ କେବଳ ଏହାର ବ୍ୟବହାରକାରୀ(ଉପଭୋକ୍ତା) ହୋଇ ରହିଯାଇଛନ୍ତି। ଏଆଇକୁ 'ସର୍ବଜନ ସୁଖାୟ' ସହିତ 'ସର୍ବଜନ ହିତାୟ' କରିବାକୁ ହେଲେ ଏହି ଉତ୍ପାଦକ-ଉପଭୋକ୍ତା ସମ୍ପର୍କର ବିଲୋପ ବା ଏଆଇର ଗଣତାନ୍ତ୍ରିକତା ହେଉଛି ପ୍ରଥମ ଆବଶ୍ୟକତା। ଗଣତାନ୍ତ୍ରିକତା ବିନା ଏଆଇର ସାର୍ବଜନିନ ଗ୍ରହଣୀୟତା ଓ ଉପାଦେୟତାର ପରିକଳ୍ପନା ଅସମ୍ଭବ। ଏଆଇ ସମ୍ପର୍କିତ ଶିଖର ସମ୍ମିଳନୀ ପ୍ରଥମ ଥର ଲାଗି ବିକଶିତ ଦେଶ ବା ଉତ୍ତର-ବିଶ୍ୱର ରକ୍ଷଣଶୀଳ ଲକ୍ଷ୍ମଣରେଖାରୁ ବାହାରି ଦକ୍ଷିଣ-ବିଶ୍ୱରେ ପ୍ରବେଶ କରିବା ଏଆଇର ଗଣତାନ୍ତ୍ରିକତା ପ୍ରତି ଏକ ଶୁଭସଙ୍କେତ। ସୁଖର କଥା ଭାରତରେ ଆୟୋଜିତ ଏହି ଶିଖର ସମ୍ମିଳନୀରେ ୧୦୦ରୁ ଅଧିକ ଦେଶ ସମେତ ଅନେକ ବିକଶିତ ଦେଶର ରାଷ୍ଟ୍ରମୁଖ୍ୟ, ଶାସନମୁଖ୍ୟ, ବୃହତ୍ ଆଇଟି ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବୁଦ୍ଧିଜୀବୀ, ଗବେଷକ, ୫୦୦ରୁ ଅଧିକ ଏଆଇ ଷ୍ଟାର୍ଟଅପ୍ ସଂସ୍ଥାମାନେ ଯୋଗ ଦେଉଛନ୍ତି। ତେଣୁ ଏବେ ଏଆଇକୁ ନେଇ ବିଶ୍ୱ ସମ୍ମୁଖୀନ ହୋଇଥିବା ଦ୍ୱନ୍ଦ୍ୱରୁ ମୁକୁଳିବାର ବାଟ ଖୋଲିପାରେ ବୋଲି ଆଶା ସଞ୍ଚାର ହୋଇଛି।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ଓ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ଏଆଇର ଗୁରୁତ୍ୱ ବହୁଅଧିକ। ବିଶେଷକରି ସମସ୍ୟାବହୁଳ ଜନସ୍ୱାସ୍ଥ୍ୟ, ଗଣଶିକ୍ଷା, କୃଷି, ଆଇନ, ସମାଜବିଜ୍ଞାନ ଓ ମାନବାଧିକାରର ସୁରକ୍ଷା ଓ ବିକାଶରେ ତୃଣମୂଳସ୍ତରରେ ପ୍ରୟୋଗ ପାଇଁ ଭାରତ ପାଖରେ ବିପୁଳ ସୁଯୋଗ ଏବଂ ସମସ୍ୟା ସମାଧାନର ବିପୁଳ ସମ୍ଭାବନା ରହିଛି। କିନ୍ତୁ ନବସୃଜନ ଓ ନିଯୁକ୍ତି କ୍ଷେତ୍ରରେ ଏଆଇ ଯେଉଁ ଆହ୍ୱାନ ସୃଷ୍ଟି କରିଛି ତାହାକୁ ସମାଧାନ କରିବାର ବାଟ ବାହାର କରିବା ଦରକାର। ଏବେ ଯେଉଁ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି(ଡିପିଆଇ) ପ୍ରସଙ୍ଗ ଆଲୋଚନା ହେଉଛି ସେଥିରେ ଜନକଲ୍ୟାଣମୁଖୀ ସରକାରଙ୍କ ଉତ୍ତରଦାୟିତ୍ୱ ଓ ଦୂରଦର୍ଶିତାକୁ ଏଆଇ ଆହୁରି ସ୍ପଷ୍ଟ ଓ ସ୍ୱଚ୍ଛ କରିପାରିବ। ସମ୍ପ୍ରତି ଅନୁସୃଜନରେ ଭାଷିଣୀ; ଶିକ୍ଷା କ୍ଷେତ୍ରରେ ବୋଧନ ଏଆଇ, ପଢ଼ାଇ ୱିଥ୍ ଏଆଇ, ରକେଟ୍ ଲର୍ଣ୍ଣିଂ, ଆପ୍ପୁ, ବେଲାଗାଭୀ ସ୍ମାର୍ଟସିଟି ଭଳି କେତେକ ଏଆଇ ମଡେଲ୍ ବିକଶିତ ହୋଇଥିବା ବେଳେ କୃଷି କ୍ଷେତ୍ରରେ ନିଓପର୍କ, କଟନ୍‌ଏସ୍, ନିକୋରୋବୋଟିକ୍ସ, କ୍ରୋପିନ୍ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିରାମୟୀ, କ୍ୟୁର ଏଆଇ, ଏଆଇଷ୍ଟେଥ୍ ଭଳି ସ୍ୱଦେଶୀ ଜ୍ଞାନକୌଶଳରେ ଅନେକ ଏଆଇ ମଡେଲ୍ ବିକଶିତ ହୋଇଛି, ଯାହା ଏଆଇର ଅନ୍ତର୍ଭୁକ୍ତୀକରଣରେ ଉପାଦେୟ ସାବ୍ୟସ୍ତ ହୋଇଛି। ଏହାଦ୍ୱାରା ତୃଣମୂଳସ୍ତରରେ ଥିବା ଲୋକମାନେ ସରକାରୀ ସ୍ତରରେ ବ୍ୟବହୃତ ଭାଷା ଓ ଶବ୍ଦକୁ ଠିକ୍ ରୂପେ ପଢ଼ି ବୁଝିପାରିବେ ଏବଂ ସରକାରଙ୍କ ଯୋଜନାରେ ଉପକୃତ ହୋଇପାରିବେ। ଏହାକୁ ଆହୁରି ବିକଶିତ କରିବା ପାଇଁ ବିକଶିତ ରାଷ୍ଟ୍ରମାନେ ସହାୟତାର ହାତ ବଢ଼ାଇବା ଏବଂ ଭାରତକୁ ଏକ ପ୍ରୟୋଗଶାଳା ରୂପେ ବ୍ୟବହାର କରିବା ପାଇଁ ଏହି ଶିଖର ସମ୍ମିଳନୀ ଏକ ସୁଯୋଗ ଓ ମଞ୍ଚ ସୃଷ୍ଟି କରିଛି।

ଏଆଇର ସ୍ୱାଧୀନ ଓ ବ୍ୟାପକ ବ୍ୟବହାର ଆଗରେ ମାନବାଧିକାର, ଗଣତନ୍ତ୍ର ଓ ଆଇନର ଶାସନ ଭଳି ଯେଉଁ କେତେକ ପ୍ରଶ୍ନଚିହ୍ନ ଲାଗୁଛି ତାହାର ସମାଧାନ ପାଇଁ ମଧ୍ୟ ଏହି ସମ୍ମିଳନୀରେ ଆଲୋଚନା ହେବା ଦରକାର। କାରଣ ପୂର୍ବ ସମ୍ମିଳନୀଗୁଡ଼ିକ ଏଥିରେ ବିଫଳ ହୋଇଛନ୍ତି। ଏବେ ଏଆଇର ଗଣତାନ୍ତ୍ରିକତା ଆଗରେ ନିବେଶ ଓ ଲାଭାର୍ଥୀ ଭଳି ପ୍ରଶ୍ନ ଉଠୁଛି। ତେଣୁ ଏହି ମଞ୍ଚ ସୁନିଶ୍ଚିତ କରିବାକୁ ପଡ଼ିବ ଯେ ଏଆଇରେ ଯେଉଁ ବିପୁଳ ନିବେଶର ଆବଶ୍ୟକତା ରହିଛି, ତାହା ବ୍ୟବସାୟିକ ଦୃଷ୍ଟିକୋଣ ସହିତ ମାନବସଭ୍ୟତାର ସାମୂହିକ କଲ୍ୟାଣମୁଖୀ ହେବା ବାଞ୍ଛନୀୟ। କାରଣ ଆଜିର ଜଗତୀକରଣରେ ଗୋଟିଏ ରାଷ୍ଟ୍ର ବା ଅଞ୍ଚଳକୁ ବାଦ୍ ଦେଇ ବିଶ୍ୱକଲ୍ୟାଣ କିମ୍ବା ନିଜସ୍ୱ ରାଷ୍ଟ୍ରକଲ୍ୟାଣ ପରିକଳ୍ପନା ଅସମ୍ଭବ।

ସାମ୍ପ୍ରତିକ ଭୂରାଜନୈତିକ ଓ ଅର୍ଥନୈତିକ ଅସ୍ଥିର ବିଶ୍ୱରେ ଏଆଇ ଏବେ କେବଳ ଏକ ନିରବ ମୁଦ୍ରାରେ ଦଣ୍ଡାୟମାନ। କିଏ କିଭଳି ଏହାକୁ ବ୍ୟବହାର କରିବ ତା' ଉପରେ ବିଶ୍ୱର ଭବିଷ୍ୟତ ନିର୍ଭର କରୁଛି। ଏଆଇର ଅପପ୍ରୟୋଗ ନିମିଷକେ ବିଶ୍ୱକୁ ଧ୍ୱଂସ କରିପାରେ। ଅପରପକ୍ଷରେ ଏହାର ବିଚାରଶୀଳ ବ୍ୟବହାର ନବସୃଜନକୁ କ୍ଷୀପ୍ରଗତିରେ ସୁସଂହତ ଭାବେ ତ୍ୱରାନ୍ୱିତ କରି ମାନବ ସଭ୍ୟତାକୁ ସୁସ୍ଥ, ସୁନ୍ଦର ଓ ଉପଭୋଗ୍ୟ କରିପାରେ। ତେଣୁ ଚଳିତ ଏଆଇ ବୈଶ୍ୱିକ ମଞ୍ଚ ଏ ଦିଗରେ ଏକ ସଂକଳ୍ପ ପାରିତ କରିବା ବୋଲି ଆଶା କରାଯାଏ। ଭାରତ ପରିପ୍ରେକ୍ଷୀରେ ଏଆଇର ଚୂଡ଼ାନ୍ତ ସଫଳତା ଏହାର ଆକାର ଉପରେ ନୁହେଁ, ବରଂ ବ୍ୟାପକତା ଉପରେ ନିର୍ଭର କରେ।●

## ଓଡ଼ିଶାର ସବୁଜ ଓ ନୀଳ ଅର୍ଥନୀତି

ବିଦ୍ୟାଧର ମହାରଣା

ଓଡ଼ିଶାରେ ୫୨, ୪୭୨ ବର୍ଗ କିଲୋମିଟର ଜଙ୍ଗଲ, ୬୪.୦୯ ଲକ୍ଷ ହେକ୍ଟର ଚାଷଜମି, ସୁବିସ୍ତୃତ ବେଳାଭୂମି, ୧୧ ମୁଖ୍ୟନଦୀ ଜଳଧାରଣ ଅଞ୍ଚଳ ୧, ୫୧, ୯୭୬ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ। ରାଜ୍ୟର ଏପରି ପ୍ରାକୃତିକ ସମ୍ବଳର ପ୍ରାଚୁର୍ଯ୍ୟ, ପରିବ୍ୟାପ୍ତ ପରିସଂସ୍ଥା, ମହାନ୍ ସାଂସ୍କୃତିକ ଐତିହ୍ୟ ସବୁଜ ଓ ନୀଳ ଅର୍ଥନୀତି ମାଧ୍ୟମରେ ଚିରସ୍ଥାୟୀ ବିକାଶ ଆଡ଼କୁ ଅଗ୍ରସର ହେଉଛି। ଏହି ଅର୍ଥନୀତି ମଡେଲ ପ୍ରାକୃତିକ ସମ୍ବଳଗୁଡ଼ିକର ଯଥାର୍ଥ ବିନିଯୋଗ କରି ପରିବେଶ ସଂରକ୍ଷଣ କରିବା ସହିତ ଅର୍ଥନୈତିକ ପ୍ରଗତି ଓ ସାମାଜିକ ଜନମଙ୍ଗଳ ଆଡକୁ ଧ୍ୟାନ କେନ୍ଦ୍ରିତ କରୁଛି।

'ସବୁଜ ଅର୍ଥନୀତି' କହିଲେ ଏପରି ଏକ ଅର୍ଥନୈତିକ ପ୍ରଣାଳୀକୁ ବୁଝାଏ, ଯାହା ସର୍ବଦା ପରିବେଶ ସ୍ଥିରତା, ଶକ୍ତି ଦକ୍ଷତା ବୃଦ୍ଧି, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାକୃତିକ ସମ୍ବଳଗୁଡ଼ିକର ସଂରକ୍ଷଣକୁ ବୁଝାଏ। ଏହା ବାୟୁମଣ୍ଡଳକୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ତ୍ୟାଗକୁ ହ୍ରାସ କରାଏ, ସଠିକ ଭାବରେ ବର୍ଜ୍ୟବସ୍ତୁ ପରିଚାଳନା କରେ ଏବଂ ନବୀକରଣଯୋଗ୍ୟ ଶକ୍ତିସମ୍ବଳଗୁଡ଼ିକୁ ପ୍ରୋତ୍ସାହିତ କରେ। ୟୁଏନ୍‌ଇପି 'ସବୁଜ ଅର୍ଥନୀତି'କୁ ପରିବେଶ କ୍ଷତିଭୟ ହ୍ରାସ ସହିତ ପରିବେଶ ସଙ୍କଟର ନିରାକରଣ କରି ମାନବିକ ମଙ୍ଗଳ ଓ ସାମାଜିକ ସାମ୍ୟ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଛନ୍ତି। ଏହି ଅର୍ଥନୀତିର ଧ୍ୟାନକେନ୍ଦ୍ରିତ ବିଷୟଗୁଡ଼ିକ ହେଉଛି ନବୀକରଣଯୋଗ୍ୟ ଶକ୍ତି ବିକାଶ, ଦକ୍ଷ ପରିବହନ, ସୁସ୍ଥାୟୀ କୃଷି, ବନୀକରଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ଜୈବବିବିଧତା ସଂରକ୍ଷଣ। ଏହାର ଲକ୍ଷ୍ୟ ହେଉଛି ସଘନ ଅଙ୍ଗାର ପ୍ରଦୂଷଣ ପରିବର୍ତ୍ତେ ଦକ୍ଷତାର ସହିତ ସମ୍ବଳ ପରିଚାଳନା ଏବଂ ବାୟୁମଣ୍ଡଳକୁ ନିମ୍ନମାତ୍ରାରେ ସବୁଜଗୃହ ବାଷ୍ପ ନିର୍ଗମନ।

ସେହିପରି ବିଶ୍ୱବ୍ୟାଙ୍କ 'ନୀଳ ଅର୍ଥନୀତି'କୁ ସାମୁଦ୍ରିକ ସମ୍ବଳଗୁଡ଼ିକର ଧାରଣକ୍ଷମ ବିନିଯୋଗ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି, ଲୋକଙ୍କର ଜୀବିକାର୍ଜନ ଓ କର୍ମନିଯୁକ୍ତି ସୃଷ୍ଟି ଏବଂ ସାମୁଦ୍ରିକ ପରିସଂସ୍ଥାର ସଂରକ୍ଷଣ ବୋଲି ବର୍ଣ୍ଣନା କରିଛନ୍ତି। ଏଥିରେ ଧ୍ୟାନକେନ୍ଦ୍ରିତ ବିଷୟଗୁଡ଼ିକ ହେଲା ପୋଷଣୀୟ ମତ୍ସ୍ୟ ଉତ୍ପାଦନ, ସାମୁଦ୍ରିକ ପରିବହନ, ପର୍ଯ୍ୟଟନ, ସାମୁଦ୍ରିକ ଜୈବପ୍ରଯୁକ୍ତି ବିଦ୍ୟା, ପବନଚାଳିତ ଶକ୍ତି ଉତ୍ପାଦନ ଏବଂ ଗଭୀର ସମୁଦ୍ରରୁ ଖଣିଜ ପଦାର୍ଥର ଉତ୍ତୋଳନ। ଏହାର ଲକ୍ଷ୍ୟ ହେଉଛି ସାମୁଦ୍ରିକ ପରିବେଶ ସହିତ ଅର୍ଥନୈତିକ କ୍ରିୟାନୁଷ୍ଠାନକୁ ସମତୁଲ କରିବା ପାଇଁ ସଂରକ୍ଷଣ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନକୁ ସୀମିତ କରିବା ସହିତ ସମୁଦ୍ର ପରିସଂସ୍ଥାକୁ ଦୀର୍ଘସ୍ଥାୟୀ କରିବା।

'ସବୁଜ ଅର୍ଥନୀତି' ପରି 'ନୀଳ ଅର୍ଥନୀତି'ର ଅପୂର୍ବ ସୁଯୋଗ ଆମ ରାଜ୍ୟରେ ରହିଛି। ରାଜ୍ୟର ପରିବର୍ତ୍ତିତ ସମୁଦ୍ର ବେଳାଭୂମି ୫୭୪.୭ କିଲୋମିଟର ହେଲାଣି। ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଓ ଜଳଜୀବ ପାଳନ ଦ୍ୱାରା ବହୁ ଅର୍ଥ ଉପାର୍ଜନ ହେବା ସହିତ ସମୁଦ୍ର ତଟବର୍ତ୍ତୀ ଲୋକମାନଙ୍କ ଜୀବିକା ନିର୍ବାହ ସୁଯୋଗ ବୃଦ୍ଧି କରିବ। ବିଦେଶକୁ ମତ୍ସ୍ୟ ରପ୍ତାନୀ ମାଧ୍ୟମରେ ରାଜ୍ୟର ଅର୍ଥନୈତିକ ବିକାଶ ହୋଇପାରିବ। ସାମୁଦ୍ରିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବହୁ ଜୈବସମ୍ବଳ ଉତ୍ପାଦନ ହୋଇପାରିବ। ଏଥିରେ ଫାର୍ମାସିଉଟିକାଲ, ନ୍ୟୁଟ୍ରାସିଉଟିକାଲ ଓ ଅନ୍ୟାନ୍ୟ ଜୈବ ଆଧାରିତ ଶିଳ୍ପ ଅନ୍ତର୍ଭୁକ୍ତ। 'ନୀଳ ଅର୍ଥନୀତି' ସାମୁଦ୍ରିକ ସମ୍ବଳ ଓ ଜଳସମ୍ବଳଗୁଡ଼ିକର ସୁସ୍ଥାୟୀ ବିନିଯୋଗ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରେ। ଏହାଦ୍ୱାରା ଜନସାଧାରଣଙ୍କ ଜୀବନଜୀବିକା ବିକାଶ ଓ କର୍ମନିଯୁକ୍ତି ବୃଦ୍ଧି ସହିତ ଜଳଜ ପରିସଂସ୍ଥାଗୁଡ଼ିକର ସ୍ୱାସ୍ଥ୍ୟରକ୍ଷା ହୋଇଥାଏ।

ଆମ ରାଜ୍ୟରେ ବିସ୍ତୃତ ଜଙ୍ଗଲ, ନଦୀ, ସାମୁଦ୍ରିକ ଉପକୂଳ ଉଭୟ ନୀଳ ଓ ସବୁଜ ଅର୍ଥନୀତି ପାଇଁ ସୁଯୋଗ ସୃଷ୍ଟି କରିଛି। ଏହାଦ୍ୱାରା ନବୀକରଣଯୋଗ୍ୟ ଶକ୍ତି, ଜୈବପ୍ରଯୁକ୍ତି, ମତ୍ସ୍ୟଚାଷ, ସାମୁଦ୍ରିକ ବାଣିଜ୍ୟ, ପର୍ଯ୍ୟଟନ ପାଇଁ ଅପୂର୍ବ ସୁଯୋଗ ଉପଲବ୍ଧ ହୋଇପାରିବ। ପୃଥିବୀର ୭୨% ସମୁଦ୍ର ଦ୍ୱାରା ଅଧିକୃତ ହୋଇଥିବାରୁ 'ସବୁଜ ଅର୍ଥନୀତି' ମଧ୍ୟ 'ନୀଳ ଅର୍ଥନୀତି'ର ଏକ ମୁଖ୍ୟ ଉପାଦାନ। ଏଣୁ ଉଭୟ ଅର୍ଥନୀତି ସମାବେଶୀ ଅଭିବୃଦ୍ଧି, କର୍ମନିଯୁକ୍ତି ସୃଷ୍ଟି, ଜଳବାୟୁ ସହନଶୀଳତା ସହିତ ଦୀର୍ଘସ୍ଥାୟୀ ଅର୍ଥନୈତିକ ସ୍ଥିରତା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏବେ ତ 'କମଳା ଅର୍ଥନୀତି' ଉପରେ ମଧ୍ୟ ଗୁରୁତ୍ୱ ଦିଆଗଲାଣି। ଏହା ହେଉଛି ସୃଜନଶୀଳତା, ସାଂସ୍କୃତିକ ଓ ବୌଦ୍ଧିକ ସମ୍ପତ୍ତି ବିକାଶ ଦ୍ୱାରା କର୍ମନିଯୁକ୍ତି ଓ ରୋଜଗାର ବୃଦ୍ଧି। ଏଥର କେନ୍ଦ୍ର ବଜେଟରେ ଏହା ଉପରେ ପ୍ରାଧାନ୍ୟ ଦିଆଯାଇଛି।

ଓଡ଼ିଶାର ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ରାଜ୍ୟର 'ସବୁଜ ଅର୍ଥନୀତି'କୁ ଅଧିକ ଶାଣିତ କରାଯାଇପାରେ। ରାଜ୍ୟର ସୌରଶକ୍ତି ଓ ପବନଶକ୍ତି ମାଧ୍ୟମରେ ନବୀକରଣଯୋଗ୍ୟ ଶକ୍ତି ସମ୍ପଦର ସୁବିନିଯୋଗ କରାଗଲେ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ଧୀରେଧୀରେ ହ୍ରାସ ପାଇବ। ଏଥିପାଇଁ ରାଜ୍ୟରେ ସୌରଶକ୍ତି ପାର୍କ ଓ ପବନ ଶକ୍ତି ଫାର୍ମ ସ୍ଥାପନ କରିବାର ଅପୂର୍ବ ସୁଯୋଗ ରହିଛି। ରାଜ୍ୟର ମୃତ୍ତିକା ଓ ଜଳ ସଂରକ୍ଷଣ ସହିତ ଅଙ୍ଗାର ସଂରକ୍ଷଣ ଏବଂ ଜୈବବିବିଧତା ସଂରକ୍ଷଣ ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସଂରକ୍ଷଣ ଉପରେ ରାଜ୍ୟ ସରକାର ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରାଜ୍ୟରେ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସହିତ ଶିଳ୍ପ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହା ସଫଳ ହେଲେ ସହର ଓ ଗ୍ରାମୀଣ ପରିବେଶ ସ୍ୱଚ୍ଛ ରହିପାରିବ।

ରାସାୟନିକ କୃଷି ଯୋଗୁଁ ଜମି, ଜଳ ଓ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏହାର ନିରାକରଣ ପାଇଁ ସଂରକ୍ଷଣ କୃଷି, ପ୍ରାକୃତିକ କୃଷି, ଜୈବିକକୃଷି ଏବଂ ସମନ୍ୱିତ କୃଷି ପଦ୍ଧତି ଅନୁସରଣ ଅପରିହାର୍ଯ୍ୟ। ରାଜ୍ୟର କୃଷକମାନେ ଧୀରେ ଧୀରେ ଜୈବିକକୃଷି, ଜଳବାୟୁ ସହନଶୀଳ କୃଷି ଆଡ଼କୁ ମୁହାଁଇଲେଣି, ଯାହାକି ଏକ ଶୁଭଲକ୍ଷଣ। ରାସାୟନିକ ସାର ଓ କୀଟନାଶକ ବ୍ୟବହାର ପରିବର୍ତ୍ତେ କମ୍ପୋଷ୍ଟ, ଜିଆ ଖତ, ବାୟୋସାର, ବାୟୋ କୀଟନାଶକ ଇତ୍ୟାଦି ବ୍ୟବହାର କରାଗଲାଣି। ଅଧିକ ଅମଳକ୍ଷମ ବିହନ ପରିବର୍ତ୍ତେ ଦେଶୀ ବିହନ ବ୍ୟବହାର କରିବା ଦ୍ୱାରା ଫସଲ ମରୁଡ଼ି ଓ ବନ୍ୟା ଦାଉରୁ ରକ୍ଷା ପାଇଥାଏ। ପାରାଦ୍ୱୀପ, ଧାମରା ଓ ଗୋପାଳପୁର ବନ୍ଦରଗୁଡ଼ିକର ବିକାଶ ଯୋଗେ ବାଣିଜ୍ୟ ପରିବହନ ସହିତ ବାୟୁଚାଳିତ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ହୋଇପାରିବ। ରାଜ୍ୟର ପ୍ରଚୁର ଖଣିଜସମ୍ପଦ ଏହା ମାଧ୍ୟମରେ ବିଦେଶକୁ ରପ୍ତାନୀ ହୋଇପାରିବ ଏବଂ ବିଦେଶରୁ ସାର ଇତ୍ୟାଦି ଆମଦାନୀ ହୋଇପାରିବ। ସାମୁଦ୍ରିକ ବେଳାଭୂମିରେ ପର୍ଯ୍ୟଟନର ବ୍ୟାପକ ସୁବିଧା ରହିଛି। ସମୁଦ୍ର ତଟବର୍ତ୍ତୀ ହେନ୍ତାଳ ବନ, ଦେବାଳୟ, ଅଭୟାରଣ୍ୟ ଇତ୍ୟାଦି ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ସେମାନେ ମାସମାସ ଧରି ସମୁଦ୍ରକୂଳିଆ ହୋଟେଲଗୁଡ଼ିକରେ ରହିବାକୁ ପସନ୍ଦ କରନ୍ତି। ଏହାଦ୍ୱାରା ରାଜସ୍ୱ ଆୟ ବୃଦ୍ଧିପାଏ। ସମୁଦ୍ର କୂଳରେ ପବନ ଚାଳିତ ଟାୱାର ଓ ଟରବାଇନ୍ ମାଧ୍ୟମରେ ପବନ ଶକ୍ତି ଉତ୍ପାଦନ ହୋଇପାରିବ। ଏହିପରି ଫାର୍ମଗୁଡ଼ିକ ସ୍ଥାପନ କରି ରାଜ୍ୟରେ ସ୍ୱଚ୍ଛଶକ୍ତି ଉତ୍ପନ୍ନ କରି ଅର୍ଥନୀତିକୁ ସୁଦୃଢ଼ କରାଯାଇ ପାରିବ।

ଯେକୌଣସି ଆକାଂକ୍ଷିତ କାର୍ଯ୍ୟ କଲେ ମଧ୍ୟ କିଛି ପ୍ରତିବନ୍ଧକ ଆସିବା ସ୍ୱାଭାବିକ। ଏଗୁଡ଼ିକୁ ସଠିକ ସମୟରେ ନିରାକରଣ କରିପାରିଲେ ସଫଳତା ଅବଶ୍ୟ ଆସିବ। ଓଡ଼ିଶାର ସବୁଜ ଓ ନୀଳ ଅର୍ଥନୀତି ମଧ୍ୟ ଜଳବାୟୁ ପରିବର୍ତ୍ତନର ଆହ୍ୱାନ, ସମ୍ବଳଗୁଡ଼ିକର ଅତ୍ୟଧିକ ବିନିଯୋଗ ଏବଂ ନୀତିଗତ ବ୍ୟବଧାନ ଦ୍ୱାରା ପ୍ରଭାବିତ ହୋଇପାରେ। ଏହାର ନିରାକରଣ ପାଇଁ ଗୋଷ୍ଠୀ ସହଭାଗିତା, ଗବେଷଣା ଓ ନବସୃଜନ ପାଇଁ ପୁଞ୍ଜିନିବେଶ ଏବଂ ସରକାରୀ ଘରୋଇ ସହଯୋଗିତା ଆଦି ପ୍ରତିବନ୍ଧକ ଦୂରୀଭୂତ କରିବାରେ ସହାୟକ ହୋଇପାରିବ। ନିରନ୍ତର ବିକାଶ ଲକ୍ଷ୍ୟ ଅନୁସାରେ ସବୁଜ ଓ ନୀଳ ଅର୍ଥନୀତି ବିଶ୍ୱ ସମୂହର ଉଦ୍ୟମ ସହିତ ତାଳଦେଇ ଆଗକୁ ବଢ଼ିବାକୁ ହେବ। ମିଳିତ ଜାତିସଂଘ ନିରନ୍ତର ବିକାଶ ଲକ୍ଷ୍ୟ ୧( ଶୂନ୍ୟ ଦାରିଦ୍ର୍ୟ), ୨( ଶୂନ୍ୟକ୍ଷୁଧା), ୧୩ ( ଜଳବାୟୁ କ୍ରିୟାନୁଷ୍ଠାନ), ୭( ସ୍ୱଚ୍ଛ ଶକ୍ତି), ୧୪ ( ଜଳ ତଳେ ଜୀବନ) ରେ ସବୁଜ ଓ ନୀଳ ଅର୍ଥନୀତିର ଆବଶ୍ୟକତା ଉଲ୍ଲେଖ ହୋଇଛି। ଏଣୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସବୁଜ ଓ ନୀଳ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାର ଅର୍ଥନୈତିକ ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ସହିତ ସନ୍ତୁଳନ ରକ୍ଷା କରି କାର୍ଯ୍ୟକ୍ରମଗୁଡ଼ିକ ପରିଚାଳନା କଲେ ରାଜ୍ୟର ଲୁକ୍କାୟିତ ସମ୍ଭାବନାକୁ ଉନ୍ମୋଚନ କରି ସମସ୍ତ ନାଗରିକଙ୍କ ଜୀବନଜୀବିକା ବିକାଶ ତଥା ଜଳବାୟୁ ସହନଶୀଳ ଜୀବନଯାପନ ପାଇଁ ବ୍ରତୀ ହୋଇପାରିବେ।●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଓଡ଼ିଆ ଶିଶୁନାଟକର ମୂଲ୍ୟାୟନ

ବିପିନ ମହାପାତ୍ର

ଭାରତ ସ୍ୱାଧୀନ ହେବାର ମାତ୍ର ଗୋଟିଏ ବର୍ଷ ପରେ ଅର୍ଥାତ୍ ୧୯୪୮ ମସିହାରେ ଓଡ଼ିଶାର କଟକ ସହରରେ ପ୍ରତିଷ୍ଠା ହେଲା ବେତାର କେନ୍ଦ୍ର। ମୁଖ୍ୟତଃ ତାହା ଜାତୀୟ ଓ ଅନ୍ତର୍ଜାତୀୟ ଖବର ପ୍ରସାରଣକୁ ପ୍ରାଧାନ୍ୟ ଦେବା ସଙ୍ଗେ ସଙ୍ଗେ କଳା, ସାହିତ୍ୟ, ସଂଗୀତ, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପ୍ରସାରିତ କରି ସବୁବର୍ଗର ଶ୍ରୋତାଙ୍କ ଆସ୍ଥାଭାଜନ ହେଲା। ତନ୍ମଧ୍ୟରୁ ଶିଶୁ ଓ କିଶୋର ବିଭାଗ ଥିଲା ଅନ୍ୟତମ। ଏହାଦ୍ୱାରା ବହୁ ଲୁକ୍କାୟିତ ପ୍ରତିଭା ଅନ୍ୱେଷିତ ହେଇ ଲୋକଲୋଚନକୁ ଆସିଲେ। ଯଦିଓ କେତୋଟି ଅନିବାର୍ଯ୍ୟ କାରଣରୁ 'ଶିଶୁନାଟକ' ପ୍ରତି ଉଦାସୀନତା ଶ୍ରୋତାମାନଙ୍କ ସମାଲୋଚନାର କାରଣ ହେଲା; କିନ୍ତୁ ପରେ ପରେ ତାହା ସାମୟିକ ଭାବେ ପ୍ରସାରିତ ହେଲା।

ସେତେବେଳେ ଓଡ଼ିଶାରେ ସାମାନ୍ୟ ବିସ୍ତାର ଲାଭ କରିଥିଲା 'କଣ୍ଢେଇନାଚ'। ତାହା ଆବାଳବୃଦ୍ଧବନିତାଙ୍କୁ ଖୁବ୍ କମ୍‌ସମୟରେ ଆକୃଷ୍ଟ କରିପାରିଥିଲା। ତେଣୁ ପଛକୁ ଫେରିବାର ଅବକାଶ ନଥିଲା। ପ୍ରାୟତଃ ଓଡ଼ିଆ ଶିଶୁନାଟକ ସମ୍ବନ୍ଧୀୟ ଗବେଷଣା ଦୁର୍ଲଭ। ତଥାପି ଯେଉଁ ଗୋଟେ ଅଧେ ନିବନ୍ଧ ଉପଲବ୍ଧ ହେଇଛି, ସେଗୁଡ଼ିକର ଗବେଷକମାନଙ୍କ ମତରେ ଓଡ଼ିଆ ଶିଶୁନାଟକର ଉଦ୍ଭବ ଓ ବିକାଶ ଘଟିଥିଲା ବିଂଶଶତାବ୍ଦୀର ମଧ୍ୟାନ୍ତରରେ। ତା' ପୁଣି କଣ୍ଢେଇନାଚର ପ୍ରଭାବରେ। ତେଣେ ପୌରାଣିକ, ଐତିହାସିକ, ସାମାଜିକ, ପାରିବାରିକ, କାଳ୍ପନିକ ପ୍ରଭୃତି ନାଟକ ପେଷାଦାର ନାଟ୍ୟସଂସ୍ଥା ଯଥା: ଅନ୍ନପୂର୍ଣ୍ଣା (ଏ), ଅନ୍ନପୂର୍ଣ୍ଣା (ବି) ଓ ଜନତା ଥିଏଟର୍ସ ଦ୍ୱାରା ଓଡ଼ିଶାର ଠାଏଁ ଠାଏଁ ମଞ୍ଚସ୍ଥ ହେଇ ପ୍ରଗତିଶୀଳତାର ନିକଟବର୍ତ୍ତୀ ହେଇ ବେଶ୍ ବ୍ୟାବସାୟିକ ସଫଳତା ହାସଲ କରିପାରିଥିଲା। ଏହାଛଡ଼ା ପ୍ରମୁଖ ସହର ଓ ଗ୍ରାମାଞ୍ଚଳରେ ନବଗଠିତ ସୌଖୀନ୍ ନାଟ୍ୟ ସଂଗଠନ ବି ମଞ୍ଚ ଆନ୍ଦୋଳନରେ ସାମିଲ୍ ହେଇ ନାଟ୍ୟାମୋଦୀ ଦର୍ଶକମାନଙ୍କୁ ଖୋରାକ୍ ଯୋଗାଇ ପାରିଲେ।

ଏଥିରେ ପ୍ରଭାବିତ ହେଲା ଓଡ଼ିଶାର କେତୋଟି ଛୋଟବଡ଼ ଶିକ୍ଷାନୁଷ୍ଠାନ। ଶିଶୁ ନାଟକର ବୀଜବପନ କରିବାକୁ କଳା-ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଶିକ୍ଷକମାନେ ଗ୍ରହଣ କଲେ ଦୁଃସାହସିକ ପଦକ୍ଷେପ। ବଜାରରେ ଶିଶୁନାଟକ ଉପଲବ୍ଧ ହେଉ ନ ଥିଲେ ମଧ୍ୟ ଆଶା ଓ ଆଶଙ୍କାରେ ଶିଶୁନାଟକ ରଚନା କରିବାକୁ କଲମ ଧରିଲେ। ସେମାନଙ୍କ ଏ ରକମ ପଦକ୍ଷେପର ଅନ୍ତରାଳରେ ଥିଲା ଯେ, ଆଜିର ଶିଶୁ ଓ କିଶୋର ପ୍ରତିଭା ହୁଏତ ଆଗାମୀରେ ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ମାନ ନିର୍ଦ୍ଧାରଣ କରି କୀର୍ତ୍ତିମାନ୍ ହେବ ଏବଂ ସେମାନେ ବି ମନୋରଞ୍ଜନର ଅଂଶୀଦାର ହେବା ଉଚିତ। କିନ୍ତୁ ଏଥିପାଇଁ ଖୁବ୍ କମ୍‌ସଂଖ୍ୟକ ଅଭିଭାବକଙ୍କୁ ସେମାନେ କୈଫିୟତ ଦେବାକୁ ବାଧ୍ୟ ହେଇଥିଲେ। ପିଲାଙ୍କ ପାଠପଢ଼ା ଯେପରି ଏଥିପାଇଁ ବ୍ୟାହତ ନ ହେବ ତାହା ବି ସେମାନେ ଗଭୀର ଭାବେ ଚିନ୍ତା କରିଥିଲେ। ଏକରୁ ଅନେକ ନ୍ୟାୟରେ କ୍ରମଶଃ ପ୍ରଦର୍ଶିତ ହୋଇ ଶିଶୁନାଟକର ବିକାଶ ଘଟିଲା ମାତ୍ର କେତେବର୍ଷ ପାଇଁ। କିନ୍ତୁ ତାହା ଥିଲା ଶିଶୁ ସାହିତ୍ୟର ବିକାଶ ଧାରା ଅପେକ୍ଷା ସୀମିତ।

ନାଟ୍ୟଶାସ୍ତ୍ରର ପଞ୍ଚସନ୍ଧି ଯଥା: ମୁଖ, ପ୍ରତିମୁଖ, ଗର୍ଭ, ନିର୍ବହଣ ଓ ବିମର୍ଷ ଶିଶୁନାଟକ ପାଇଁ ପ୍ରଯୁଜ୍ୟ ନ ହେଲେ ବି ତା'ର ଚାରିସୂତ୍ର ଅର୍ଥାତ୍ ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ ତହିଁରେ ସ୍ଥାନ ପାଇ ନ ଥିଲେ ନାଟକ ଅସଫଳ ହେବାର ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ଏତଦ୍‌ବ୍ୟତୀତ କାହାଣୀ, ଚରିତ୍ର, ସଂଳାପ, ଉତ୍କଣ୍ଠା, ଦ୍ୱନ୍ଦ୍ୱ, ସଂଘର୍ଷ, ନାଟ୍ୟଶ୍ଳେଷ, ଐକ୍ୟତ୍ରୟୀ ପ୍ରଭୃତି ସହ ଅଭିନୟ କଳା, ମଞ୍ଚସଜା, ଆଲୋକ ସଂପାତ, ଆବହ ଓ କଣ୍ଠ ସଂଗୀତ ପ୍ରତି ଯଦି ସମ୍ୟକ୍ ଧ୍ୟାନ ଦିଆ ନ ଯାଏ ତେବେ ତାହା ମଞ୍ଚସ୍ଥ ଉପଯୋଗୀ ହେବା ଅସମ୍ଭବ।

ସାଧାରଣରେ ଶିଶୁମାନେ ହିଁ ଦେଶର ଭବିଷ୍ୟତ ବୋଲି ଯେତେବେଳେ ସ୍ୱର ଉତ୍ତୋଳିତ ହେଇଆସୁଛି, ସେତେବେଳେ ସେମାନଙ୍କୁ ନେଇ ନାଟକ ପରିବେଷଣ କଲା ବେଳେ ମନସ୍ତତ୍ତ୍ୱ, ଜାତୀୟତା, ଶିକ୍ଷା, ସଂସ୍କୃତି, କ୍ରୀଡ଼ା, ଐତିହ୍ୟ, ପରିବେଶ ସୁରକ୍ଷା, ତ୍ୟାଗ, ଆଦର୍ଶ, ସ୍ୱଦେଶପ୍ରେମ ପ୍ରଭୃତିର କିଛି କିଛି ଉପାଦାନ ନେଇ ନାଟକର କାହାଣୀ ଗଠିତ ହେବା ବିଧେୟ। ହିଂସା, ଦ୍ୱେଷ, ପରଶ୍ରୀକାତରତା, ପ୍ରେମ, ପ୍ରଣୟ, ଅସୂୟା ମନୋଭାବ, ଅନ୍ଧବିଶ୍ୱାସ, କୁସଂସ୍କାର ଏହି ନାଟକରେ ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ। ସୀମିତ ଚରିତ୍ର, ସରଳ ଭାଷା ବିନ୍ୟାସ ସହ କ୍ଷୁଦ୍ର ସଂଳାପ ଓ ନିରାଡ଼ମ୍ବର ମଞ୍ଚସଜା ଓ ଗୋଟେ ଅଧେ ସିକ୍ୱେନ୍‌ସ ଗୀତ ସମେତ ଉପସ୍ଥାପନା ଶୈଳୀ ନିହାତି ସକାରାତ୍ମକ ଚିନ୍ତାଧାରାର ପର୍ଯ୍ୟାୟଭୁକ୍ତ ହେବା ଉଚିତ।

ସର୍ବୋପରି ଏତାଦୃଶ ଯତ୍ନଶୀଳତାରେ ନାଟ୍ୟ ରଚୟିତା ଅପେକ୍ଷା ନିର୍ଦ୍ଦେଶକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ପାରମ୍ପରିକ ନାଟକ ଠାରୁ ପୂରାପୂରି ଭିନ୍ନ। ଅଧୁନା ଓଡ଼ିଆ ମଞ୍ଚ ନାଟକ ଓ ଯାତ୍ରା ନାଟକର ପ୍ରଗତି ପଥରେ ଶିଶୁ-କିଶୋର ନାଟକର ସୀମିତ ପ୍ରଦର୍ଶନ ନାଟ୍ୟପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗର କାରଣ ହେଇଛି। ଶିଶୁ ସଂଗୀତ, ନୃତ୍ୟ, ବିଜ୍ଞାନମେଳା, କ୍ରୀଡ଼ା ଓ ଚିତ୍ରାଙ୍କନ ପ୍ରଭୃତିକୁ ପ୍ରାଧାନ୍ୟ ଦିଆଯାଉଛି ସିନା ନାଟକ ଅବହେଳିତ ହେଇଛି। ହାତଗଣତି ଓଡ଼ିଶାର ଯେଉଁ କେତୋଟି ପଞ୍ଜୀକୃତ ତଥା ସରକାରୀ ଅନୁଦାନପ୍ରାପ୍ତ ନାଟ୍ୟାନୁଷ୍ଠାନ ଶିଶୁ-କିଶୋର ନାଟକ ମହୋତ୍ସବର ଆୟୋଜନ କରୁଛନ୍ତି ତାହା ପ୍ରଭାବହୀନ ହେଇପଡ଼ୁଛି। ବଜାରରେ ବି ପର୍ଯ୍ୟାପ୍ତ ଶିଶୁନାଟକ ଉପଲବ୍ଧ ହେଉନାହିଁ। ନାଟ୍ୟ ରଚୟିତାମାନଙ୍କ ଶିଶୁନାଟକ ପ୍ରତି ଉଦାସୀନତା ଏଥିରୁ ଅନୁମିତ ହୁଏ, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିଲେ ଠିକ୍ ହେବ। କିନ୍ତୁ ଶିଶୁ ସାହିତ୍ୟର ବିକାଶ ନିମନ୍ତେ ସରକାରୀ ଅନୁଦାନ ବନ୍ଦ ହେଇନାହିଁ।●

ବ୍ରହ୍ମପୁର, ମୋ: ୯୮୫୩୭୫୧୩୨୨

## କୋଇଲି ବୈକୁଣ୍ଠ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ତ୍ରେତୟା ଯୁଗର କଥା। ମାର୍ଗଶୀର ଶୁକ୍ଳପକ୍ଷ ଅଷ୍ଟମୀ ତିଥି। ମାତା କୌଶଲ୍ୟା ବାଳକ ଶ୍ରୀରାମଚନ୍ଦ୍ରଙ୍କ ପାଇଁ ପ୍ରଥମାଷ୍ଟମୀ ବ୍ରତ ପାଳନ କରୁଥିଲେ। ହଳଦୀ ପତ୍ରରେ ଏଣ୍ଡୁରି ପିଠା କରି ସେ ଘର ଦିଅଁଙ୍କ ପାଖରେ ନୈବେଦ୍ୟ ଦେଲେ ଏବଂ ପାଟ ଅଗଣାରେ ବୁଲି ବୁଲି ପୁଅକୁ ଏଣ୍ଡୁରି ଖୁଆଉ ଥିଲେ। ଦେବର୍ଷି ନାରଦ ଏ ଦୃଶ୍ୟ ଦର୍ଶନ କରି ମୁଗ୍ଧ ହେଲେ ଏବଂ ବାଳକ ଶ୍ରୀରାମଙ୍କୁ ପ୍ରଣିପାତ କଲେ। କିନ୍ତୁ ଏ ଘଟଣାକୁ ନେଇ କିଛି ଗୋଟେ ନାଟକ କରିବା ପାଇଁ ସେ ଚିନ୍ତା କରି ଲଙ୍କାରେ ପହଞ୍ଚିଲେ। ଲଙ୍କାର ରାଜା ରାବଣ ଦେବର୍ଷିଙ୍କୁ ପ୍ରଣିପାତ କରି ଦିବ୍ୟଆସନରେ ବସାଇ ଆସିବାର କାରଣ ପଚାରିଲେ। ନାରଦ କହିଲେ, 'ତୁମେ ତ ତତ୍ତ୍ୱଦର୍ଶୀ ଜ୍ଞାନୀ। ବିଷ୍ଣୁ ଅବତାର ଶ୍ରୀରାମଙ୍କ ହାତରେ ତୁମର ନିଧନ ବିଧିନିର୍ଦ୍ଦିଷ୍ଟ। ସେ ଅଯୋଧ୍ୟା ରାଜକୁଳରେ ଜନ୍ମଗ୍ରହଣ କରି ସାରିଲେଣି। ମୁଁ ବର୍ତ୍ତମାନ ବାଳକ ରାମଙ୍କୁ ଉଆସ ଅଗଣାରେ ବୁଲି ବୁଲି ଏଣ୍ଡୁରି ଖାଉଥିବାର ଦେଖିଆସିଲି। ତୁମେ ବେଳହୁଁ ସେ ବିଷୟରେ କିଛି କରିବାକୁ ପରାମର୍ଶ ଦେବା ପାଇଁ ମୁଁ ଚାଲି ଆସିଲି।'

ଏକଥା ଶୁଣି ରାବଣ ସଙ୍ଗେସଙ୍ଗେ ପୁଷ୍ପକ ବିମାନ ଆରୋହଣ କରି ଅଯୋଧ୍ୟା ଅଭିମୁଖେ ଚାଲିଲେ। ଆକାଶମାର୍ଗରୁ ଦେଖିଲେ ଯେ ବାଳକ ରାମଚନ୍ଦ୍ର ଉଆସର ପାଟ ଅଗଣାରେ ଏକାକୀ ବୁଲି ବୁଲି ଏଣ୍ଡୁରି ପିଠା ଖାଉଛନ୍ତି। ତତ୍ତ୍ୱଦର୍ଶୀ ରାବଣ ଚିନ୍ତା କଲେ ଯେ 'ଶ୍ରୀରାମଚନ୍ଦ୍ର ସାକ୍ଷାତ୍ ବିଷ୍ଣୁଙ୍କ ଅବତାର ହୋଇଥିବାରୁ ତାଙ୍କ ଅଇଁଠା ଏଣ୍ଡୁରି କୈବଲ୍ୟ ସ୍ୱରୂପ। ସେ କୈବଲ୍ୟ ସେବନ କଲା ପରେ ସଂସାରର କୌଣସି ଶକ୍ତି ତାଙ୍କୁ ବଧ କରିପାରିବ ନାହିଁ। ଫଳସ୍ୱରୂପ ଅମରତ୍ୱ ପ୍ରାପ୍ତ ହେବ। ତେଣୁ ରାମଙ୍କ ହାତରେ ମଧ୍ୟ ତାଙ୍କର ମରଣ ଅସମ୍ଭବ ହୋଇଯିବ।' ଯୋଜନାକୁ ସାକାର କରିବା ପାଇଁ ରାବଣ ଗୋଟିଏ କଳା ମାଈପକ୍ଷୀର ରୂପ ଧାରଣ କରି ଶ୍ରୀରାମଙ୍କ ହାତରୁ ଅଇଁଠା ଏଣ୍ଡୁରି ଖଣ୍ଡକ ଝାମ୍ପି ନେଲେ। ଶ୍ରୀରାମ ରାବଣର ଉଦ୍ଦେଶ୍ୟ ବୁଝିପାରି ଏକ କଳା ପୁରୁଷପକ୍ଷୀର ରୂପ ଧାରଣ କରି ରାବଣଙ୍କ ପଛେ ପଛେ ଗୋଡ଼େଇଲେ। ରାବଣ ଉଡ଼ିଉଡ଼ି ଯାଇ ଗଙ୍ଗାନଦୀ କୂଳର ବାଞ୍ଛାବଟ ଉପରେ ବସିଲେ। ପିଠା ଖଣ୍ଡକ ଖାଇବାକୁ ଉଦ୍ୟତ ହୁଅନ୍ତେ ପକ୍ଷୀରୂପୀ ଶ୍ରୀରାମ ସେଠାରେ ପହଞ୍ଚି ଚଞ୍ଚୁରେ ପ୍ରଚଣ୍ଡ ଆଘାତ କଲେ। ଫଳରେ ପିଠାଖଣ୍ଡକ ନଦୀଜଳରେ ଖସି ପଡ଼ିଲା। ଗୋଟିଏ ଜୋକ ସେ ପିଠା ଖଣ୍ଡକ ଖାଇଦେଲା। କୈବଲ୍ୟ ସେବନ କରିବା ପରେ ଜୋକ ଅମର ହୋଇଗଲା। ସେହିଦିନଠାରୁ ଜୋକ କୌଣସି କାରଣରୁ ଆଘାତପ୍ରାପ୍ତ ହୋଇ ଦି ଖଣ୍ଡ ହୋଇ ଗଲେ ମଧ୍ୟ ମରି ଯାଏ ନାହିଁ। ତା'ର ପ୍ରତ୍ୟେକ ଖଣ୍ଡିତ ଅଂଶ ପୂର୍ଣ୍ଣାଙ୍ଗ ହୋଇ ପୁଣି ନୂଆ ଜୀବନ ନିଏ।

ପିଠା ଖଣ୍ଡକ ପାଣିରେ ପଡ଼ିଗଲା ପରେ ଦୁଇପକ୍ଷୀ ପରସ୍ପରକୁ ପ୍ରଥମ ଦେଖାରେ ଭଲ ପାଇବାକୁ ଲାଗିଲେ। ସେମାନଙ୍କ ମିଳନରୁ ତିନି ତତ୍ତ୍ୱକୁ ଅବଲମ୍ବନ କରି ତିନୋଟି କଳା ପକ୍ଷୀ ଜନ୍ମ ହେଲେ। ରାବଣଙ୍କ ଆସୁରିକ ପ୍ରବୃତ୍ତିକୁ ନେଇ କାକପକ୍ଷୀ ଜନ୍ମ ହେଲା ଏବଂ ଏକ ଅଭକ୍ଷଭକ୍ଷୀ ପକ୍ଷୀରୂପେ ଜୀବନ ବିତେଇଲା। ଦୁଇ ଛଦ୍ମବେଶୀ ପକ୍ଷୀ ଲୁଚି ଲୁଚି (ଚୋରା ପୀରତି) ପ୍ରେମ କରି ଥିବାରୁ କୁମ୍ଭାଟୁଆ ଜନ୍ମ ହେଲା। ସେ ସବୁସମୟରେ ଲୋକଲୋଚନରୁ ଲୁଚି ରହି ଜୀବନ ଜିଇବାକୁ ଲାଗିଲା। ଶେଷରେ ଶ୍ରୀରାମଚନ୍ଦ୍ରଙ୍କ ଦେବଚରିତ୍ରର ପ୍ରଭାବରେ କୋଇଲି ଜନ୍ମ ନେଇ କୁହୁକୁହୁ ତାନରେ ସଙ୍ଗୀତ ସୃଷ୍ଟି କରି ଜନମନ ହରଣ କଲା।

ଜନ୍ମ ହେବା ପରେ ପରେ କୁଆ ଓ କୁମ୍ଭାଟୁଆ ସେ ସ୍ଥାନ ତ୍ୟାଗ କରି ଉଡ଼ିଗଲେ। କିନ୍ତୁ କୋଇଲି ଶ୍ରୀରାମଙ୍କୁ ଚିହ୍ନିପାରି ପ୍ରଣିପାତ କରି ତାଙ୍କର ନିରନ୍ତର ସାନିଧ୍ୟ କାମନା କଲା। ଶ୍ରୀରାମ କହିଲେ, ଏ ଯୁଗରେ ତ ନୁହେଁ, ଦ୍ୱାପର ଯୁଗରେ ମଧ୍ୟ କୃଷ୍ଣ ଅବତାରରେ ମୋତେ କେତେକ ବିଧିନିର୍ଦ୍ଦିଷ୍ଟ ଲୀଳା ରଚନା କରିବାକୁ ହେବ। ସେ ସମୟରେ ତୁମକୁ ମୋର ନିରନ୍ତର ସାନ୍ନିଧ୍ୟ ମିଳିବା ସମ୍ଭବ ନୁହେଁ। କଳିଯୁଗରେ ମୁଁ ଜଗନ୍ନାଥ ନାମ ଗ୍ରହଣ କରି ଦାରୁବ୍ରହ୍ମ ସ୍ୱରୂପରେ ନୀଳାଚଳରେ ଆରାଧିତ ହେବି। ସେଠାରେ ମୋର ନିରନ୍ତର ଉପସ୍ଥିତି ଯୋଗୁଁ ସେ ତୀର୍ଥ 'ମର୍ତ୍ତ୍ୟବୈକୁଣ୍ଠ' ନାମରେ ବିଖ୍ୟାତ ହେବ। ମୋ ମନ୍ଦିରର ଉତ୍ତର-ପଶ୍ଚିମ କୋଣରେ ଏକ ଉପବନ ରହିବ। ମୋର ନବକଳେବର ସମୟରେ ପୁରାତନ ବିଗ୍ରହ ସେଠାରେ ଅନନ୍ତ ବିଶ୍ରାମ ଗ୍ରହଣ କରିବେ। ତୁମେ ସେହି ଉପବନରେ ବାସ କରିବ ଏବଂ ସୁମଧୁର ସଙ୍ଗୀତରେ ଜନମନ ହରଣ କରିବ। ସେଠାରେ ତୁମକୁ ମୋର ନିରନ୍ତର ସାନିଧ୍ୟ ପ୍ରାପ୍ତ ହେବ। ମର୍ତ୍ତ୍ୟବୈକୁଣ୍ଠର ସେହି ଅଂଶ ତୁମର ନାମାନୁସାରେ 'କୋଇଲି ବୈକୁଣ୍ଠ' ନାମରେ ନାମିତ ହେବ।'●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଭାଲେଣ୍ଟାଇନ ଦିବସରେ ଅଘଟଣ

# କୀଟନାଶକ ଖାଇ ଛାତ୍ରୀ ଗୁରୁତର

ଆଠଗଡ଼, ୧୭।୨(ସମିସ): ଆଠଗଡ଼ ବ୍ଲକ୍ ଅଧୀନ କୁଲାଇଲୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ୯ମ ଶ୍ରେଣୀ ଛାତ୍ରୀ ଗତ ୧୪ ତାରିଖ ଭାଲେଣ୍ଟାଇନ ଦିବସରେ ସ୍କୁଲରେ ବିଷାକ୍ତ ରସାୟନିକ ସାର ଖାଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୩ଦିନ ଚିକିତ୍ସା ପରେ

■ କଟକରୁ ସୁସ୍ଥ ହୋଇ ଫେରିଲେ
■ ୩ ଦିନ ପରେ ଜାଣିଲେ ବିଇଓ

ମଙ୍ଗଳବାର ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ସବୁ ଜାଣି ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ନଜଣାଇ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ଉଠିଛି।

ସୂଚନା ମୁତାବକ, ଶନିବାର ପୂର୍ବାହ୍ନରେ ଛାତ୍ରୀଜଣଙ୍କ ସ୍କୁଲରେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର, ପରବର୍ତ୍ତୀ ସମୟରେ ଛାତ୍ରୀଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରୁ ଚାଷରେ ବ୍ୟବହାର କରାଯାଉଥିବା କୀଟନାଶକ ସାରର ଏକ ପୁଡ଼ିଆ ସହିତ ଅନ୍ୟ ଏକ ସ୍କୁଲର ଜଣେ ଛାତ୍ରର ପରିଚୟପତ୍ର ମିଳିଥିଲା। ଘଟଣା ସମ୍ପର୍କରେ ଆଠଗଡ଼ ବିଇଓ କବିରାଜ ଜେନାଙ୍କୁ ପଚାରିବାରେ ସେ ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଏ ବିଷୟରେ ଜାଣିବାକୁ ପାଇଲେ ବୋଲି କହିଛନ୍ତି। ତେବେ ସ୍କୁଲର ଅଧ୍ୟକ୍ଷ ଏ ଘଟଣା ସମ୍ପର୍କରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ଅଧିକାରୀଙ୍କୁ ଏକ ଇ-ମେଲ ପଠାଇ ତାର ଏକ ନକଲ ଆଠଗଡ ବିଇଓଙ୍କ କାର୍ଯ୍ୟାଳୟ ଇ-ମେଲ କରି କାମ ସାରି ଦେଇଛନ୍ତି। କାର୍ଯ୍ୟାଳୟ ଦୁଇଦିନ ଛୁଟି ଥିବାରୁ ବିଇଓ ଇ-ମେଲ ଦେଖି ପାରିନଥିଲେ। ଇ-ମେଲରେ ଛାତ୍ରୀଜଣକ ରସାୟନିକ ସାର ଖାଇଥିବା ନ ଲେଖି କିଛି ପଦାର୍ଥ ଖାଇଥିବା ଲେଖାଯାଇଥିଲା ବୋଲି ବିଇଓ ଶ୍ରୀ ଜେନା କହିଛନ୍ତି। ସ୍କୁଲର ଅଧ୍ୟକ୍ଷ ଏ ସମ୍ପର୍କରେ ଫୋନ ଯୋଗେ କାହିଁକି ବିଇଓ ଓ ଡିଇଓଙ୍କୁ ଜଣାଇଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷରେ, ମଙ୍ଗଳବାର ଛାତ୍ରୀଜଣକ ସୁସ୍ଥ ହୋଇ ଘରକୁ ଫେରିଥିବାରୁ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ବିଦ୍ୟାଳୟର ଅଧ୍ୟକ୍ଷ କାହିଁକି ଜଣାଇଲେ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି ବିଇଓ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# ତିଗିରିଆ-ନୂଆପାଟଣା ଅଞ୍ଚଳରେ ମୃଦୁ କମ୍ପନ

ତିଗିରିଆ,୧୭।୨(ସମିସ): ତିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଅଧୀନ ପଙ୍କାଳ ଛକ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ମଧ୍ୟାହ୍ନରେ ମୃଦୁ କମ୍ପନ ଅନୁଭୂତ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ସଂଶୟ ସୃଷ୍ଟି ହୋଇଛି। କିଛି ଲୋକ ଏହାକୁ ଭୂମିକମ୍ପ ବୋଲି କହୁଥିବା ବେଳେ ଆଉ କିଛି ଲୋକ ଏଥିପାଇଁ ଭେଜିଆ

## ଭୂମିକମ୍ପ ନା ବେଆଇନ ଖଣି ବିସ୍ଫୋରଣ ?

ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ବେଆଇନ ପଥର ଖଣିକୁ ଦାୟୀ କରିଛନ୍ତି। ସେମାନଙ୍କ କହିବା କଥା, ଏହି ସଂରକ୍ଷିତ ଜଙ୍ଗଲରେ ପ୍ରତ୍ୟହ ଡିଟୋନେଟର୍ ଓ ଶକ୍ତିଶାଳୀ ବିସ୍ଫୋରକ ବ୍ୟବହାର କରି ପାହାଡ଼ ଫଟାଯାଉଥିବାରୁ ଏଭଳି ପ୍ରଚଣ୍ଡ ଶବ୍ଦ ସହ ଭୂ-କମ୍ପନ ସୃଷ୍ଟି ହେଉଛି। ବେଆଇନ ଭାବେ ବଡ଼ବଡ଼ ପଥର ଫଟାଯିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରତ୍ୟହ ବିପୁଳ ପରିମାଣରେ ବେଆଇନ ବିସ୍ଫୋରକ ବ୍ୟବହାର କରାଯାଉଥିଲେ ହେଁ ସ୍ଥାନୀୟ ପ୍ରଶାସନ ସବୁ ଜାଣି ନିରବଦ୍ରଷ୍ଟା ସାଜିଛି। ପ୍ରଶାସନିକ ଅବହେଳା ଓ ବେଆଇନ ଖଣିମାଫିଆଙ୍କ ପ୍ରାଦୁର୍ଭାବ ଯୋଗୁଁ ସ୍ଥାନୀୟ ପରିବେଶ ଓ ଜନଜୀବନ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଇ ବେଆଇନ ବିସ୍ଫୋରଣ ଉପରେ ରୋକ୍ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ହିମନ୍ତ ବିଶ୍ୱ ଶର୍ମାଙ୍କ ଟିପ୍ପଣୀ

# ରାହୁଲଙ୍କ ଲାଗି ୨୦୧୪ରେ ହୋଇପାରିଲନି ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ରାହୁଲଙ୍କ ପାଇଁ ସେ ୨୦୧୪ରେ ମୁଖ୍ୟମନ୍ତ୍ରୀ ହୋଇପାରିଲେ ନାହିଁ ବୋଲି କହିଛନ୍ତି। ସେ ସମୟରେ କଂଗ୍ରେସ ନିର୍ବାଚନରେ ବିଜୟୀ ହୋଇଥିଲା। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମୋତେ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଥିଲେ। ଏଥିପାଇଁ ଶପଥ ଗ୍ରହଣର ତାରିଖ ଧାର୍ଯ୍ୟ କରିବାକୁ ମଧ୍ୟ କହିଥିଲେ। ଜୁନରେ କାମାକ୍ଷ୍ୟା

## ସୋନିଆ ଚାହୁଁଥିଲେ, ମାତ୍ର ରାହୁଲ ମନା କରିଦେଲେ

ମନ୍ଦିରରେ ହେଉଥିବା ମେଳା ପରେ ଶପଥ ନେବି ବୋଲି ତାଙ୍କୁ କହିଥିଲି। ମାତ୍ର ରାହୁଲଙ୍କ ଅଖଣ୍ଡ କ୍ଷମତା ଯୋଗୁଁ ଏପରି ହୋଇପାରି ନ ଥିଲା। ମୁଁ ମୁଖ୍ୟମନ୍ତ୍ରୀ ହୁଏ ବୋଲି ରାହୁଲ ଚାହୁଁ ନ ଥିଲେ। ତେଣୁ ସେ ନିଜ କ୍ଷମତା ପ୍ରୟୋଗ କରି ସୋନିଆଙ୍କ ନିଷ୍ପତ୍ତିକୁ ରୋକି ଦେଇଥିଲେ। ଏକ ସାକ୍ଷାତକାରରେ ହିମନ୍ତ ଏହି ଦାବି କରିଛନ୍ତି। ସେ କହିଛନ୍ତି ଯେ ସେ ସମୟରେ ଏହା ମୋତେ ବହୁତ ବାଧିଥିଲା। ମାତ୍ର ଜୀବନରେ ଯାହା କିଛି ହୋଇଥାଏ ତାହା ଭଲ ବୋଲି ଏବେ ମୁଁ ବୁଝିପାରୁଛି। କଂଗ୍ରେସରେ ରହିଥିଲେ ମୋତେ ଯେତିକି ମିଳିଥାନ୍ତା ତାହାଠୁ ଢେର ଅଧିକ ମିଳିଛି। ଆସାମ ଏବଂ ସନାତନ ଧର୍ମ ପାଇଁ ମୋତେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଛି। କଂଗ୍ରେସରେ ଥିଲେ ଏହା କଦାପି ସମ୍ଭବ ହୋଇ ନ ଥାଆନ୍ତା ବୋଲି ହିମନ୍ତ କହିଛନ୍ତି।

ସୂଚନା ଅନୁଯାୟୀ, ସେତେବେଳେ ତରୁଣ ଗୋଗୋଇ କଂଗ୍ରେସ ଅଧ୍ୟକ୍ଷ ଥିଲେ। ହିମନ୍ତ ତାଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଥିଲେ। ସେତେବେଳେ ସେ ଗୋଗୋଇଙ୍କ ବିରୋଧରେ ଯାଇ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇ ଥିଲେ। ନୂଆ ପିଢିକୁ ନେତୃତ୍ୱ ଦେବାକୁ କହି ଦଳରେ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ନେତୃତ୍ୱ ନେଇଥିଲେ। ଅଧିକାଂଶ କଂଗ୍ରେସ ବିଧାୟକ ତାଙ୍କୁ ସମର୍ଥନ କରନ୍ତି ବୋଲି ହିମନ୍ତ ଦାବି କରିଥିଲେ। ମାତ୍ର କଂଗ୍ରେସ ଅଧ୍ୟକ୍ଷ ଗୋଗୋଇଙ୍କ ସହ ରହିବାକୁ ଉଚିତ ମଣିଥିଲେ। ଏଥିରେ କ୍ଷୁବ୍ଧ ହୋଇ ଶର୍ମା ୨୦୧୪ ଜୁଲାଇରେ ରାଜ୍ୟ କ୍ୟାବିନେଟ ଏବଂ ୨୦୧୫ରେ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ।

■ ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ

# ଜବତ ହେବ ଯନ୍ତ୍ରୀଙ୍କ ଅଢ଼େଇ କୋଟିର ଆୟ ବହିର୍ଭୂତ ସଂପତ୍ତି

ନବରଙ୍ଗପୁର, ୧୭।୨(ସମିସ): ଏକ ଆୟ ବହିର୍ଭୂତ ସଂପତ୍ତି ଠୁଳ ମାମଲାର ବିଚାର କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ନବରଙ୍ଗପୁର ଜିଲ୍ଲା ଉମରକୋଟ ଆରଡବ୍ଲ୍ୟୁ ଡିଭିଜନ୍‌ର ପୂର୍ବତନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୀମାଦ୍ରି ନାୟକଙ୍କ ୨.୫ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଆୟ ବହିର୍ଭୂତ ସମ୍ପତ୍ତି ଜବତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ରାୟଗଡ଼ାରେ ଥିବା ଗୋଟିଏ ବହୁତଳ କୋଠା, ନବରଙ୍ଗପୁରରେ ୨ଟି କୋଠା, ରାୟଗଡ଼ା ସହରରେ ଗୋଟିଏ ଏବଂ ନବରଙ୍ଗପୁର ସହରରେ ଥିବା ୨ଟି ପ୍ଲଟ୍, ବ୍ୟାଙ୍କ ଜମା ଏବଂ ସୁନା ଅଳଙ୍କାର ଆଦି ରହିଛି। ୨୦୨୩ ଡିସେମ୍ବର ୧୧ରେ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଯନ୍ତ୍ରୀ ଶ୍ରୀ ନାୟକ ଏବଂ ତାଙ୍କ ପତ୍ନୀଙ୍କୁ ଆୟ ବହିର୍ଭୂତ ସଂପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ।

## ଅବଶିଷ୍ଟାଂଶ

### ରାଜ୍ୟପାଳ ଦେଖାଇଲେ...

ହୋଇଥିବା ବେଳେ ବାର୍ଷିକ ୪୫.୬୨ ନିୟୁତ ଟନ ଇସ୍ପାତ ଉତ୍ପାଦନ ହେଉଛି। ଦେଶର ମୋଟ ସ୍ଥାପିତ ଇସ୍ପାତ କ୍ଷମତାର ଏହା ୨୩ ପ୍ରତିଶତ। ଦେଶରେ ମୁଣ୍ଡ ପିଛା ଇସ୍ପାତ ବ୍ୟବହାର ବୃଦ୍ଧି ପାଇବା ସହିତ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ ଜାତୀୟ ଲକ୍ଷ୍ୟ ପୂରଣ ପାଇଁ ୧୦୦ ନିୟୁତ ଟନ ଇସ୍ପାତ ଯୋଗାଇ ଦେବାକୁ ଓଡ଼ିଶା ନିଜକୁ ପ୍ରସ୍ତୁତ ରଖିଛି। ୨୦୨୨-୨୩ରେ ଲଘୁ ଖଣିଜରୁ ୧୧୯୫ କୋଟି ଟଙ୍କା ଆୟ ହୋଇଥିଲା। ୨୦୨୪-୨୫ରେ ଥିରୁ ୧୭୭୬ କୋଟି ଟଙ୍କା ଆୟ ହୋଇଛି। ଏହା ବାର୍ଷିକ ୧୯ ପ୍ରତିଶତ ବୃଦ୍ଧି ଏବଂ ଦୁଇବର୍ଷ ମଧ୍ୟରେ ୪୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧିକୁ ପ୍ରତିଫଳିତ କରିଛି। ୨୦୨୫ ମସିହାରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ସହିତ ୮୫ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ହୋଇଛି। ଏହାଦ୍ୱାରା ୧.୬୫ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରାଯାଇଥିବା ତଥା ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୭.୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶର ଆଗ୍ରହକୁ ଆକର୍ଷିତ କରାଯାଇପାରିଛି। ପୁନଶ୍ଚ ଏହି ସମୟରେ ମୋଟ ୩୪୩ଟି ବୃହତ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ଓଡ଼ିଶା ଏକ ଶକ୍ତି ବଳକା ରାଜ୍ୟ ଭାବରେ ଉଭା ହୋଇଛି, ୨୦୩୦ ସୁଦ୍ଧା ୧୦ ଗିଗାୱାଟ ପୁନଃ ନବୀକରଣୀୟ କ୍ଷମତାର ପ୍ରକଳ୍ପ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ରପ୍ତାନୀ କାରବାର ୫୦,୯୧୩ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ରାଜ୍ୟପାଳ କହିଛନ୍ତି ଯେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୪୦ ହଜାର ନୂଆ ହିତାଧିକାରୀଙ୍କୁ ଯୋଡ଼ିଛନ୍ତି। ଚଳିତ ବର୍ଷ ସରକାର ୨୭୧୧.୬୫ କିଲୋମିଟର ବିସ୍ତୃତ ୬୪୮ଟି ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛନ୍ତି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ସହଯୋଗରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ୨୦୨୫-୨୬ରେ ୭.୨୦ ଲକ୍ଷ ଏସଟି/ଏସସି/ଓବିସି/ଇବିସି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଭାବେ ୭୬୦ କୋଟି ଟଙ୍କା ଏବଂ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ୪.୧୭ ଲକ୍ଷ ଛାତ୍ରଛାତ୍ରୀଙ୍କୁ ୫୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିର ବାଳକ ଅନ୍ତେବାସୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ମାସିକ ୧୬୦୦ ଟଙ୍କା ଏବଂ ବାଳିକା ଅନ୍ତେବାସୀମାନଙ୍କ ପାଇଁ ୧୭୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବାମପନ୍ଥୀ ଉଗ୍ରବାଦ ବିରୋଧରେ ସରକାରଙ୍କ ଅଭିଯାନ ସଫଳ ହୋଇଛି। ଗତ ୫ ବର୍ଷରେ ୪୮ ଜଣ ମାଓବାଦୀ ନିହତ ହୋଇଥିବା ବେଳେ ୭୮ ଜଣଙ୍କୁ ଗିରଫ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୧ ଲକ୍ଷ ୮୮ ହଜାର ପକ୍କା ଘର ନିର୍ମାଣ କରାଯାଇଛି। ଅନ୍ତୋଦୟ ଗୃହ ଯୋଜନାରେ ୩୩ ହଜାର ୯ଟି ଏବଂ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ୧୭ ହଜାର ୬୩୮ଟି ପକ୍କା ଘର ନିର୍ମାଣ ହୋଇଛି। ୨୦୭ଟି ବୃହତ୍ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୬ଟି ସମ୍ପୂର୍ଣ୍ଣ ହୋଇଛି, ୧୮୧ଟି ନିର୍ମାଣାଧୀନ ରହିଛି। ଅନ୍ୟ ୧୬ଟି ମେଗା ପାନୀୟ ଜଳ ପ୍ରକଳ୍ପକୁ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟପାଳ ଡ. କମ୍ଭମ୍ ପାଟି ପୁଣି କହିଛନ୍ତି ଯେ କୃଷି କ୍ଷେତ୍ରରେ ରାଜ୍ୟର ଫସଲ ଉତ୍ପାଦନ ତିନି ଗୁଣା ବୃଦ୍ଧି ପାଇଛି। ସରକାର ୨୦୨୪-୨୫ରେ ୧୫୦.୪୮ ଲକ୍ଷ ମେଟ୍ରିକ୍ ଟନ୍ ଫସଲ ଉତ୍ପାଦନ ହାସଲ କରିଛନ୍ତି, ଯାହା ୨୦୦୦-୦୧ର ୫୫.୩୫ ଲକ୍ଷ ମେଟ୍ରିକ୍ ଟନ ତୁଳନାରେ ପ୍ରାୟ ତିନି ଗୁଣା ଅଧିକ। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଅବତାରଣା କରି ରାଜ୍ୟ ସରକାର ପୂର୍ବ ବର୍ଷ ତୁଳନାରେ ଏହି କ୍ଷେତ୍ରରେ ୯ ପ୍ରତିଶତ ବୃଦ୍ଧି ସହ ରେକର୍ଡ ୨୩୬୩୫ କୋଟି ଟଙ୍କା ପ୍ରାବଧାନ କରିଥିବା ରାଜ୍ୟପାଳ କହିଛନ୍ତି। ମାତ୍ର ରାଜ୍ୟପାଳଙ୍କ ଅଭିଭାଷଣରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଅଭିଭାଷଣର ଶେଷ ଆଡ଼କୁ କକ୍ଷତ୍ୟାଗ କରିଥିଲେ।

### ଆଜିଠୁ ଯୁକ୍ତ ୨...

ଆରମ୍ଭ କରିବେ। ପରୀକ୍ଷା ପୂର୍ବରୁ କଡ଼ା ସୁରକ୍ଷା ମଧ୍ୟରେ ମୋଟ୍ ୨୧୧ ଟି ହବ୍‌ରେ ପ୍ରଶ୍ନପତ୍ର ରହିଛି। ହବ୍‌ରୁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ସକାଳ ସାଢ଼େ ୮ ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ୍ ପହଞ୍ଚିବ। ହବ୍‌ରୁ ପ୍ରଶ୍ନପତ୍ର ବାହାରି ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ମଧ୍ୟରେ ବନ୍ଧୁକଧାରୀ ପୁଲିସ କଡ଼ା ସୁରକ୍ଷା ପ୍ରଦାନ କରିବ। ପରୀକ୍ଷା କେନ୍ଦ୍ରର ନିରାପତ୍ତା ଓ ସୁରକ୍ଷା ପାଇଁ ପୁଲିସ ମୁତୟନ ରହିବେ। ଅପରପକ୍ଷରେ ପରୀକ୍ଷାରେ କପି ରୋକିବାକୁ ପାଞ୍ଚ ଥାକିଆ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଏହାସହ ପ୍ରତି ଜିଲ୍ଲାରେ ୨ଟି ଲେଖାଏଁ କେନ୍ଦ୍ରୀୟ ସ୍କ୍ୱାଡ୍ ଟିମ୍ ମୁତୟନ ହୋଇଛନ୍ତି। ପରୀକ୍ଷା କେନ୍ଦ୍ରକୁ କୌଣସି ପୂର୍ବ ସୂଚନା ବିନା ପହଞ୍ଚି କଡ଼ାକଡ଼ି ଯାଞ୍ଚ କରିବେ। ମୋବାଇଲ୍ ଓ ଅନ୍ୟାନ୍ୟ ଇଲେକଟ୍ରୋନିକ୍ସ ସାମଗ୍ରୀ ରୋକିବା ପାଇଁ ଦୁଇସ୍ତରୀୟ ଯାଞ୍ଚ କରାଯିବ। ପରୀକ୍ଷା ସରିବା ପୂର୍ବରୁ ପ୍ରଶ୍ନପତ୍ର ବାହାରକୁ ଯେମିତି ନ ଆସିବ, ସେଥିପାଇଁ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ବାରଣ କରାଯାଇଛି। ପରୀକ୍ଷା ସହ ଜଡ଼ିତ ନ ଥିବା ବ୍ୟକ୍ତିଙ୍କ ପ୍ରବେଶ ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ସମସ୍ତ ପରୀକ୍ଷା ହଲ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବ।

ଚଳିତବର୍ଷ ସମୁଦାୟ ୪ ଲକ୍ଷ ୧ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେବେ। କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୭୦୭ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୭୩, ବାଣିଜ୍ୟରେ ୨୪,୭୨୧ ଓ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଚଳିତଥର ୨୫,୦୮୮ ଜଣ ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନ ବିଜ୍ଞାନ ପିଲାଙ୍କ ଓଡ଼ିଆ ପରୀକ୍ଷା ରହିଥିବା ବେଳେ ୧୯ରୁ ଧନ୍ଦାମୂଳକ ଓ ୨୦ ରୁ କଳା ଓ ବାଣିଜ୍ୟ ପିଲାଙ୍କ ପରୀକ୍ଷା ଆରମ୍ଭ ହେବ।

### କଟକରେ ପୁଣି...

ଅଧିକାଂଶ ପାଇପ୍ ଲାଇନ ବହୁ ପୁରୁଣା ହୋଇଥିବାରୁ ଅନେକ ସ୍ଥାନରେ ନଷ୍ଟ ହୋଇଯାଇଛି। ବିଶେଷକରି ପାଣି ପାଇପଗୁଡ଼ିକ ନର୍ଦ୍ଦମା ନାଳ ମଧ୍ୟ ଦେଇ ଯାଇଥିବାରୁ ସେଥିରୁ ଦୂଷିତ ପାଣି ମିଶୁଥିବା ଅନୁମାନ କରାଯାଉଛି। ଏଥିସହ ଅନେକ ବାସିନ୍ଦା ବେଆଇନ ଭାବେ ପାଣି କନେକ୍ସନ କରିଥିବାରୁ ପାଇପ୍ ଫାଟି ଜଳ ଦୂଷିତ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ନଳକୂପ ଓ ଟ୍ୟାପ୍‌ରୁ କଳା ରଙ୍ଗର ଦୂଷିତ ପାଣି ବାହାରୁଛି, ଏପରିକି ଘରେ ଆକ୍ୱାଗାର୍ଡ ବ୍ୟବହାର କଲେ ମଧ୍ୟ ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଜଣ୍ଡିସ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ ଟିମ୍ ସେହି ଅଞ୍ଚଳରେ କ୍ୟାମ୍ପ କରିବା ସହ ଲୋକଙ୍କୁ ସଚେତନ କରୁଛି। ଚିହ୍ନଟ ୨୦ ଜଣଙ୍କ ମଧ୍ୟରୁ ୧୫ଜଣ ସୁସ୍ଥ ହୋଇସାରିଥିବା ବେଳେ ବାକି ୫ ଜଣ ଏବେ ବି ଚିକିତ୍ସିତ ହେଉଛନ୍ତି। ପାଣିକୁ ସର୍ବଦା ଫୁଟାଇ ପିଇବା, ବାହାର ଖାଦ୍ୟ ନ ଖାଇବା ଏବଂ ଉଷୁମ ଓ ସତେଜ ଖାଦ୍ୟ ଖାଇବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଉଛନ୍ତି। ସିଏମସି ପକ୍ଷରୁ ଦୂଷିତ ପାଣିର ଉତ୍ସଗୁଡ଼ିକୁ ଚିହ୍ନଟ କରିବା ସହ ପୁରୁଣା ପାଇପ୍ ବଦଳାଇବା ଓ ନାଳ ସଫା କରିବାକୁ ଗୁରୁତ୍ୱ ଦିଆଯାଇଛି। ଯେଉଁମାନେ ବେଆଇନ ସଂଯୋଗ କରିଛନ୍ତି, ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଛି। ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳ ସମ୍ପଦ ବିଭାଗ ଓ ସିଏମସି ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ନ ହେବା ପର୍ଯ୍ୟନ୍ତ ସତର୍କ ରହିବାକୁ ମେୟର ନିବେଦନ କରିଛନ୍ତି।

### ତଦନ୍ତ ରିପୋର୍ଟରେ...

ଛାତ୍ରୀମାନଙ୍କ ଦେହକୁ ଛୁଉଁଥିଲେ। ନିଜ ଘରେ ବା ବାହାରେ ପିନ୍ଧିଥିବା ପୋଷାକର ବର୍ଗୀକରଣ କରି ଶ୍ରେଣୀରେ ଅପମାନିତ କରୁଥିଲେ। କୌଣସି ପୁଅ ସହପାଠୀ ସହ ସହ କଥା ହେଲା ତାକୁ ପୁରୁଷ ବନ୍ଧୁ ବୋଲି ଉଲ୍ଲେଖ କରି ଏପରି ଝିଅଙ୍କୁ ଉଲଗ୍ନ କରିବା ଆବଶ୍ୟକ ବୋଲି କହୁଥିଲେ। ଏପରିକି ଶ୍ରେଣୀରେ ଦ୍ୱିଅର୍ଥବୋଧକ ଶବ୍ଦ ପ୍ରୟୋଗ ଛାତ୍ରୀମାନେ ତଦନ୍ତ ସମୟରେ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସମ୍ମୁଖରେ ବଖାଣିଛନ୍ତି ଅଧ୍ୟାପକଙ୍କ ନିର୍ଯାତନା କାହାଣୀ। ଏପରିକି ଅନେକ ସମୟରେ ସମ୍ପୃକ୍ତ ଅଧ୍ୟାପକ ପ୍ୟାଣ୍ଟର ଜିପ୍ ଖୋଲା ରଖି ଶ୍ରେଣୀ ଗୃହକୁ ଆସୁଥିଲେ ବୋଲି ମଧ୍ୟ କିଛି ଛାତ୍ରୀ ବର୍ଣ୍ଣନା କରିଛନ୍ତି।

ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶ୍ରେଣୀ ଗୃହରେ ଅପମାନିତ କରିବା, ଅଶ୍ଳୀଳ ଇଙ୍ଗିତ କରିବା, ରୂପକୁ ନେଇ ଆଶାଳୀନ ମନ୍ତବ୍ୟ ଦେବା, ଅଙ୍ଗ ଓ ବ୍ୟକ୍ତିଗତ ଜୀବନକୁ ନେଇ ଦ୍ୱିଅର୍ଥ ବୋଧକ ଶବ୍ଦ ପ୍ରୟୋଗ ସଂକ୍ରାନ୍ତରେ ମନ୍ତବ୍ୟ ସଂକ୍ରାନ୍ତରେ ଛାତ୍ରୀମାନଙ୍କ ଲିଖିତ ଅଭିଯୋଗ ସମ୍ବଳିତ ତଦନ୍ତ ରିପୋର୍ଟ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି। ମାତ୍ର ଏ ସମ୍ପର୍କରେ ବିଭାଗ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କୌତୂହଳର କଥା ହେଉଛି, ସମ୍ପୃକ୍ତ ଅଧ୍ୟାପକଙ୍କୁ ସୁରକ୍ଷିତ ରଖିବା ପାଇଁ ତାଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ବିଭାଗୀୟ ଅଧିକାରୀମାନେ ଦାୟିତ୍ୱ ସାରି ଦେଇଛନ୍ତି। ଅପରପକ୍ଷରେ ତଦନ୍ତ ରିପୋର୍ଟରେ ଏପରି ଚାଞ୍ଚଲ୍ୟକର ତଥ୍ୟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏହାର ବିଚାର କରିବାକୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଯେତେବେଳେ ଉଚ୍ଚ ଅଧିକାରୀ ତଦନ୍ତ କରି ରିପୋର୍ଟ ଦେଲେ, ସେତେବେଳେ କାର୍ଯ୍ୟାନୁଷ୍ଠାନ ପାଇଁ କାହିଁକି କର୍ତ୍ତୃପକ୍ଷ କୁଣ୍ଠକୁଣ୍ଠ ହେଉଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘ ଦିନରୁ ମାନସିକ ଭାବେ ନିର୍ଯ୍ୟାତିତ ହେଉଥିବା ଛାତ୍ରୀମାନେ କୌଣସି ଚରମ ନିଷ୍ପତ୍ତି ନେଲେ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

### ଚିକିତ୍ସାଧୀନ ପିଇଓଙ୍କ...

ପ୍ରତି ମିଥ୍ୟା ଅଭିଯୋଗ ହୋଇଥିବାରୁ ଆତ୍ମସମ୍ମାନ ହାନୀ ଭୟରେ ସେ କୀଟନାଶକ ପିଇ ଦେଇଥିବା ତାଙ୍କ ପରିବାର ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏନେଇ ଅତିରିକ୍ତ ତହସିଲଦାରଙ୍କୁ ତୁରନ୍ତ ଗିରଫ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ପରିବାର।

ସୂଚନାଯୋଗ୍ୟ ଯେ କାର୍ଯ୍ୟରତ ଥିବା ସମୟରେ ଚିକିଟିର ମହିଳା ଅତିରିକ୍ତ ତହସିଲଦାରଙ୍କୁ ଅଶାଳୀନ ବ୍ୟବହାର ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ବି. ଦଣ୍ଡପାଣି ପାତ୍ରଙ୍କ ନାଁରେ ଅଭିଯୋଗ ହୋଇଥିଲା। ଥାନାରେ ମାମଲା ରୁଜୁ ହେବା ଜାଣି ଅଭିଯୁକ୍ତ ପିଇଓ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ଆଜି ମୃତ୍ୟୁ ମୃତ୍ୟୁ ଘଟିଛି।

ପ୍ରକାଶ ଯେ ଗତ ୩ ତାରିଖରେ ଗଂଜାମ ଜିଲ୍ଲା ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟନ ଉତ୍ସବ ଅବସରରେ ଗଣଦୌଡ଼ ହୋଇଥିଲା। ଏଠାରେ ଜଣେ ମହିଳା ଅତିରିକ୍ତ ତହସିଲଦାର ଡ୍ୟୁଟିରେ ଥିଲେ। ଭିଡ଼ ଭିତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତାଙ୍କୁ ଅଶାଳୀନ ବ୍ୟବହାର କରିଥିବା ଅତିରିକ୍ତ ତହସିଲଦାର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପିଇଓଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଯୋଗୁ ସେ ବିଷ ପିଇଛନ୍ତି ଓ କିଛି ଅଘଟଣ ଘଟିଲେ ଅତିରିକ୍ତ ତହସିଲଦାର ଦାୟୀ ରହିବେ ବୋଲି ପୂର୍ବରୁ ପରିବାର ଲୋକେ କହିଥିଲେ।

### ବିଧାନସଭାରେ ଧାନ ଟ୍ରକ୍...

ଅଟକାଇ ପାରିନଥିଲା। ଏପରିକି ଚାଷୀମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ନ ଥିଲେ ହୁଏତ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଧରିବା ସମ୍ଭବ ହୋଇ ନ ଥାନ୍ତା। ସ୍ଲୋଗାନ ଦେଇ ଚାଷୀମାନେ ବିଧାନସଭା ପରିସରରେ ଧାନ ବସ୍ତା ଫିଙ୍ଗିବା ଉଦ୍ୟମ କରିବା ବେଳେ ପୁଲିସ ଓ ସୁରକ୍ଷା କର୍ମୀ ସେମାନଙ୍କୁ ରୋକିଥିଲେ। ଯାହାକୁ ନେଇ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାୟ ୫୦ ଜଣ ବିକ୍ଷୋଭକାରୀଙ୍କୁ ପୁଲିସ ଅଟକ ରଖିଥିଲା ଓ ସନ୍ଧ୍ୟାରେ ୨୦ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଗିରଫଙ୍କ ମଧ୍ୟରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ଯୁବଛାତ୍ର ରାଜ୍ୟ ସଂଯୋଜକ ମନ୍‌ୱର ଅଲ୍ଲୀ, ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା, ରଣଜିତ୍ ପଟ୍ଟନାୟକ, କୃଷ୍ଣ ନାହାକ, ବିଶ୍ୱନାଥ ଦେଉରୀ ପ୍ରମୁଖ ରହିଥିଲେ। ତେବେ ବିଳମ୍ବିତ ରାତିରେ ଗିରଫ ଚାଷୀଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଜାମିନ ପ୍ରଦାନ କରିଛନ୍ତି।

କିଛିଦିନ ହେଲା ସଙ୍ଗଠନ ପକ୍ଷରୁ ନୟାଗଡ଼, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଖୋର୍ଦ୍ଧା, ସୋନପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ସହ କଟନିଛଟକିର ପ୍ରତିବାଦ କରାଯାଇଥିଲା। ମାତ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ମଙ୍ଗଳବାର ବିଧାନସଭାରେ ଧାନ ବସ୍ତା ଫିଙ୍ଗିବାକୁ ଉଦ୍ୟମ ହୋଇଥିବା ସୂଚନା ମିଳିଛି। ସଂଗଠନର ନେତା ଅକ୍ଷୟ କୁମାର ଗଣମାଧ୍ୟମକୁ କହିଛନ୍ତି ଯେ ଆମେ ସରକାରଙ୍କୁ ନ୍ୟାୟ ମାଗିବାକୁ ଆସିଥିଲୁ। ସରକାର ଆମକୁ ଜେଲ ପଠାଇଦେଲେ। ଏ ନିଷ୍ପତ୍ତିର ବିଚାର ଜନତା ଓ ଚାଷୀ ଅଦାଲତରେ ହେବ ବୋଲି ସେ କହିଛନ୍ତି। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ଯୁବ ନେତା ମନୱାର ଅଲ୍ଲୀ କହିଛନ୍ତି ଯେ ଜିଲ୍ଲାସ୍ତରରେ ଅଫିସରମାନଙ୍କୁ ଧାନକିଣା ଦୁର୍ନୀତି ସଂକ୍ରାନ୍ତରେ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଜେଲ ପଠାଇଦେଲେ ମଧ୍ୟ ଆମେ ନ୍ୟାୟପୂର୍ଣ୍ଣ ଲଢ଼େଇରେ ପଛକୁ ହଟିବୁନି। ଫୁଟବଲକୁ ଯେତେ ତଳକୁ ବାଡ଼େଇଲେ, ତାହା ଯେଭଳି ଉପରକୁ ଉଠିବ ବୋଲି ସେ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-IntCIng-317-26

କାର୍ଯ୍ୟର ନାମ : ଏକ ବର୍ଷ (365 ଦିନ) ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଶେଷ ଷ୍ଟେସନରେ କୋଚ୍ ଗୁଡ଼ିକର ଭିତର ସଫା, ଶୌଚାଳୟ ସଫା କରିବା ଓ ତାଲା ପକାଇବା ଏବଂ ମନୋନୀତ କୋଚିଙ୍ଗ ଟ୍ରେନ୍ ଗୁଡ଼ିକରେ ଜଳ ଯୋଗାଣ।

ବିଜ୍ଞାପିତ ମୂଲ୍ୟ : ₹ 1,60,52,671.59, EMD : ₹ 2,30,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 5,900/-, ଶେଷ ହେବା ଅବଧି: 365 ଦିନ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.18.02.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ଼
PR-1128/Q/25-26



**WANTED**

A well-established firm invites applications for the following positions:

1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com
Contact 7978386707



Government of Odisha 8001/84/2526
Forest Environment & Climate Change Department
Divisional Forest Officer, Jeypore (KL) Division
No. 52 / Dated: 17.02.2026

**SHORT TENDER NOTICE FOR HIRING OF PRIVATE VEHICLES**

Sealed tenders are invited from interested individual/ Service Providers/ Registered Travel Agencies for providing 01 (one) Diesel-run Scorpio and 9 (Nine) Nos of A.C Diesel driven Bolero, which shall confirm to the terms and condition in Annexure-I for official use in the jurisdiction of the Divisional Forest Officer, Jeypore (KL) Division.

Out of the above vehicles, one (01) Scorpio and (01) one Bolero shall be hired for a period of one year, and remaining eight (08) Bolero vehicles shall be hired for a period of four month or actual period of working on Monthly Hire basis.

The last date of submission of Tender is on Dtd 25.02.2026 up to 12 Noon. The tender papers may be submitted in the drop Box kept for the purpose in Jeypore KL division office or by Speed post on or before due date. The tender papers are to be opened on Dtd 26.02.2026 at 11 AM in the Office of the Divisional Forest Officer, Jeypore (KL) Division in presence of applicants.

The application form for the tender containing General Bid information & Terms and Condition etc for Hiring of Vehicles will be available in the Office of the undersigned on all working days.

OIPR-8001/8156/1/25-26/0020
Divisional Forest Officer, Jeypore KL Division



25001/183/2526
e-mail ID: rw_sambalpur@yahoo.co.in
Phone No.: 0663-2401850

**Government of Odisha "e" Procurement Notice**
**Bid Identification No.: TENDER ONLINE SBPR-21 OF 2025-26**
No. 1344 Dated: 16.02.2026

1. Name of the work: Road Works as per DTCN available in the website www.tendersodisha.gov.in
2. Total No. of Work: 03 (Three) Nos.
3. Estimated Cost: Varies from Rs. 6.72 lakhs to 15.71 lakhs
4. Period of Completion: 01 (One) Calendar months
5. Period and time of availability of bid document in the portal for bidding: 18.02.2026 at 11.00 AM to 24.02.2026 up to 5.00 PM
6. Date and time of opening of Tender: 25.02.2026 at 11.00 AM
7. Name and address of the officer inviting bid: S.E.R.W. Divn., Sambalpur

(1) Other details can be seen from detailed notice inviting tenders, available in website www.tendersodisha.gov.in
(2) Corrigendum if any shall only be published in the website: www.tendersodisha.gov.in

Superintending Engineer
Rural Works Division,
Sambalpur
OIPR-25001/25076/1/25-26/0022



**MICRO & SMALL ENTERPRISES FACILITATION COUNCIL, C.G.**
(Estd. Under MSMED Act 2006)
Directorate of Industries,
Chhattisgarh Udyog Bhawan, Ring Road,
No. 1, Telibandha, Raipur (C.G.), Email: facilitation-council@cg.gov.in
Application No.: UDYAM-CG-15-0000252/S/00001, Raipur,
Dated: 9/2/2026
CASE NO.: CG/15/S/CGH/00616 Speed Post

:: NOTICE ::

Supplier/Applicant: NAAD NONWOVEN PRIVATE LIMITED, PRABHU KUTIR, RAMADHIN MARG, NEAR KALI MAI MANDIR, RAJNANDGAON (491441)

V/s

Buyer/Non-Applicant: B.H. UDYOGO, JAGA BALIA LODGE, BHANUMATI ROAD, DOLAMANDAP SAHI, PURI, ODISHA (PIN CODE - 752001)

The applicant has supplied/provided material/services to Non-applicant whereas Non-applicant has not paid the balance amount of Rs. 10,00,000/- (Ten Lac).The applicant has submitted application/reference under section 18(1) of the MSMED Act, 2006 before Micro and Small Enterprises Facilitation Council, Chhattisgarh. The case is fixed for 20/02/2026 at 11:00 AM, Directorate of Industries, Udyog Bhawan, Ring Road No. 01, Telibandha, Raipur (C.G.) for hearing.The Non-applicant is hereby intimated to appear on said date for hearing along with necessary documents/reply. If Non-applicant fails to appear before council on said date for hearing, the council may pass ex-parte award/order for which the Non-applicant would be responsible himself.

Sd/- Assist. Director of Industries
MSEFC



**AFFIDAVIT**

By virtue of an Affidavit sworn before the Notary Public, Govt. of India, Bhubaneswar on dtd. 16/02/2026, Vide No.: 120/2026, I **Rubina Naseem,** aged about 42 years, D/o: Yakub Mohammad, residing At No.: 269, Sector-C, Jal Vayu Vihar, Kammanahalli, Bangaluru, PIN-560043, Karnataka, Permanent residing At: Plot No.: 4693/5854, At: Adimata Colony, PO: Mancheswar Railway Colony, PS: Mancheswar, Bhubaneswar, Dist.: Khurda, Odisha, PIN-751017, Aadhar No.: 2537 3655 8406, declare that my name has been changed from **Mohammad Rubina Naseem** to **Rubina Naseem** for all future purposes.



**AFFIDAVIT**

I, Hrushikesh Pattanaik, S/o Santosh Kumar Patnaik of Sriramchandrapur, Ward No-16, Po-Baripada, Ps-Baripada Town Police Station, Dist-Mayurbhanj, 757001, declared by this affidavit No-155 dated 06-02-2026 that my father name wrongly recorded as SANTOSH KUMAR PATTANAIK in my Passport instead of SANTOSH KUMAR PATNAIK. Now onwards my father shall be known as **SANTOSH KUMAR PATNAIK** for all future purposes.



**LOST**

I **Achinty Kumar Das**, S/o Late Debi kumar Das, Village At- Baudpur, PO- Madhab Nagar, PS- Bhadrak, Dist- Bhadrak, Odisha declare that my **Original Sale deed No. 497, dtd- 22.01.1977, Vide ROR / Khata No 505 of mauza Bhubaneswar Sahar Unit - 35, Badagada** has been LOST somewhere during my transit on dated 05/12/2025 at 11 AM while travel from Master canteen to Baragada Brit Colony. I could not tract it out. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority for issue of a Certified Copy of ROR/Pattain my favour.



**AFFIDAVIT**

By virtue of an affidavit sworn before Executive Magistrate, Jatni, dtd- 29/12/2025, affidavit No- 442. I, **Lili Sahoo,** Address: Padanpur, Po- Bhimapur Padanpur, Ps- Jatni, Dist- Khordha, Pin- 752050, Odisha declare that my Name from **Snehalata Sahoo** to **Lili Sahoo.** Henceforth, I shall be known as **Lili Sahoo** for all purposes.

**Lili Sahoo**



**NOTICE**
(above 18 years of age)

By virtue of an affidavit sworn before the **Notary Public, Dharamgarh dated 16.02.2026,** I, **CHAITANYA MAJHI**, S/O- DINGAR MAJHI if etc., formerly called CHETAN MAJHI son of DINGAR MAJHI, permanent resident of Village- PANJIA, PO- CHICHIA, PS- GOLAMUNDA, DISTRICT- KALAHANDI, ODISHA, Pin- 766029, currently residing at Village- PANJIA, PO- CHICHIA, PS- GOLAMUNDA, DISTRICT- KALAHANDI, ODISHA, Pin- 766029. Henceforth, I shall be known as **CHAITANYA MAJHI, S/O-DINGAR MAJHI** for all purposes.

**CHAITANYA MAJHI**



**NOTICE**
(above 18 years of age)

By virtue of an affidavit sworn before the **Executive Magistrate, Dharamgarh dated 03.02.2026,** I, **KRUTTIBAS PATEL**, S/O-PHALAGUNI PATEL, if etc., formerly called KRURTIBAS PATEL son of PHALAGUNI PATEL, permanent resident of Village- HERANAPADA (TARAPUR), PO- TARAPUR, PS-KOKSARA, DISTRICT- KALAHANDI, ODISHA, Pin-766015, currently residing at Village- HERANAPADA (TARAPUR), PO- TARAPUR, PS-KOKSARA, DISTRICT- KALAHANDI, ODISHA, Pin-766015. Henceforth, I shall be known as **KRUTTIBAS PATEL, S/O-PHALAGUNI PATEL** for all purposes.

**KRUTTIBAS PATEL**





# ଦୁଇ ଗୋଡ଼ ହରାଇ ବି ସକ୍ଷମ ଯତୀନ

ଭୁବନେଶ୍ୱର, ୧୭।୨(ସମିସ): ଶାରିରୀକ ଅକ୍ଷମତା କେବେ ହେଲେ ତାଙ୍କ ପାଇଁ ବାଧକ ସାଜିନି। ସବୁ ପରିସ୍ଥିତିକୁ ସେ ଦୃଢତାର ସହ ସାମ୍ନା କରୁଛନ୍ତି। ସୁସ୍ଥ ଶରୀର ଏବଂ କର୍ମମୟ ଜୀବନ ବେଶ ସୁରୁଖୁରୁ କଟୁଥିଲା। ହେଲେ ସେ ଦିନର ଦୁର୍ଘଟଣା ଜତୀନଙ୍କ ଜୀବନରେ ଏପରି ମୋଡ ଆଣିଦେବ ବୋଲି ସେ କେବେ ଅନୁମାନ ବି କରି ନ ଥିଲେ।

କର୍ମମୟ ଜୀବନରୁ ଛୁଟି କାଟିବାକୁ ଘରୁକୁ ସିନା ଯାଇଥିଲେ ହେଲେ ଫେରିବା ବାଟ ତାଙ୍କ ଜୀବନର ରୂପରେଖ ଓଲଟପାଲଟ କରିଦେଇଥିଲା। ଆଖି ପିଛୁଳାକେ ସୁସ୍ଥ ସବଳ ମଣିଷର ପରିଚୟ ବଦଳିଗଲା। ଭାଗ୍ୟକୁ ନା

**■ ଡେଲିଭରୀ କାର୍ଯ୍ୟ ସହ ପାରା କ୍ରୀଡାବିତ୍ ଭାବେ ଗଢିଛନ୍ତି ପରିଚୟ**

ଆଉ କାହାକୁ ଦୋଷ ଦେବା ଆଗରୁ ସବୁ କଷ୍ଟ ଯନ୍ତ୍ରଣା ନିଜକୁ ଭୋଗିବାକୁ ପଡ଼ିଥିଲା। ଏ ହେଉଛନ୍ତି ଯତୀନ ଖଟୁଆ, ବୟସ ୩୦ ଛୁଇଁଛି। ତାଙ୍କ ପ୍ରକୃତ ଘର ସାଲେପୁର ହେଲେ ରାଜଧାନୀର ତମାଣ୍ଡୋ ଅଞ୍ଚଳରେ ସେ ବର୍ତ୍ତମାନ ରହୁଛନ୍ତି। ଡିପ୍ଲୋମା ପାଠପଢ଼ି ସେ ଇଂଜିନିଅର ଭାବେ କଳିଙ୍ଗନଗରରେ କାମ କରୁଥିଲେ। ୨୦୧୭ ମସିହାରେ ଛୁଟି ନେଇ ସେ ଘରୁକୁ ବୁଲିବାକୁ ଯାଇଥିଲେ। ହେଲେ ଘରୁ



ଫେରିବା ବାଟରେ ଦୁର୍ଘଟଣାରେ ତାଙ୍କ ଦୁଇ ଗୋଡ ହରାଇ ବସିଥିଲେ। ଘରର ଏକମାତ୍ର ପୁଅ ହିସାବରେ ଯେଉଁ ଦାୟିତ୍ୱର ଦାୟାଦ ପାଲଟିଥାନ୍ତେ ସେଥିରୁ ସେ ଓହରି ଯାଇନାହାନ୍ତି କି ହାର ମାନିନାହାନ୍ତି। ଆରି ଭିତରେ ସେ ପୁଣି ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ସମ୍ଭବତଃ ଅନ୍ୟମାନଙ୍କ ପାଇଁ ପ୍ରେରଣା ମଧ୍ୟ ପାଲଟିଛନ୍ତି ଯତୀନ। ହେଲେ ସମୟର ବିଡ଼ମ୍ବନା ତାଙ୍କ ଦୁଃଖ ସେଇଠି ସରିନି, ଗତ ବର୍ଷ ତାଙ୍କ ବାପାଙ୍କର ମଧ୍ୟ ସେହି ସମାନ ବରମୁଣ୍ଡାଠାରେ ଦୁର୍ଘଟଣାରେ ଡାହାଣ ପଟ ଗୋଟ ଚାଲିଯାଇଛି। ତେଣୁ ସବୁଭାର ଏବେ ତାଙ୍କ ଉପରେ। ସେ ବର୍ତ୍ତମାନ ଜୋମାଟୋରେ ଜଣେ ଡେଲିଭରି ବଏ ଭାବେ କାର୍ଯ୍ୟ କରୁଛନ୍ତି। ମୋଟର ହୁଇଲ ଚେୟାର ସାହାଯ୍ୟରେ ସେ ସହରରେ ବିଭିନ୍ନ ସ୍ଥାନକୁ ଯାଇ ଖାଇବା ପହଁଚାଉଁଛନ୍ତି। କେବଳ ସେତିକି ନୁହଁ ବରଂ ସେ ଜଣେ ଭଲ ପାରାକ୍ରିଡିବିତ୍ ଭାବେ ଗତ ବର୍ଷ ନିଜର ପରିଚୟ ତିଆରି କରିଛନ୍ତି। ଡିସକସ ଖେଳରେ ରୌପ୍ୟ ପଦକ ଜିତିଛନ୍ତି। ଏହାପରେ ସେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ତାସହ ସେ ମହାବିଦ୍ୟାଳୟରେ ପୁଣି ନାମ ଲେଖାଇ ଅଧିକ ପଢ଼ିବାକୁ ଇଚ୍ଛା ରଖିଛନ୍ତି। ଏସମସ୍ତ କାର୍ଯ୍ୟରେ ତାଙ୍କ ପାଇଁ ତାଙ୍କ ପତ୍ନୀ ହିଁ ସବୁଠୁ ବଡ ପ୍ରେରଣା ପାଲଟିଛନ୍ତି। ଯତୀନଙ୍କ ଦୁର୍ଘଟଣା ବିଷୟରେ ଜାଣିବା ସତ୍ତ୍ୱେ ସେ ତାଙ୍କୁ ବିବାହ କରିଥିଲେ। ପରେ ପ୍ରତ୍ୟେକ କ୍ଷେତ୍ରରେ ଆଗୁକୁ ବଢ଼ିବାକୁ ଏବଂ କ୍ରୀଡାକ୍ଷେତ୍ରରେ ସୁନାମ ଅର୍ଜନ ପାଇଁ ତାଙ୍କୁ ଉତ୍ସାହିତ କରିଆସିଛନ୍ତି ବୋଲି କହିଥିଲେ।

## ‘ରମାଦେବୀ’ରେ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୧୭।୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ତତ୍ତ୍ୱାବଧାନରେ ଆସନ୍ତା ଜାତୀୟ ବିଜ୍ଞାନ ଦିବସ ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୁଇଜ୍ ମାଷ୍ଟର ଓମ୍ ପ୍ରକାଶ ରଥ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଜ୍ୟୋତିର୍ମୟୀ ଉଦ୍ଗାତା, ଡ. ରେବତୀ କାନ୍ତ ମହାରଣା, ଡ.ଆଲୋକ ପ୍ରସାଦ ଦାସ, ଡ.ଛବିରାଣୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ସସ୍ମୀତା ମହାନ୍ତି ଓ ପ୍ରଫେସର ରାଜକୁମାର ଯୋଶୀ ପ୍ରତିଯୋଗିତାର ଜୁରି ରହିଥିଲେ। ଏଥିସହିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଶକ୍ତି ପ୍ରସାଦ ରଥ, ଡ. ଦିଲ୍ଲୀପ ବିଶି, ଡ ସ୍ନେହଲତା ଦାସ, ଡ. ପ୍ରକାଶ ଚନ୍ଦ୍ର ପରିଚ୍ଛା ଆଦି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ କୃତୀ ଛାତ୍ରୀମାନଙ୍କୁ ଆସନ୍ତା ୨୮ ତାରିଖ ଜାତୀୟ ବିଜ୍ଞାନ ଦିବସରେ ପୁରସ୍କୃତ କରାଯିବ।

## ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ଶ୍ରୀଲିଙ୍ଗରାଜଙ୍କୁ କ୍ଷୀର ଲାଗିକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର, ୧୭ ।୨(ସମିସ): ମହାଶିବରାତ୍ରିରେ ଐତିହ୍ୟ ସମ୍ପନ୍ନ ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଏହାର ଖୋଲାଖୋଲି ଉଲ୍ଲଂଘନ ପ୍ରଶାସନର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନ୍ଦିର ଭିତରେ ଓ ବାହାରେ ପ୍ଲାଷ୍ଟିକ୍ ଗ୍ଲାସ୍‌ରେ କ୍ଷୀର ବିକ୍ରି ହେଉଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁମାନେ ତାହାକୁ କିଣି ମହାପ୍ରଭୁଙ୍କୁ ଅର୍ପଣ କରୁଛନ୍ତି। ପୁଲିସ୍ ଓ ପ୍ରଶାସନର କଟକଣା ସତ୍ତ୍ୱେ ମନ୍ଦିର ଭିତରକୁ ପ୍ଲାଷ୍ଟିକ୍ ପ୍ରବେଶ କରୁଥିବା ନେଇ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଆଇନ୍ ପ୍ରଣୟନ ନୁହେଁ, ବରଂ ଏହାର କଠୋର ଅନୁପାଳନ ହେଲେ ହିଁ ପରିବେଶ ପ୍ଲାଷ୍ଟିକ୍ ମୁକ୍ତ କରାଯାଇପାରିବ। ଯଦି ପବିତ୍ର ଧର୍ମାନୁଷ୍ଠାନରେ ଏଭଳି ବ୍ୟବସ୍ଥା ଜାରି ରହେ, ତେବେ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ କେବଳ ଏକ ସ୍ୱପ୍ନ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ଜ୍ୟୋତିର୍ମୟୀ ପୃଷ୍ଟିଙ୍କୁ ‘ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ’

ଭୁବନେଶ୍ୱର, ୧୭ ।୨(ସମିସ): ରାଜନୀତିଜ୍ଞ ତଥା ‘ଭାଷା ସୁରକ୍ଷା ସମ୍ମିଳନୀ’ର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ୮୫ତମ ଜୟନ୍ତୀ ସମାରୋହ ଫେବୃଆରୀ ୨୨ ତାରିଖରେ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହେବ। ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ଓ ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ସଭାପତି କ୍ରିଷ୍ଣା ମହାନ୍ତି, ଶ୍ରମିକ ନେତା ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ସିପିଆଇ (ଏମ୍)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ‘ନୂତନ ଜାତୀୟ ଶିକ୍ଷାନୀତିରେ ମାତୃଭାଷାର ସ୍ଥାନ’ ଶୀର୍ଷକ ପଞ୍ଚମ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ସାହିତ୍ୟିକ ଓ ସମାଲୋଚକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ବିଗତ ବର୍ଷରେ ସର୍ବୋଚ୍ଚ ନମ୍ବରପ୍ରାପ୍ତ ସ୍ୱର୍ଣ୍ଣପଦକ ବିଜୟିନୀ ଛାତ୍ରୀ ସୁଶ୍ରୀ ଜ୍ୟୋତିର୍ମୟୀ ପୃଷ୍ଟିଙ୍କୁ ‘ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ-୨୦୨୬’ ପ୍ରଦାନ କରାଯିବ ବୋଲି ବୈଷ୍ଣବ ପରିଡ଼ା ସ୍ମୃତି ନ୍ୟାସ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ‘କର୍ମଚାରୀ ସମ୍ପର୍କ: ପ୍ରସଙ୍ଗ, ବିଷୟବସ୍ତୁ ଏବଂ ବିକଶିତ ହେଉଥିବା ନୂତନ ଧାରା’ ଶୀର୍ଷକ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର, ୧୭।୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ପର୍ସନାଲ ମ୍ୟାନେଜମେଣ୍ଟ ଓ ଶୈଳ୍ପିକ ସମ୍ପର୍କ ବିଭାଗ ପକ୍ଷରୁ ‘କର୍ମଚାରୀ ସମ୍ପର୍କ : ପ୍ରସଙ୍ଗ, ବିଷୟବସ୍ତୁ ଏବଂ ବିକଶିତ ହେଉଥିବା ନୂତନ ଧାରା’ ଶୀର୍ଷକ ଦିନିକିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉଦଘାଟନ ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇଥିବା ବେଳେ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗର ପୂର୍ବତନ ସଚିବ ଡ. ଲକ୍ଷ୍ମୀଧର ମିଶ୍ର ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି, ନାଲକୋର ମାନବ ସମ୍ବଳ ନିର୍ଦ୍ଦେଶକ ଡ. ତାପସ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ ପଣ୍ଡିତ ଦୀନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର ଆଶୁତୋଷ ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେହି ଶୀର୍ଷକରେ ଏକ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅଧିବେଶନରେ ବିଭାଗୀୟ ମୁଖ୍ୟ ପ୍ରଫେସର ବିଜୟ କୁମାର ସୁନ୍ଦରାୟ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସହଯୋଗୀ ପ୍ରଫେସର ଡ. ମଧୁଛନ୍ଦା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ‘ଚାରିକାନ୍ଧ’

ଭୁବନେଶ୍ୱର, ୧୭।୨(ସମିସ): ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବର ମଧ୍ୟମ ଅବଧି ସିନେମା ବିଭାଗରେ ଓଡିଆ ସିନେମା ‘ଚାରିକାନ୍ଧ’ ପ୍ରଦର୍ଶିତ ହୋଇଛି। ଏଥିପାଇଁ ଆଠଟି ଚଳଚ୍ଚିତ୍ର ମନୋନୀତ ହୋଇଥିବା ବେଳେ, ଭାରତ ପକ୍ଷରୁ ‘ଚାରିକାନ୍ଧ’ ଏକମାତ୍ର ସିନେମା ଭାବରେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି। ଯାହାର ପ୍ରଯୋଜକ ହେଉଛନ୍ତି ଅତିଶ କୁମାର ରାଉତ ଏବଂ ସହ ପ୍ରଯୋଜକ ହେଲେ ସୁପ୍ରିୟା ରାଉତ, ଅଖିଲ ରାଜୁରକର। ସେହିପରି କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ବିଶ୍ୱନାଥ ରଥ ଦେଇଛନ୍ତି। ଏହି କାହାଣୀରେ ଅଭିନେତା ହେଲେ ଶକ୍ତି ବରାଳ, ସତାବ୍ଦୀ ସୁର୍ଯ୍ୟସ୍ନାତା, ସୁଶିଲ ମିଶ୍ର, ଗୌରବ ମହାନ୍ତି, ଶିବାନୀ ଖେରା, ପ୍ରବଞ୍ଜନ ମିଶ୍ର, ଋଦ୍ଧି ପରିଡ଼ା, ସୁରୁଚିକା ମହାପାତ୍ର ପ୍ରମୁଖ ରହିଛନ୍ତି। ୩୮ ମିନିଟର ଏହି ଫିଲ୍ମଟି ୪୧ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗଦେଇ ୨୨ରୁ ଅଧିକ ପୁରସ୍କାର ଜିତିଛି। ଏବେ ଜାପାନରେ ‘ଚାରିକାନ୍ଧ’ ପୁରସ୍କୃତ ହେବା, ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ପାଲଟିଛି।

## ଗାନ୍ଧୀ ପଦଯାତ୍ରା ସ୍ମାରକୀ ପୀଠ ସଫେଇ

ବାଲିଅନ୍ତା, ୧୭ ।୨(ସମିସ): ମା’ ଟଙ୍କପାଣି ବ୍ୟବସାୟୀ କମିଟି ପକ୍ଷରୁ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ଅଧୀନ ଟଙ୍କପାଣି ବ୍ରିଜ ନିକଟସ୍ଥ ଗାନ୍ଧୀ ପଦଯାତ୍ରା ସ୍ମାରକୀ ପ୍ରତିମୂର୍ତ୍ତି ପୀଠ ସଫେଇ କରାଯାଇଛି। ଏଠାରେ ଥିବା ୧୧ଟିଯାକ ପ୍ରତିମୂର୍ତ୍ତି ସଫା କରାଯାଇଥିଲା। ଏଥିସହିତ ଟଙ୍କପାଣି ବଜାର ଓ ଟଙ୍କପାଣି ବ୍ରିଜ ସଫେଇ କରାଯାଇଥିଲା। ବାଲିଅନ୍ତା ବିଜେଡି ଛାତ୍ରନେତା ବ୍ରହ୍ମଲାଭ ହରିଚନ୍ଦନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଫେଇ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୀଲ ପାତ୍ର, ସୁବାଶିଷ ପାତ୍ର, ବିକ୍ରମ ପାତ୍ର, ଟିଟନ, ବାପି, ଦେବୀ ପ୍ରସାଦ ଛୋଟରାୟ, ଲୁଙ୍ଗା ଜେନା, କୈଳାଶ ମାହାରୀ, ସମୀର ଦାସ, କାଳିଆ, ଛବି, ରବି, ତରୁଣ, ଗୁନିଆ କୈଳାଶ ଏବଂ ବଜାର କମିଟିର ୬୦ ଜଣ ସଦସ୍ୟ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଅଜା ଆଈ, ଜେଜେବାପା ଜେଜେମା’ ଦିବସ



ବାଲିଅନ୍ତା, ୧୭ ।୨(ସମିସ): ବାଲିଅନ୍ତା ବ୍ଲକ ପୂରଣପଧାନ ପଞ୍ଚାୟତସ୍ଥିତ ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲରେ ଅଜା ଆଇ, ଜେଜେ ବାପା ଓ ଜେଜେ ମାଆ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ର ଏବଂ ଶିକ୍ଷକମାନେ ପ୍ରଥମେ ସେମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜ୍ୟପୂଜା ପୂର୍ବକ ସମ୍ମାନ ପ୍ରଦାନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବହୁ ବରିଷ୍ଠ ଅଭିଭାବକ ଯୋଗଦେଇ ପିଲାମାନଙ୍କ ସହିତ ଭାବବିନିମୟ କରି ଖୁସି ହୋଇଥିଲେ। ଏନେଇ ଆୟୋଜିତ ବିଭିନ୍ନ ପାରମ୍ପରିକ କ୍ରୀଡାରେ ସେମାନେ ଭାଗ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ଦାସ ଓ ପ୍ରଧାନ ଶିକ୍ଷୟିତ୍ରୀ ବଳବୀର କୌର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏନେଇ ଆୟୋଜିତ ସଭାରେ ଅତିଥି ଦ୍ୱୟ ସେମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ କରିଥିଲେ।

## ୨୬ରୁ ରମାଦେବୀରେ ମିଡିଆ ଉତ୍ସବ

ଭୁବନେଶ୍ୱର, ୧୭ ।୨(ସମିସ): ଆସନ୍ତା ୨୬ ଓ ୨୭ ତାରିଖରେ ରମାଦେବୀ ମହିଳା ବିଶବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ମିଡିଆ ଉତ୍ସବ ‘ମିଡ଼ିଆ ଅନ୍ତର’ ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ଓ ଉତ୍ସବର ସୃଜନଶୀଳ ମନୋଭାବକୁ ପ୍ରଦର୍ଶିତ କରିବା ପାଇଁ ନୃତ୍ୟ ମାଧ୍ୟମରେ ଏକ ଫ୍ଲାଶ୍ ମବ୍ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ କ୍ଷୁଦ୍ର ଚଳଚ୍ଚିତ୍ର, ରିଲ୍ସ, ଫଟୋଗ୍ରାଫି, କ୍ୟାରିକେଚର୍, ଡୁଡଲ୍ ଡ୍ରାମା, ଆଙ୍କରିଂ ଓ ଆର୍‌ଜେ ହଣ୍ଟିଂ ପରି ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ଏହାସହ ଏସବୁ ବିଷୟରେ ଦୁଇ ଦିନ ଧରି ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ। ଶିକ୍ଷା ଓ ମନୋରଞ୍ଜନକୁ ଏକାଠି ଆଣି, ସୃଜନଶୀଳତା, ଗୋଷ୍ଠୀଗତ କାର୍ଯ୍ୟ, ଆତ୍ମବିଶ୍ୱାସ ଓ ପ୍ରାୟୋଗିକ ମିଡିଆ ଦକ୍ଷତା ବିକାଶରେ ସହାୟତା ହେବ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଚଣ୍ଡୀ ଚରଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟେରିଆନ୍ ସରୋଜ ଦାସ ଛାତ୍ରୀମାନଙ୍କୁ ସାମାଜିକ ସଚେତନତା ପାଇଁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମକୁ ସଠିକ୍ ଭାବେ ଉପଯୋଗ କରିବାକୁ ପ୍ରେରିତ କରିଛନ୍ତି।



## ସାମ୍ବାଦିକ ପ୍ରବୋଧ ବସ୍ତିଆଙ୍କ ପରଲୋକ



ଭୁବନେଶ୍ୱର, ୧୭।୨(ସମିସ): ଦୀର୍ଘଦିନ ଧରି ଅସୁସ୍ଥ ଥିବା ବରିଷ୍ଠ ସାମ୍ବାଦିକ ପ୍ରବୋଧ ବସ୍ତିଆଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୈନିକ ସମୟ, ଓଡ଼ିଶା ଏକ୍ସପ୍ରେସ୍, ନିତିଦିନ, ପ୍ରମେୟ ଖବର କାଗଜରେ କାର୍ଯ୍ୟ କରିଥିଲେ। ୩ବର୍ଷ ହେବ ସେ କ୍ୟାନସର୍‌ରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଝିଅ ଓ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ସ୍ନେହ ଫାଉଣ୍ଡେସନ ପକ୍ଷରୁ ବିତର୍କ ପ୍ରତିଯୋଗିତା

ଭୁବନେଶ୍ୱର, ୧୭।୨(ସମିସ): ‘ପୁନରୁଦ୍ଧାର ନ୍ୟାୟ: ଘରୋଇ ଦ୍ୱନ୍ଦ୍ୱରେ ଏକ ପ୍ରଭାବଶାଳୀ ନ୍ୟାୟ ପ୍ରଦାନ ବ୍ୟବସ୍ଥା’ ବିଷୟବସ୍ତୁ ଉପରେ ବିତର୍କ ପ୍ରତିଯୋଗିତା ସ୍ନେହ ଫାଉଣ୍ଡେସନ ପକ୍ଷରୁ କ୍ୟାପିଟାଲ ଲ’ କଲେଜଠାରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସ୍ନେହ ଫାଉଣ୍ଡେସନର ନିର୍ଦ୍ଦେଶକ ସୁବାସ ପଣ୍ଡା ନ୍ୟାୟ, ସାମାଜିକ କଲ୍ୟାଣ ଏବଂ ସମ୍ପ୍ରଦାୟ-ଆଧାରିତ ଦ୍ୱନ୍ଦ୍ୱ ସମାଧାନ କ୍ଷେତ୍ରରେ ସଂଗଠନର ଚାଲିଥିବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସ୍ତମ୍ଭକାର ଶ୍ୱେତକୃତ ତ୍ରିପାଠୀ ସମାବେଶକୁ ସମ୍ବୋଧିତ କରିଥିବାବେଳେ ବିତର୍କ ପ୍ରତିଯୋଗିତାକୁ ଅଧ୍ୟାପକ ଡ. ଆଲମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଶେଷରେ, କ୍ୟାପିଟାଲ ଲ’ କଲେଜର ଅଧ୍ୟକ୍ଷ ଚନ୍ଦ୍ରମଣି ଦାସ ଧନ୍ୟବାଦ ଦେଇଥିଲେ। ବିଜେତା ଏବଂ ଉତ୍କୃଷ୍ଟ ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ଏବଂ ବିଶ୍ଳେଷଣାତ୍ମକ ଦକ୍ଷତାର ସ୍ୱୀକୃତି ସ୍ୱରୂପ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ସୋଆ ପକ୍ଷରୁ ଆଣ୍ଟି ନାର୍କୋଟିକ୍ସ କର୍ମଶାଳା

ଭୁବନେଶ୍ୱର, ୧୭ ।୨(ସମିସ):ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ପଣ୍ଡାକୁଦିଆ ବସ୍ତି ଅଞ୍ଚଳରେ ଏକ ଆଣ୍ଟି ନାର୍କୋଟିକ୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର କମଳ ଲୋଚନ ମହନ୍ତ ଓ ବରିଷ୍ଠ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସରୋଜ କୁମାର ମହାନ୍ତି ଉଦ୍‌ଘାଟନ କରି ନିଶା ଓ ମାଦକ ଦ୍ରବ୍ୟର ଅପକାରିତା ଓ ଶରୀର ପ୍ରତି ଏହାର କୁପ୍ରଭାବ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ କରିବାକୁ ବସ୍ତି ବାସିନ୍ଦାମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଙ୍କ ସହ ପଣ୍ଡାକୁଦିଆର ବସ୍ତି ବାସିନ୍ଦା ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ମାନସ ଦାସଙ୍କ ରଚିତ ପଥପ୍ରାନ୍ତ ନାଟକ ‘ନିଶାକୁ ନା’ପ୍ରଦର୍ଶିତ ହୋଇଥିଲା। ନାଟକ ମାଧ୍ୟମରେ ମାଦକ ଦ୍ରବ୍ୟ ବ୍ୟବହାର, ତା’ର କୁପରିଣାମ ଏବଂ ଏହାର ଅପକାରିତା ବିଷୟରେ ଅବଗତ କରାଇଥିଲେ। ନିଶାମୁକ୍ତ ସମାଜ ଗଢ଼ିବା ପାଇଁ ପ୍ରତିବଦ୍ଧ ହେବାକୁ ଗ୍ରାମବାସୀମାନେ ସମୁହ ଶପଥ ଗ୍ରହଣ କରିଥିଲେ। ଏହାପରେ ନିଶା ନିବାରଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

## ଏଫ୍‌ଏଫ୍‌ସି ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ଭୁବନେଶ୍ୱର, ୧୭ ।୨(ସମିସ): ଫନ୍ ଆଣ୍ଡ ଫିଟନେସ କ୍ଲବ୍ ପକ୍ଷରୁ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସ୍ମୃତିରେ ଏନ୍-୩ ସ୍ଥିତ ଏଲଏଲସିସି କ୍ରିକେଟ ପଡ଼ିଆ ଠାରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲାୟନ୍ସ କ୍ଲବ୍ ଇଣ୍ଟରନାସନାଲର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ନିକୁଞ୍ଜ ଛୋଟରାୟ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଆଇନଜୀବୀ ସୂର୍ଯ୍ୟନାରାୟଣ ଦାସ ଓ ୱାର୍କସ ଇଣ୍ଟରନାସନାଲର ରିଜିଅନ କୋର୍ଡିନେଟର ସୁବାସ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ମ୍ୟାଚ ଉଦଯାପନରେ ଓଡ଼ିଶା ସରକାରଙ୍କ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ଅଞ୍ଜଳି ଛୋଟରାୟ ଯୋଗଦେଇ କ୍ଲବର ସଦସ୍ୟମାନେ ପରିଣତ ବୟସରେ ମଧ୍ୟ କ୍ରିକେଟ ଭଳି କଷ୍ଟସାଧ୍ୟ ଖେଳ ଖେଳିପାରୁ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ଏହା କେବଳ ପ୍ରାତଃ ଭ୍ରମଣ, ଯୋଗ ଓ ବ୍ୟାୟାମ ଅଭ୍ୟାସ ଦ୍ୱାରା ସମ୍ଭବ ହେଇପାରୁଛି ବୋଲି ମତପ୍ରକାଶ କରିଥଲେ। ଏହି ମ୍ୟାଚ୍‌ରେ ପ୍ରେସିଡେଣ୍ଟ ଇଲେଭେନକୁ ବିଜେତା ହୋଇଥିବା ବେଳେ ସେକ୍ରେଟାରୀ ଇଲେଭେନ ରନର୍ସ ଅପ୍ ହୋଇଥିଲେ। ଏଥିସହିତ ବିବେକାନନ୍ଦ ବାରିକ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ସତ୍ୟବ୍ରତ କଳିଆଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ତଥା ଦୁଇ ପୂର୍ବତନ ପ୍ରେସିଡେଣ୍ଟ ଆଶିଷ ପଟ୍ଟନାୟକ ଓ କେଦାର ପଟ୍ଟନାୟକ, ଭାଇସ ପ୍ରେସିଡେଣ୍ଟ ଭବାନୀ ପଟ୍ଟନାୟକ, କୋଷାଧକ୍ଷ ପ୍ରଦୀପ୍ତ କିଶୋର ପଣ୍ଡା, ଜଏଣ୍ଟ ସେକ୍ରେଟାରୀ ପ୍ରଫୁଲ୍ଲ ଲେଙ୍କା ଓ ପ୍ରତାପ ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ‘ସାତକଡ଼ି ହୋତା ସ୍ମୃତି ସଂସଦ’ ପକ୍ଷରୁ ଆଲୋଚନାଚକ୍ର



ଭୁବନେଶ୍ୱର, ୧୭।୨(ସମିସ): ‘ସାତକଡ଼ି ହୋତା ସ୍ମୃତି ସଂସଦ’ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ‘ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ଲେଖକଙ୍କ ଭୂମିକା’ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅନୁଷ୍ଠାନର ସଭାପତି ତଥା ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ସ୍ମୃତି ସଂସଦର ସମ୍ପାଦକ ତଥା ବରିଷ୍ଠ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସାହିତ୍ୟିକ ପୀତବାସ ରାଉତରାୟ ଡ. ସାତକଡ଼ି ହୋତା ନିଜେ ଏକ ଅନୁଷ୍ଠାନ ଥିଲେ ଏବଂ ସାହିତ୍ୟର ପ୍ରତ୍ୟେକ ବିଭାଗରେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ପ୍ରଜ୍ୱଳନ କରି ଏହି ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟତମ ବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ଇଂ. ହରିହର ତ୍ରିପାଠୀ ଓ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଥିଲେ। ଏହି ବିଶେଷ ଅବସରରେ କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଅସୀମା ସାହୁ, ରବୀନ୍ଦ୍ର କୁମାର ପଣ୍ଡା, କାଳିନ୍ଦୀ ଭଞ୍ଜ, ସୀତାକାନ୍ତ ଦାଶ, ରେଣୁବାଳା ମହାପାତ୍ର ଓ ମୀରା ସେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ୟାମସୁନ୍ଦର ସୁବୁଦ୍ଧିଙ୍କ ପରଲୋକ

ନନ୍ଦନକାନନ, ୧୭।୨(ସମିସ): ବରିଷ୍ଠ ରାଜନେତା ତଥା ସାମ୍ବାଦିକ ସ୍ୱରଜିତ୍ ଆର୍ଯ୍ୟଙ୍କ ପିତା ଶ୍ୟାମସୁନ୍ଦର ସୁବୁଦ୍ଧିଙ୍କର ଗତକାଲି ମଧ୍ୟରାତ୍ରିରେ କଳରାହଙ୍ଗସ୍ଥିତ ତ୍ରିଦେବ କମ୍ପ୍ଲେକ୍ସରେ ଦେହାନ୍ତ ହୋଇଛି। ଶ୍ରୀ ସୁବୁଦ୍ଧି ଯୁବ କଂଗ୍ରେସରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ପ୍ରଦେଶ କଂଗ୍ରେସର ପଦ ପଦବୀରେ ରହିବା ସହିତ ବିଭିନ୍ନ ସମବାୟ ସଂସ୍ଥାରେ କାର୍ଯ୍ୟ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅତି ଘନିଷ୍ଠ ସହଯୋଗୀ ଥିଲେ। ଶୈଳଶ୍ରୀବିହାରରେ ରହିବା ସମୟରେ ଶୈଳଶ୍ରୀ ବିହାର ଉନ୍ନୟନ ପରିଷଦ ଏଲସି ଆସୋସିଏନ, ଲକ୍ଷ୍ମୀପୂଜା କମିଟି ଆଦିର ସଭାପତି ରହି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ମୂଳ ବାସସ୍ଥାନ ବୋଲଗଡ଼ ଅଞ୍ଚଳରେ। ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ରହିଅଛି। ଶେଷ ଦର୍ଶନ ସମୟରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

## ଶରୀର ବ୍ୟଥାରୁ ଉପଶମ ଦେଉଛି ଦୃଷ୍ଟିବାଧିତଙ୍କ ହାତ

ଭୁବନେଶ୍ୱର, ୧୭ ।୨(ସମିସ): ଗଞ୍ଜାମ ଜିଲ୍ଲାରେ ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ଦୃଷ୍ଟିବାଧିତଙ୍କ ହାତର ଯାଦୁକରୀ ସ୍ପର୍ଶରେ ଅନେକ ବ୍ୟକ୍ତି ସଳଖି ଛିଡ଼ା ହେବାରେ ସଫଳ ହୋଇଛନ୍ତି। ଶରୀରରେ ହେଉଥିବା ବିଭିନ୍ନ ବ୍ୟଥାରୁ ଉପଶମ ଦେଉଥିବା ‘ଟକିଂ ହ୍ୟାଣ୍ଡସ୍’ ଥେରାପି ପାଇଁ ସେ ଏବେ ଚର୍ଚ୍ଚାରେ ଅଛନ୍ତି। ସେଭଳି ଜଣେ ବ୍ୟକ୍ତି ହେଉଛନ୍ତି ଦୟାସାଗର। ବାପା ଚାଲିଗଲା

**‘ଟକିଂ ହ୍ୟାଣ୍ଡସ୍’ ଥେରାପି ପାଇଁ ଚର୍ଚ୍ଚାରେ ଦୟାସାଗର**

ପରେ ମା’, ଭାଇ, ଭଉଣୀଙ୍କ ସାହା ଭରସା ହେଉଛନ୍ତି ଦୃଷ୍ଟିବାଧିତ ଦୟା। ନିକଟସ୍ଥ ତାରାତାରିଣୀ କଲେଜରୁ କଳାରେ ଗ୍ରାଜୁଏସନ୍ ସରିବା ପରେ ଜଟଣୀ ସ୍ପେଶାଲ ଆଇଟିଆରେ ‘ଟକିଂ ହ୍ୟାଣ୍ଡସ୍’ ଥେରାପି ଟ୍ରେନିଂ ନେଇଥିଲେ। ଏହାପରେ ସେ ଚେନ୍ନାଇର ଏକ ହସ୍ପିଟାଲରୁ ଇଣ୍ଟର୍ଣ୍ଣସିପନ୍ କରିବା ପରେ ବର୍ତ୍ତମାନ ସେ ଏହି ଥେରାପି ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଦିନକୁ ସେ ପ୍ରାୟ ୪ଜଣଙ୍କର ଫୁଲ ବଡି ମସାଜ୍ କରୁଥିବା ବେଳେ ସାଧାରଣ ମସାଜରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଥେରାପି ଦେଉଥିବା କହିଛନ୍ତି। ‘ଟକିଂ ହ୍ୟାଣ୍ଡସ୍’ ଥେରାପିରେ କୌଣସି ମେସିନ୍ ବ୍ୟବହାର କରାଯାଉନଥିବା ବେଳେ ହାତ ମସାଜ୍ ଟେକନିକ୍ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଲୋକେ ମତ ଦେଇଛନ୍ତି। ପ୍ରଥମ ଥର ଓଡ଼ିଶାରେ ଦୃଷ୍ଟିବାଧିତଙ୍କ ପାଇଁ ୬ମାସ ଅବଧି ଏହି ଟ୍ରେନିଂ ଦିଆଯାଇଥିଲା। ତେବେ ‘ଟକିଂ ହ୍ୟାଣ୍ଡସ’ର ଅର୍ଥ ହେଉଛି କଥା କହୁଥିବା ହାତ। କାରଣ ଦୃଷ୍ଟିହୀନମାନେ ଦେଖିପାରୁ ନଥିବାରୁ ହାତରେ ଚିକିତ୍ସା କରୁଛନ୍ତି। ଏହି ଥେରାପି ନିଶ୍ଚିତ ଭାବେ ଦୃଷ୍ଟିବାଧିତଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଲୋକମାନେ ପ୍ରାକୃତିକ ଉପାୟରେ ବ୍ୟଥାରୁ ଉପଶମ ପାଉଛନ୍ତି। ତେବେ ବ୍ରହ୍ମପୁରରେ ସେ ନିୟମିତ ଏହି ଚିକିତ୍ସା କରୁଥିବା ବେଳେ ଭୁବନେଶ୍ୱରରେ ବିଶିଷ୍ଟ ବ୍ୟକ୍ତିମାନେ ଦୟାଙ୍କ ହାତ ସ୍ପର୍ଶ ପାଇବାକୁ ବୁକିଂ କରୁଥିବା ଜଣାପଡ଼ିଛି।



# ଟ୍ୟାଙ୍କର୍‌କୁ ଧକ୍କା ଦେଲା ବାଇକ୍; ୩ ମୃତ

ଟିକିରି, ୧୭।୨ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ଥାନା ମଶୁରିପଦର ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ଜଣଙ୍କ ଜୀବନ ନେଇଛି । ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ୟାଙ୍କର୍‌କୁ ଏକ ବାଇକ୍ ପଛପଟୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି । ମୃତକମାନେ ହେଲେ, ଟିକିରି ଥାନା ମହତପୁଟ ଖୁରିଗାଁର ନରେନ୍ଦ୍ର ଝଡ଼ିଆ (୨୫), ଉମାକାନ୍ତ ଝଡ଼ିଆ(୧୪), ଟୁନୁ ଝଡ଼ିଆ(୨୩) । ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାକୁ ନେଇ ଆଜି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାରଲୋକ ଓ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ । କାଶିପୁର ତହସିଲଦାର ଅନୁପମ ଆଚାର୍ଯ୍ୟ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଗତକାଲି ବିଳମ୍ବିତ ରାତିରେ ନରେନ୍ଦ୍ର, ଉମାକାନ୍ତ ଓ ଟୁନୁ ଏକ ବାଇକ୍ (ଓଡି୧୮ ସି୩୫୨୧)ରେ କୌଣସି କାମରେ ଏକ ବାଇକ୍ ଯୋଗେ ଟିକିରିରୁ ଗୋରଖପୁର ଯାଉଥିଲେ । ମଶୁରିପଦର ଛକରେ ଥିବା ପେଟ୍ରୋଲ ପମ୍ପ ନିକଟ ରାସ୍ତାକଡ଼ରେ ପୂର୍ବରୁ ଠିଆ ହୋଇଥିବା ଏକ ଟ୍ୟାଙ୍କର୍‌କୁ (ୟୁପି୬୪ବିଟି ୮୬୪୬)କୁ ସେମାନଙ୍କ ବାଇକ୍ ଦ୍ରୁତଗତିରେ ଧକ୍କା ଦେଇଥିଲା । ଟିକିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ଡାକ୍ତର ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ଜଣଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସ୍ଥାନାନ୍ତର ବେଳେ ବାଟ ଅଧାରେ ଟୁନୁଙ୍କ ମୃତ୍ୟୁ ହୋଇଯାଇଥିଲା । ପରେ ଉମାକାନ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

# ପଞ୍ଚଭୂତରେ ଲୀନ ରାସେଶ୍ୱରୀ

## ଚକ୍ଷୁ ସଂଗ୍ରହ କଲେ ଭିମସାର୍‌ର ଡାକ୍ତରୀଦଳ

ସମ୍ବଲପୁର, ୧୭।୨ (ସମିସ): ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ବିଶିଷ୍ଟ ଚିକିତ୍ସକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଆଜି ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି । ଗତକାଲି ରାତି ୮ଟା ୫୦ରେ ତାଙ୍କର ପରଲୋକ ହୋଇଥିଲା । ପୂର୍ବରୁ ଚକ୍ଷୁଦାନ ପାଇଁ ଘୋଷଣା କରିଥିବାରୁ ଗତକାଲି ରାତିରେ ଭୀମସାରର ଡାକ୍ତରୀ ଦଳ ଡା. ପାଣିଗ୍ରାହୀଙ୍କ ଚକ୍ଷୁ ସଂଗ୍ରହ କରିଥିଲେ । ଆଜି ସକାଳୁ ସକାଳୁ ଶାନ୍ତିନଗରସ୍ଥିତ ତାଙ୍କ ବାସଭବନ ଲୋକାରଣ୍ୟ ହୋଇପଡ଼ିଥିଲା । ଶେଷ ଦର୍ଶନ ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଭିଡ଼ ଜମିଥିଲା । ରାଜନୈତିକ ବ୍ୟକ୍ତିବିଶେଷ, ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀ ତଥା ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ତାଙ୍କର ଶେଷଦର୍ଶନ କରିଥିଲେ । ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ରୋହିତ ପୂଜାରୀ, ନାଉରୀ ନାୟକ, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ପ୍ରମୁଖ ମଧ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ, ପୂର୍ବାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ



ରାଜଘାଟକୁ ନିଆଯାଇଥିଲା । ବିଭିନ୍ନ ଛକରେ ଲୋକେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ଶେଷଇଚ୍ଛା ଅନୁଯାୟୀ, ବୈଦିକ ରୀତିରେ ଆର୍ଯ୍ୟସମାଜ ପକ୍ଷରୁ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁତୁରା ସ୍ୱରୂପ ପାଣିଗ୍ରାହୀ ଓ ଦେବାଶିଷ ମିଶ୍ର ମୁଖାଗ୍ନି ଦେଇଥିଲେ ।

ସମ୍ବଲପୁରର ଶାନ୍ତିନଗରସ୍ଥିତ ବାସଭବନରୁ ପାର୍ଥିବଶରୀର ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା । ରାସ୍ତାରେ ଚର୍ଚ୍ଚ ଛକ, ଆଇଏମ୍‌ଏ ମୁଖ୍ୟାଳୟ, ପାଣିଟାଙ୍କି ଛକ, ଠେଲକୋପଡ଼ା, ମୁଦିପଡ଼ା ଛକ, ଲେଡିଲୁଇସ ହାଇସ୍କୁଲ ଛକ, ଗୌରମଠ, ବ୍ରହ୍ମପୁରା ମନ୍ଦିର, ଝାଡୁଆପଡ଼ା, କୁଞ୍ଜେଲପଡ଼ା ଛକ, ବାଲିବନ୍ଧା, ସମଲେଶ୍ୱରୀ ମନ୍ଦିର ଆଦି ବିଭିନ୍ନ ସ୍ଥାନରେ ଶହଶହ ସଂଖ୍ୟାରେ ଜନସାଧାରଣ ତାଙ୍କ ପ୍ରିୟ ଡାକ୍ତର ତଥା ନେତାଙ୍କୁ ଶେଷ ବିଦାୟ ଦେବାକୁ ଅପେକ୍ଷା କରି ରହିଥିଲେ ।

# ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୭।୨(ସମିସ): ସପ୍ତଦଶ ବିଧାନସଭାର ଷଷ୍ଠ ଅର୍ଥାତ୍ ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହରେ ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହର ଦିବଂଗତ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା, ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ଆଚାର୍ଯ୍ୟ, କୁଳମଣି ରାଉତ, ସଞ୍ଚିତା ମହାନ୍ତି ଓ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଆସନ ସହ ବଦଳିଲା ଆଚରଣ

ଭୁବନେଶ୍ୱର,୧୭।୨(ସମିସ): ବିଜେଡିରୁ ନିଲମ୍ବନ ପରେ ବିଧାନସଭାରେ ବଦଳିଛି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଆସନ । ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପୂର୍ବରୁ ଜି-୧୯ ଆସନରେ ବସୁଥିଲେ । ଏବେ ତାଙ୍କୁ ଏଫ୍-୧୯ ଆସନ ଦିଆଯାଇଛି । ସେହିପରି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପୂର୍ବରୁ ବିଧାନସଭାରେ ଏଫ୍-୧୪ ଆସନରେ ବସୁଥିଲେ । ଏବେ ତାଙ୍କୁ ଏଫ୍-୨୧ ଆସନ ଦିଆଯାଇଛି । ଅରବିନ୍ଦ ବସୁଥିବା ପୂର୍ବ ଆସନରେ ସୁନୀଲ ମହାନ୍ତି ଓ ସନାତନ ବସୁଥିବା ପୂର୍ବ ଆସନରେ ମାଧବ ଧଡା ବସିଛନ୍ତି । ଅନ୍ୟପକ୍ଷରେ ବିଜେଡିରୁ ନିଲମ୍ବିନ ପରେ ଉଭୟଙ୍କ ଆଚରଣ ମଧ ବଦଳି ଯାଇଛି । ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି ବିରୋଧୀ ବିଜେଡ, କଂଗ୍ରେସ, ସିପିଏମ୍ କକ୍ଷତ୍ୟାଗ କରିଥିଲେ ହେଁ ସନାତନ ଓ ଅରବିନ୍ଦ ନିଜ ନିଜ ଆସନରେ ବସିରହିବା ଦେଖାଯାଇଛି । ସେହିପରି ବିଧାନସଭା ମୁଲତବୀ ପରେ ଅରବିନ୍ଦ ବିଭିନ୍ନ ମନ୍ତ୍ରୀ ଓ ବିଧାୟକଙ୍କ ସହ କିଛି ସମୟ ଆଲୋଚନା କରୁଥିବା ଦେଖାଯାଇଛି ।

## ଏଆଇ ସମ୍ମିଳନୀରେ ଓଡ଼ିଶା ପାଭିଲିୟନ ବୁଲିଲେ ଅଶ୍ୱିନୀ ବୈଷ୍ଣବ

# ଆଇଟି, ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ବୃହତ ହବ୍ ହେବାକୁ ଯାଉଛି

ଭୁବନେଶ୍ୱର,୧୭।୨(ସମିସ): ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ଭାରତ ଏ.ଆଇ. ସମ୍ମିଳନୀରେ ଓଡ଼ିଶା ପାଭିଲିୟନକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଗଣମାଧ୍ୟମକୁ ଏକ ସଂକ୍ଷିପ୍ତ ସାକ୍ଷାତକାର ଦେଇ ସେ କହିଛନ୍ତି, ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଦର୍ଶନ କରାଯାଇଥିବା ଭିନ୍ନ ଭିନ୍ନ ଏ.ଆଇ. ସମାଧାନ ଉପାୟ ସାଧାରଣ ଜନତାଙ୍କୁ ସକରାତ୍ମକ ଭାବେ ପ୍ରଭାବିତ କରିବ । ଓଡ଼ିଶା ଆଇଟି ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ହବ୍ ହେବାକୁ ଯାଉଛି ବୋଲି ସେ ଏହି ଅବସରରେ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି, “ଏଆଇ ଇମ୍ପାକ୍ଟ ସମିଟ୍’ରେ ଓଡ଼ିଶାର ବହୁତ ଭଲ ଉପସ୍ଥିତି ରହିଛି । ଓଡ଼ିଶା ଆଇଟି, ସେମିକଣ୍ଡକ୍ଟର ଆଉ ଇଲେକ୍ଟ୍ରୋନିକ୍ସରେ ଏକ ବୃହତ ହବ୍ ଭାବେ ଉଦୀୟମାନ ହେଉଛି । ଏବେ ରାଜ୍ୟରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି । ଏହାସହ ଭୁବନେଶ୍ୱର ସ୍ଥିତ ଆଇଆଇଟିରେ ମଧ ନମୋ ସେମିକଣ୍ଡକ୍ଟର ଲ୍ୟାବ୍ ଆରମ୍ଭ ହେଉଛି, ଯାହା ସେମିକଣ୍ଡକ୍ଟର କ୍ଷେତ୍ରରେ ବଡ଼ ଗବେଷଣା ପାଇଁ ଉନ୍ମୁକ୍ତ ହେବ । ଏ.ଆଇ.ର ଉପଯୋଗ କେମିତି ଚାଷୀମାନଙ୍କ ପାଇଁ କିମ୍ବା ସହରରେ ଜଳ ଯୋଗାଣ ବ୍ୟବସ୍ଥା ଭଳି ସବୁ ପ୍ରକାର ବ୍ୟବସ୍ଥାରେ ଉପଯୋଗ କରାଯାଇପାରିବ ତାହାକୁ ଏଠାରେ ପ୍ରଦର୍ଶନ କରାଯାଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ଅନେକ ସମାଧାନର ରାସ୍ତା ଏ.ଆଇ. ମାଧ୍ୟମରେ ସମ୍ପନ୍ନ କରାଯିବାର ବାଟ ଦେଖାଯାଇଛି । ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ଏଥିଲାଗି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଶ୍ରେୟ ପ୍ରଦାନ କରିଛନ୍ତି । ତାଙ୍କ ସୌଜନ୍ୟ ଓ ନେତୃତ୍ୱ ହେତୁ ଏକ ସୁନ୍ଦର ଷ୍ଟଲ ହୋଇପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଅନ୍ୟପଟେ ଓଡ଼ିଶା ପାଭିଲିୟନ ପରିଭ୍ରମଣ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି । ଏଥି ଯୋଗେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି ସମ୍ମିଳନୀରେ ଓଡ଼ିଶାର ସଶକ୍ତ ଉପସ୍ଥିତି ସୂଚନା ପ୍ରଯୁକ୍ତିବିଦ୍ୟା ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ରାଜ୍ୟର ଦ୍ରୁତ ଅଗ୍ରଗତିକୁ ପ୍ରତିଫଳିତ କରୁଛି । କୃତ୍ରିମ ବୁଦ୍ଧିମତା (ଏ.ଆଇ.) ଓ ଆଧୁନିକ ପ୍ରଯୁକ୍ତିର ସୁଚିନ୍ତିତ ବ୍ୟବହାର ମାଧ୍ୟମରେ ପ୍ରତ୍ୟେକ ଓଡ଼ିଆଙ୍କ ପାଖକୁ ସରକାରୀ ସେବାକୁ ସହଜ, ସ୍ୱଚ୍ଛ ଓ ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ପାଇଁ ଆମେ ପ୍ରତିବଦ୍ଧ । ଏହି ସମନ୍ୱିତ ପ୍ରୟାସ “ବିକଶିତ ଓଡ଼ିଶା’ ଗଠନର ପଥକୁ ଆହୁରି ପ୍ରଶସ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

# ବାହାରିଲା ଏଲ୍‌ଟିଆର୍ ପରୀକ୍ଷା ଫଳ; ହଟିଲା ଆନ୍ଦୋଳନ

ଭୁବନେଶ୍ୱର, ୧୭ ।୨(ସମିସ): ଲିଭ୍ ଟ୍ରେନିଂ ରିଜର୍ଭ ବା ଏଲ୍‌ଟିଆର୍ ଶିକ୍ଷକ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ଆଜି ଏଲ୍‌ଟିଆର୍ କଳା, ଓଡ଼ିଆ ଓ ହିନ୍ଦୀ ଶିକ୍ଷକଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଗତକାଲି ସଂସ୍କୃତ ଶିକ୍ଷକଙ୍କ ପରୀକ୍ଷା ଫଳ ବାହାରିଥିଲା । ଫଳରେ ଦୀର୍ଘ ଦିନ ଧରି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଚଳାଇଥିବା ଆନ୍ଦୋଳନକୁ ଆଶାୟୀମାନେ ପ୍ରତ୍ୟାହାର କରିଛନ୍ତି ।

**ଚାକିରି ପାଇଁ ଚୟନ ହେଲେ ୩୨୧୫ ପ୍ରାର୍ଥୀ**

ଏଲ୍‌ଟିଆର୍ ଟିଜିଟି ଓଡ଼ିଆ ଶିକ୍ଷକ ଭାବେ ମୋଟ୍ ୪୫୪ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛନ୍ତି । ଏହାସହ ୪୨ଟି ପଦକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସଂରକ୍ଷିତ ରଖାଯାଇଛି ଓ ସେହି ପଦ ଖାଲି ରହିଛି । ପରୀକ୍ଷାରେ ସାଧାରଣ ବର୍ଗଙ୍କ କଟ୍‌ଅଫ୍ ମାର୍କ ୭୩.୨୫ ଥିବାବେଳେ ଏସ୍‌ଇବିସି ବର୍ଗଙ୍କ ୬୮.୭୫, ଅନୁସୂଚିତ ଜାତି ବର୍ଗଙ୍କ ୫୦.୫ ଓ ଅନୁସୂଚିତ ଜନଜାତି ବର୍ଗଙ୍କ କଟଅଫ୍ ମାର୍କ ୩୪ ରହିଛି । ସେହିପରି ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ଭାବେ ୬୨୭ ଜଣଙ୍କୁ ନିଯୁକ୍ତି ମିଳିଛି । ହିନ୍ଦୀ ଶିକ୍ଷକ ପାଇଁ ସାଧାରଣ ଗର୍ବଙ୍କ କଟଅଫ୍ ମାର୍କ ୧୨୮.୭୫ ଥିବାବେଳେ ଏସ୍‌ଇବିସି ବର୍ଗଙ୍କ ୧୨୭, ଅନୁସୂଚିତ ଜାତି ବର୍ଗଙ୍କ ୧୦୧.୫ ଓ ଅନୁସୂଚିତ ଜନଜାତି ବର୍ଗ ପୁରୁଷଙ୍କ ୨୨.୭୫ ଓ ମହିଳାଙ୍କ କଟଅଫ୍ ମାର୍କ ମାତ୍ର ୧୮ ରହିଛି । ଅନୁରୂପ ଭାବେ ଏଲ୍‌ଟିଆର୍ ଟିଜିଟି କଳା ଶିକ୍ଷକ ଭାବେ ୧୪୮୭ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଛି । ଏଥିପାଇଁ ସାଧାରଣ ବର୍ଗଙ୍କ କଟଅଫ୍ ମାର୍କ ୧୦୫ ଥିବାବେଳେ ଏସ୍‌ଇବିସି ବର୍ଗଙ୍କ ୧୦୩.୨୫, ଅନୁସୂଚିତ ଜାତି ବର୍ଗଙ୍କ ୮୭.୨୫ ଓ ଅନୁସୂଚିତ ଜନଜାତି ବର୍ଗଙ୍କ କଟଅଫ୍ ମାର୍କ ୬୧.୫ ରହିଛି । ଗତକାଲି ପ୍ରକାଶ ପାଇଥିବା ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ପରୀକ୍ଷାଫଳରେ ମୋଟ୍ ୬୪୭ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛନ୍ତି । ଅର୍ଥାତ୍ ସମସ୍ତ ବର୍ଗରେ ମୋଟ୍ ୩୨୧୫ ଜଣ ପ୍ରାର୍ଥୀ ଚାକିରି ପାଇବାକୁ କୃତକାର୍ଯ୍ୟ ହୋଇଛନ୍ତି ।

# ନବଗଠିତ ଏନ୍‌ଏସି ଓ ମ୍ୟୁନିସିପାଲିଟି ନିର୍ବାଚନରେ ପଛୁଆ ବର୍ଗଙ୍କୁ ମିଳୁ ସଂରକ୍ଷଣ

ଭୁବନେଶ୍ୱର,୧୭।୨(ସମିସ): ନବଗଠିତ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଏବଂ ମ୍ୟୁନସିପାଲଟି ନିର୍ବାଚନରେ ଏସ୍‌ଇବିସି/ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା । ମଙ୍ଗଳବାର ଶ୍ରୀ ଜେନା

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ**

ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ପତ୍ରରେ ଦର୍ଶାଇଛନ୍ତି ଯେ ବର୍ତ୍ତମାନ ଥିବା ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି (ଏସ୍‌ସି/ଏସ୍‌ଟି) ସଂରକ୍ଷଣ ସହିତ ଅନେକ ରାଜ୍ୟରେ ପଛୁଆ ବର୍ଗ/ଅନ୍ୟାନ୍ୟ ପଛୁଆ ବର୍ଗ (ଏସ୍‌ଇବିସି/ ଓବିସି) ସମୁଦାୟଙ୍କୁ ସଂରକ୍ଷଣ ପ୍ରଦାନ କରାଯାଉଛି । ହେଲେ ପଛୁଆ ବର୍ଗମାନଙ୍କ ପାଇଁ ସ୍ଥାନୀୟ ସଂସ୍ଥାମାନଙ୍କରେ ସଂରକ୍ଷଣ ପ୍ରଦାନ କରିବାରେ ଓଡ଼ିଶା ଏପର୍ଯ୍ୟନ୍ତ ପଛରେ ରହିଛି । ତେଣୁ ଏହି ପ୍ରସଙ୍ଗରେ ଚଳିତ ବିଧାନସଭା ଅଧିବେଶନରେ ବିଲ୍ କିମ୍ବା ସଂଶୋଧନ ପ୍ରକ୍ରିୟା ଗ୍ରହଣ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏହା ଏସ୍‌ଇବିସି/ଓବିସି ସମୁଦାୟଙ୍କ ପାଇଁ ଆନୁପାତିକ ସଂରକ୍ଷଣ ସୁନିଶ୍ଚିତ କରିପାରିବ । ଏହାକୁ ନବଗଠିତ ଏନ୍‌ଏସି ଏବଂ ମ୍ୟୁନସିପାଲଟିରେ ଆସନ୍ତା ନିର୍ବାଚନ ସହିତ ରାଜ୍ୟବ୍ୟାପୀ ପରବର୍ତ୍ତୀ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ମଧ କାର୍ଯ୍ୟକାରୀ ପାଇଁ ସୁନିଶ୍ଚିତ କରିବାକୁ ସେ ଚିଠିରେ ଅନୁରୋଧ କରିଛନ୍ତି ।

## ■ ହାଇକୋର୍ଟ ଏଏସଓ ପରୀକ୍ଷା କେଲେଙ୍କାରୀ ମାମଲା

# ୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ନିମ୍ନ ଅଦାଲତରେ ଖାରଜ

କଟକ, ୧୭ ।୨(ସମିସ): ଓଡ଼ିଶା ହାଇକୋର୍ଟର ଏଏସ୍‌ଓ ପରୀକ୍ଷା କେଲେଙ୍କାରୀ ମାମଲାରେ ୪ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଆଜି କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଖାରଜ କରିଦେଇଛନ୍ତି । ଅଭିଯୁକ୍ତ ହିମାଂଶୁ ଶେଖର ଦାଶ, ଶ୍ରୀଧର ମନ୍ତ୍ରୀ, ନିର୍ମାଲ୍ୟ କୁମାର ଦାସ, ଗଙ୍ଗାଧର ଜେନାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ତଦନ୍ତ ଚାଲିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଏ ପର୍ଯ୍ୟନ୍ତ ଗିରଫ ହୋଇ ନାହାନ୍ତି ବୋଲି ଜାମିନ ଆବେଦନର ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ମାମଲାରୁ ପ୍ରକାଶ ଯେ ଲାଲବାଗ ଥାନାରେ ଏଏସ୍‌ଓ ପରୀକ୍ଷା କେଲେଙ୍କାରୀ ଘଟଣାକୁ ନେଇ ପୁଲିସ ମାମଲା ରୁଜୁ କରିବା ପରେ ଗତ ଜାନୁଆରି ୩୧ରେ କେତେକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । କଟକ ସଦର ଏସଡିଜେଏମ ଅଦାଲତରେ ଜାମିନ ଖାରଜ ହେବା ପରେ ଅଭିଯୁକ୍ତମାନେ ଜିଲ୍ଲା ଓ ଦୌରାଜଜ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏପରିକି, ପୁଲିସ ଏସ୍‌ଆଇ ନିଯୁକ୍ତି ଜାଲିଆତି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ସିଲିକନ ଟେକ୍‌ଲ୍ୟାବର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକ, ଶଙ୍କର ପୃଷ୍ଟି ଓ ଅନ୍ୟ କେତେକ ଅଭିଯୁକ୍ତ ଲାଲବାଗ ଥାନାରେ ରୁଜୁ ଏଏସ୍‌ଓ ନିଯୁକ୍ତି ମାମଲାରେ ମଧ ସଂପୃକ୍ତ ଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ବେଳେ ଏହି ମାମଲାରେ ଶଙ୍କର ପୃଷ୍ଟି ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ସୂଚନା ମିଳିଛି ।

# ୬ ଦିନିଆ ରିମାଣ୍ଡରେ ମଧୁକାନ୍ତ

ଚୌଦ୍ୱାର,୧୭।୨(ସମିସ): ଚୌଦ୍ୱାର ଜେଲର ସୁଉଚ୍ଚ ପାଚେରୀ ଡେଇଁ ଫେରାର ହୋଇଯାଇଥିବା କୁଖ୍ୟାତ ବିହାରୀ ଅପରାଧୀ ମଧୁକାନ୍ତ ରାଣାଙ୍କୁ ଅଧିକ ଜେରା ପାଇଁ କମିଶନରେଟ ପୁଲିସ ୬ ଦିନିଆ ରିମାଣ୍ଡରେ

**■ ଖୋଲିବ ଫେରାର୍ ହେବା ପଛର ଗୁମର**
**■ ୟୁପିରୁ ଧରାପଡ଼ିବା ପରେ ପୁଲିସର ଜେରା**

ନେଇଛି । ପୁଲିସ ପକ୍ଷରୁ ୭ଦିନ ପାଇଁ ଆବେଦନ କରାଯାଇଥିବା ବେଳେ କୋର୍ଟ ୬ ଦିନର ରିମାଣ୍ଡ ମଞ୍ଜୁର କରିଛନ୍ତି । ଏହି ନିଷ୍ପତ୍ତି ପରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଚୌଦ୍ୱାର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଜେଲରେ ପହଞ୍ଚି ନିୟମ ଅନୁଯାୟୀ ସମସ୍ତ କାଗଜପତ୍ର କାର୍ଯ୍ୟ ଶେଷ କରି ମଧୁକାନ୍ତକୁ ନିଜ ହେପାଜତକୁ ନେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଗତ ବର୍ଷ ଅକ୍ଟୋବର ୨ ତାରିଖରେ ଚୌଦ୍ୱାର ଜେଲରୁ ଦୁଇଜଣ କଏଦୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ପାଚେରୀ ଡେଇଁ ଚମ୍ପଟ ମାରିଥିଲେ । ଏହି ଘଟଣା ପରେ କମିଶନରେଟ ପୁଲିସ ପକ୍ଷରୁ ଜାରି ରହିଥିବା



ସନ୍ଧାନ ଅଭିଯାନରେ ଗତ ୧୪ ତାରିଖରେ ଉତ୍ତରପ୍ରଦେଶର ବୃନ୍ଦାବନସ୍ଥିତ ଏକ ମଠରୁ ମଧୁକାନ୍ତକୁ ଗିରଫ କରାଯାଇଥିଲା । ତାକୁ ଓଡ଼ିଶା ଅଣାଯିବା ପରେ କଡ଼ା ସୁରକ୍ଷାବଳୟ ଓ ସିସିଟିଭି ନଜରରେ ଜେଲର ୩ ନମ୍ବର ସେଲ୍‌ରେ ରଖାଯାଇଥିଲା । କଟକ ଡିସିପି ଋଷିକେଶ ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଏହି ୬ ଦିନିଆ ରିମାଣ୍ଡ କାଳରେ ମଧୁକାନ୍ତକୁ ବ୍ୟାପକ ପଚରାଉଚରା କରିବେ । ବିଶେଷକରି, ଜେଲର କଡ଼ା ସୁରକ୍ଷା ଭିତରୁ ସେମାନେ କିଭଳି ଖସିବାରେ ସଫଳ ହେଲେ, ଏଥିରେ ସେମାନଙ୍କୁ କିଏ ସହାୟତା କରିଥିଲା ଏବଂ ଅନ୍ୟତମ ଫେରାର ଅପରାଧୀ ରାଜା ସାହାଣୀ ଏବେ କେଉଁଠି ଆତ୍ମଗୋପନ କରିଛି, ସେ ସମ୍ପର୍କରେ ତଥ୍ୟ ଆଦାୟ କରିବା ଲକ୍ଷ୍ୟରେ ରହିଛି ପୁଲିସ ।

# ପୁଲିସ ପକ୍ଷରୁ ‘ଅପରେସନ ନ୍ୟାୟସିନ୍ଧ’ ଆରମ୍ଭ

## ନାବାଳିକା ଯୌନଶୋଷଣ ମାମଲାରେ ତ୍ୱରିତ ତଦନ୍ତ ଓ ଚାର୍ଜସିଟ୍ ଦାଖଲକୁ ପ୍ରାଥମିକତା

କଟକ, ୧୭ ।୨(ସମିସ): ନାବାଳିକା ଯୌନଶୋଷଣ ମାମଲାରେ ତ୍ୱରିତ ତଦନ୍ତ ଓ ଚାର୍ଜସିଟ୍ ଦାଖଲକୁ ପୁଲିସ ପ୍ରାଥମିକତା ଦେଇଛି । ଏହି ଅପରାଧରେ ଜଡ଼ିତ ଅପରାଧୀମାନଙ୍କ ବିରୋଧରେ କଠୋର୍ ଦଣ୍ଡବିଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ‘ଅପରେସନ୍ ନ୍ୟାୟସିନ୍ଧ’ ଆରମ୍ଭ ହୋଇଛି । ଏହି ଅଭିଯାନ ଅଧୀନରେ ତ୍ୱରିତ ତଦନ୍ତ, ଶୀଘ୍ର ଚାର୍ଜସିଟ୍ ଦାଖଲ ସହ ସମୟସୀମା ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ ପାଇଁ ପଦକ୍ଷେପ ନିଆଯାଇଛି ।

ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଜିଲ୍ଲାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ଦୁଇ ପୃଥକ ମାମଲାରେ ଅଭିଯୁକ୍ତଙ୍କୁ ୨୧ ବର୍ଷ ଜେଲ୍ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି ଅଦାଲତ । ଅପରାଧ ଘଟିବାଠାରୁ ଆରମ୍ଭ କରି ଚୂଡ଼ାନ୍ତ ରାୟ ପ୍ରକାଶ ପର୍ଯ୍ୟନ୍ତ ମାତ୍ର ୭୯ ଦିନ ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ନୂତନ ଆଇନର କାର୍ଯ୍ୟକାରିତାର ଏକ ଉତ୍କୃଷ୍ଟ ଉଦାହରଣ । ଜଣେ ୧୧ବର୍ଷୀୟା ନାବାଳିକାଙ୍କ ସହ ଦୁଷ୍କର୍ମ ସମ୍ପର୍କିତ ଏକ ସମ୍ବେଦନଶୀଳ ମାମଲାରେ ସମ୍ବଲପୁର ଜିଲ୍ଲାର ପୋକ୍ସୋ କୋର୍ଟ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ଧାରା ୬୫(୨) ଓ ପୋକ୍ସୋ ଆଇନ ଧାରା ୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇ ୨୧ ବର୍ଷ କଠୋର୍ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଛି ।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୫ ମସିହା ନଭେମ୍ବର ୨୯ ତାରିଖରେ ସମ୍ବଲପୁର ଜିଲ୍ଲା ଧାମା ଥାନା ଅଧୀନ ଭେରାପାଲି ଗ୍ରାମରେ ଅଭିଯୁକ୍ତ ଏହି ଘୃଣ୍ୟ ଅପରାଧ ଘଟାଇଥିଲେ । ଘଟଣା ସମ୍ପର୍କରେ ନାବାଳିକା ତାଙ୍କ ମା’ଙ୍କୁ ସୂଚନା ଦେବା ପରେ ପରବର୍ତ୍ତୀ ସମୟରେ ଥାନାରେ ମାମଲା ରୁଜୁ ହୋଇଥିଲା । ପୁଲିସ ଘଟଣାର ତ୍ୱରିତ ତଦନ୍ତ କରିବା ସହ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିଥିଲା । ଏହା ସହ ସଠିକ ସମୟସୀମା ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ଦ୍ୱିତୀୟ ମାମଲାରେ ସମ୍ବଲପୁର ଜିଲ୍ଲା ରେଢାଖୋଲ ପୁଲିସ ଥାନା ଅଧୀନ ଜଣେ ନାବାଳିକାଙ୍କ ସହ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଭୀଷ୍ମ ପୁଲେଇ (୨୭)ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୨୧ ବର୍ଷ କଠୋର୍ କାରାଦଣ୍ଡ ପ୍ରଦାନ କରିଛନ୍ତି ।

## ଲକ୍ଷ୍ମୀ ହସ୍‌ପିଟାଲରେ ନାବାଳିକା ପ୍ରସବ ଘଟଣା

# ନିଖୋଜ ଶିଶୁକନ୍ୟା ଉଦ୍ଧାର

ବ୍ୟାସନଗର,୧୭।୨(ସମିସ): ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ କୋପଣ୍ଡ ମହନ୍ତ ସାହିରେ ଜଣେ ନାବାଳିକା ମା’ ହେବା ଏବଂ ବେଆଇନ ପ୍ରସବ ମାମଲାରେ ନୂଆ ଦିଗ ସାମ୍ନାକୁ ଆସିଛି । ସୋମବାର ଅଭିଯୋଗ ପରେ ପୁଲିସ ତଦନ୍ତ କରି ହେପାଜତକୁ ନେଇଥିବା ମୁଖ୍ୟ ଅଭିଯୁକ୍ତ କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ ଏବଂ ଲକ୍ଷ୍ମୀ ହସ୍ପିଟାଲ ମାଲିକ ମନୋଜ କୁମାର ନାୟକଙ୍କୁ ସୋମବାର କୋର୍ଟଚାଲାଣ କରିଛି ।

ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଏବଂ ଥାନାଧିକାରୀ ଆଶିଷ କୁମାର ସାହୁ ଘଟଣାରେ ଛାନ୍‌ଭିନ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛନ୍ତି । ତେବେ ଗତକାଲି ବିଳମ୍ବିତ ରାତ୍ରିରେ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରି ସ୍ଥାନୀୟ ମହିଳା ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାର ପ୍ରଥମିକ ଚିକିତ୍ସା କରାଇବା ପରେ ଶିଶୁକନ୍ୟା ସମ୍ପୂର୍ଣ୍ଣ ସୁସ୍ଥ ରହିଥିବା ଭାରପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ କହିଥିଲେ । ନାବାଳିକାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ସର୍ଟ ଷ୍ଟେ’ ହୋମରେ ରଖାଯାଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଏଡିଏମ୍‌ଓ ଡ. ମନୋଜ କୁମାର ସେନାପତି ଏବଂ ମାଜିଷ୍ଟ୍ରେଟ୍ ତଥା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ବେଆଇନ ପ୍ରସବସ୍ଥଳ ଲକ୍ଷ୍ମୀ ହସ୍ପିଟାଲରେ ପହଞ୍ଚି ଆନୁଷଙ୍ଗିକ କାଗଜପତ୍ର ଯାଞ୍ଚ କରିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ୧୧ ଜଣ ରୋଗୀ ରହିଥିବା ବେଳେ ଆଉ ନୂଆ ରୋଗୀ ଆଡମିଶନ୍ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ହସ୍ପିଟାଲରେ ବିଭିନ୍ନ ଆବଶ୍ୟକ କାଗଜପତ୍ର ନଥିବା ଦେଖି ଅସନ୍ତୋଷ ପ୍ରକାଶ କରିବା ସହିତ ୨୦ ତାରିଖରେ ଆଉଥରେ ହସ୍ପିଟାଲ ଯାଞ୍ଚ କରିବା ପରେ ହସ୍ପିଟାଲ ସିଲ୍ ହୋଇପାରେ ବୋଲି କହିଥିଲେ ।

ମଙ୍ଗଳବାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ପୋଷ୍ୟ ଟିମ୍‌ର ଷ୍ଟାଫ୍‌ନର୍ସ ଅମିତା ପରିଡ଼ା ଏବଂ ବିନ୍ଦୁସାଗର ସାହୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାକୁ ସାଙ୍ଗରେ ଯାଜପୁର ନେଇଯାଇଥିଲେ । ଶିଶୁକନ୍ୟାକୁ ଚିହ୍ନଟ କରିବାକୁ ଅଭିଯୁକ୍ତ ପଦ୍ମନାଭ ଶତପଥୀଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଜର କରାଯାଇଥିଲା । ନାବାଳିକାର ବେଆଇନ ପ୍ରସବ ଘଟଣାରେ ଆଉ କେଉଁ କେଉଁ ମାନେ ସାମିଲ ଅଛନ୍ତି, ତାର ଅଧିକ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

# ନରସିଂହପୁରରେ ପୁଣି ହାତୀ ମୃତ୍ୟୁ



ନରସିଂହପୁର, ୧୭।୨(ସମିସ): ନରସିଂହପୁର ବନାଞ୍ଚଳରେ ହାତୀ ମୃତ୍ୟୁ ଥମିବାର ନାଁ ନେଉନାହିଁ । ମଙ୍ଗଳବାର ଦିନ ବାରସିଙ୍ଗା ଜଙ୍ଗଲର କମ୍ପାର୍ଟମେଣ୍ଟ-୯ରେ ଚିକିତ୍ସାଧୀନ ଅବସ୍ଥାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ପ୍ରାୟ ୫୦ରୁ ୬୦ବର୍ଷ ବୟସ୍କ ଏହି ହାତୀଟି ଦୀର୍ଘଦିନ ଧରି ଅସୁସ୍ଥ ଥିଲା । ବନ ବିଭାଗ ପକ୍ଷରୁ ଗତ ୭ ତାରିଖରୁ ତଥା ପ୍ରାୟ ୧୦ଦିନ ଧରି ତାର ଚିକିତ୍ସା କରାଯାଉଥିଲେ

**୧୦ ଦିନର ଚିକିତ୍ସା ପରେ ଆଖି ବୁଜିଲା ଅସୁସ୍ଥ ମାଈ ହାତୀ**

ହେଁ ଶେଷରେ ହାତୀଟି ପ୍ରାଣ ହରାଇଛି । ଏହି ଘଟଣା ଏବେ ପରିବେଶବିତ୍ ଓ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି । ବିଶେଷକରି ମାତ୍ର ୨୮ଦିନ ବ୍ୟବଧାନରେ ପଶ୍ଚିମ ବନାଞ୍ଚଳର ବିଭିନ୍ନ ସ୍ଥାନରେ ୩ଟି ହାତୀଙ୍କର ମୃତ୍ୟୁ ହେବା ଘଟଣା ବନ ବିଭାଗର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାରମ୍ବାର ହାତୀ ମୃତ୍ୟୁ ଘଟୁଥିଲେ ମଧ ଏହାର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ବନାଞ୍ଚଳରେ ହାତୀ ବଂଶର ଅସୁରକ୍ଷିତ ଅବସ୍ଥାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଜୋର ଧରିଛି ।

# ପୁଅକୁ ନପାଇ ନିରାଶ ଫେରିଲେ ସାର୍ଥକଙ୍କ ପରିବାର

ଭୁବନେଶ୍ୱର,୧୭।୨(ସମିସ): ମଝି ସମୁଦ୍ରରେ ନିଖୋଜ ହୋଇଯାଇଥିବା ପୁଅ ସାର୍ଥକ ମହାପାତ୍ରଙ୍କୁ ଖୋଜି ନ ପାଇ ନିରାଶ ହୋଇ ଓଡ଼ିଶା ଫେରିଛନ୍ତି ପରିବାର ଲୋକ । ସାର୍ଥକଙ୍କୁ ଖୋଜିବାକୁ ତାଙ୍କ ମା’ ରଶ୍ମିତା ମହାପାତ୍ର ଓ ମାମୁ ସନ୍ତୋଷ ସାହୁ ସିଙ୍ଗାପୁର ଯାଇଥିଲେ । ହେଲେ ସେଠାରୁ ନିରାଶ ହୋଇ ଫେରିବା ପରେ ମଙ୍ଗଳବାର ନିଜର ତିକ୍ତ ଅନୁଭୂତି ବଖାଣିଛନ୍ତି । ଏକମାତ୍ର ପୁଅ ସାର୍ଥକଙ୍କୁ ନପାଇ ରଶ୍ମିତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ଅନ୍ୟପଟେ ଜାହାଜରେ ଖୋଜାଖୋଜି ସମୟରେ ତାଙ୍କ ପୁଅ ନାବୀକ ଭାବେ କାର୍ଯ୍ୟ କରୁଥିବା ଆଙ୍ଗେଲା ଇଷ୍ଟର୍ନ ସିଫି କମ୍ପାନୀ ସହଯୋଗ କଲାନାହିଁ ବୋଲି ସାର୍ଥକଙ୍କ ମା’ ଅଭିଯୋଗ କରିଛନ୍ତି ।

ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମକୁ ସାର୍ଥକଙ୍କ ମାମୁଁ ସନ୍ତୋଷ କହିଛନ୍ତି, ଜାହାଜ କମ୍ପାନୀ ଆମକୁ କୌଣସି ପ୍ରକାର ସହଯୋଗ କଲାନାହିଁ । କର୍ମଚାରୀଙ୍କ ସହ କଥା କରାଇ ଦେଲେନାହିଁ । ଆମେ କଥାହେବାକୁ ଚାହୁଁଥିବା ବେଳେ କମ୍ପାନୀ ପକ୍ଷରୁ ବାରମ୍ବାର ପ୍ରତିରୋଧ କରାଯାଉଥିଲା । ଆମେ ସାର୍ଥକଙ୍କ ବାବଦରେ ପଚାରିବା ବେଳେ ମଧ ପ୍ରତିରୋଧ କରୁଥିଲେ । କେବଳ ସାର୍ଥକଙ୍କ କ୍ୟାବିନକୁ ଯିବାକୁ ଅନୁମତି ଦେଇଥିଲେ । ଜାହାଜର ଅନ୍ୟ କୌଣସି ସ୍ଥାନ ଦେଖିବାକୁ ଆମକୁ ଆଦୌ ଛାଡ଼ିଲେ ନାହିଁ । ମାତ୍ର ୨ ଘଣ୍ଟା ମଧ୍ୟରେ ଆମକୁ ଜାହାଜରୁ ଓହ୍ଲାଇ ଦେଇଥିଲେ । ସେହି ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଆମକୁ ଘେରି ରହୁଥିଲେ । ଡିଜି ସିଫି ଅଧିକାରୀ ସମେତ ଅନ୍ୟମାନେ ଆମକୁ ସହଯୋଗ କରିଥିଲେ । କେବଳ କମ୍ପାନୀ ପକ୍ଷରୁ ଆମକୁ ସହଯୋଗ ମିଳିଲା ନାହିଁ ବୋଲି ସାର୍ଥକଙ୍କ ମାମୁଁ କହିଛନ୍ତି । ଏହି ଘଟଣାରେ ଜାହାଜ କମ୍ପାନୀ ଆମକୁ କିଛି ଲୁଚାଇବାକୁ ଚାହୁଁଥିଲା ବୋଲି ସେ କହିଛନ୍ତି । ତେଣୁ ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରିବାକୁ ତାଙ୍କ ମା’ ଦାବି କରିଛନ୍ତି ।

ତାଙ୍କ ମା’ କହିଛନ୍ତି, ଏତେ ବଡ଼ ଜାହାଜରେ ପୁଅ ସାର୍ଥକକୁ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ବିନା ଖୋଜିବା

**ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟଫିକ୍ ଟିମ୍ ଦ୍ୱାରା ତଦନ୍ତ ଦାବି କଲେ ମା’**

ସମ୍ଭବ ନୁହେଁ । ପୁଅ ପାଇଁ ସମସ୍ତେ ଜଗନ୍ନାଥଙ୍କୁ ଡାକନ୍ତୁ ବୋଲି ସେ ଗଣମାଧ୍ୟମ ଜରିଆରେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି ।

ପୂର୍ବରୁ ଏହି ଘଟଣାକୁ ନେଇ କଳିଙ୍ଗ ନାବିକ କୁଟୁମ୍ବ ସାମ୍ବାଦିକ ସମ୍ମିଳନୀ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲା । ସୂଚନାଥାଉ କି ସାର୍ଥକ ମହାରାଷ୍ଟ୍ରସ୍ଥିତ ଆଙ୍ଗେଲା ଇଷ୍ଟର୍ନ ମାରିଟାଇମ୍ ଆକାଡେମୀରେ ନୋଟିକାଲ ସାଇନ୍ସରେ ଡିପ୍ଲୋମା (ଡିଏନଏସ) କରିଥିଲେ । ପାଠପଢା ସହ ସେ ଆଙ୍ଗେଲା ଇଷ୍ଟର୍ନ ସିଫି କମ୍ପାନୀରେ ଇଣ୍ଟର୍ନସିପ୍ କରୁଥିଲେ । ସାର୍ଥକ ଇଏ ଜର୍ସି ନାମକ ଜାହାଜରେ ଥିଲେ । ଫେବୃଆରୀ ୩ରେ ସାର୍ଥକ ଜାହାଜରୁ ନିଖୋଜ ହୋଇଥିବା ଖବର ମିଳିଥିଲା ।






# ମୁମ୍ବାଇରେ ମୋଦୀ-ମାକ୍ରନ ଭେଟ



ମୁମ୍ବଇ, ୧୭।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ମୁମ୍ବଇରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଭେଟିଛନ୍ତି। ଉଭୟ ନେତା ଏଠାରେ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତି ବିଷୟରେ ସୂଚନା ଦେଇଛନ୍ତି। ମୋଦୀ ଫ୍ରାନ୍ସଙ୍କୁ ସ୍ୱତନ୍ତ୍ର ସହଯୋଗୀ କହିଛନ୍ତି। ଏହି ସହଯୋଗ କୂଟନୀତିଠାରୁ ଊର୍ଦ୍ଧ୍ୱରେ। ମୋଦୀ ଏହାକୁ ଜନତାଙ୍କ ମଧ୍ୟରେ ସହଭାଗିତା ବୋଲି ଉଲ୍ଲେଖ କରିଛନ୍ତି। ଦୁଇ ଦେଶର ବନ୍ଧୁତା ବିଶ୍ୱ ସ୍ଥିରତାକୁ ବଳ ଦେବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଏବଂ ଫ୍ରାନ୍ସ ମାଉଣ୍ଟ ଏଭେରେଷ୍ଟ ପର୍ଯ୍ୟନ୍ତ ଉଡ଼ାଣ କରିପାରୁଥିବା ହେଲିକପ୍ଟର ନିର୍ମାଣ କରିବେ। ଦୁଇ ଦେଶ ପାରସ୍ପରିକ ସମ୍ବନ୍ଧକୁ 'ସ୍ପେସିଆଲ ଗ୍ଲୋବାଲ ଷ୍ଟ୍ରାଟେଜିକ ପାର୍ଟନରସିପ' ସ୍ତର ପର୍ଯ୍ୟନ୍ତ ଅପଗ୍ରେଡ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ଦୁଇ ଦେଶ କେବଳ ବ୍ୟାପାର କିମ୍ବା ଅସ୍ତ୍ରଶସ୍ତ୍ର କ୍ରୟ-ବିକ୍ରୟରେ ସୀମିତ ନ ରହି ସୁରକ୍ଷା, ଜ୍ଞାନକୌଶଳ, ମହାକାଶ, ସାମୁଦ୍ରିକ ସୁରକ୍ଷା ଏବଂ ବଡ଼ ବୈଶ୍ୱିକ ପ୍ରସଙ୍ଗରେ ଏକାଠି କାମ କରିବେ। ଏହା ପୂର୍ବରୁ ଦେଇ ଦେଶର ସମ୍ବନ୍ଧ 'ଷ୍ଟ୍ରାଟେଜିକ ପାର୍ଟନରସିପ' ସ୍ତରର ଥିଲା। ଏହା ୧୯୯୮ରୁ ଆରମ୍ଭ ହୋଇଥିଲା।

- ଫ୍ରାନ୍ସକୁ ସ୍ୱତନ୍ତ୍ର ସହଯୋଗୀ କହିଲେ ପ୍ରଧାନମନ୍ତ୍ରୀ
- ଏଭରେଷ୍ଟ ପର୍ଯ୍ୟନ୍ତ ଉଡୁଥିବା ହେଲିକପ୍ଟର ନିର୍ମାଣ
- ଭରସା ଥିବାରୁ ଜ୍ଞାନକୌଶଳ ଦେଉଛୁ: ମାକ୍ରନ
- ନେତୃତ୍ୱ ନେଉଥିବା ଦେଶ ପାଲଟି ଯାଇଛି ଭାରତ

ମୋଦୀଙ୍କ ପରେ ମାକ୍ରନ 'ଇଣ୍ଡିଆ-ଫ୍ରାନ୍ସ ଇନୋଭେସନ ଫୋରମ'କୁ ସମ୍ବୋଧନ କରିଥିଲେ। ସେ କହିଥିଲେ ବିଶ୍ୱର ଅନେକ ବଡ଼ ବଡ଼ କମ୍ପାନୀର ସିଇଓ ଭାରତୀୟ। ଆଲଫାବେଟ, ମାଇକ୍ରୋସଫ୍ଟ, ଆଇବିଏମ, ଏଡୋବ ଏବଂ ପାଲୋ ଆଲଟୋ ନେଟୱର୍କ୍ସର ସିଇଓ ଭାରତୀୟ। ଏବେ ଭାରତ ନେତୃତ୍ୱ ନେଉଥିବା ଦେଶ ପାଲଟିଛି। ଭାରତ ଉପରେ ବିଶ୍ୱାସ ଅଛି ସେଥିପାଇଁ ଜ୍ଞାନକୌଶଳ ହସ୍ତାନ୍ତର ନିଷ୍ପତ୍ତି ନେଇଛୁ। ଏହା ପୂର୍ବରୁ ମୋଦୀ ଏବଂ ମାକ୍ରନ ଭାରତର ପ୍ରଥମ ଘରୋଇ ହେଲିକପ୍ଟର ଉତ୍ପାଦନ କେନ୍ଦ୍ରକୁ ଅନଲାଇନରେ ଉଦ୍‌ଘାଟନ କରିଥିଲେ। କର୍ଣ୍ଣାଟକ ବେମଗଲରେ ଥିବା ଟାଟା-ଏୟାରବସର ଏହି ପ୍ଲାଣ୍ଟରେ ଏଚ୧୨୫ ଲାଇଟ ୟୁଟିଲିଟି ହେଲିକପ୍ଟର ନିର୍ମାଣ କରାଯିବ। ଉଭୟ ନେତା ହୋରିଜନ-୨୦୪୭ ର ମଧ୍ୟ ସମୀକ୍ଷା କରିଥିଲେ। ମିଳିତ ଭାବେ ହାମର ପ୍ରିସିସନ ଗାଇଡେଡ ମିସାଇଲ ଏବଂ ୧୧୪ ରାଫେଲ ପରି ସାମରିକ ଉପକରଣର ନିର୍ମାଣକୁ ଗୁରୁତ୍ୱ ଦେଇଥିଲେ। ଏଚ-୧୨୫ ହେଲିକପ୍ଟର ଆସେମ୍ବ୍ଲି କେନ୍ଦ୍ର ଉଦ୍‌ଘାଟନକୁ ମୋଦୀ 'ମେକ ଇନ ଇଣ୍ଡିଆ, ମେକ ଫର ୱାର୍ଲ୍ଡ' କହିଥିଲେ। ସେହିପରି ଗ୍ଲୋବାଲ ସାଉଥ ପାଇଁ ସୁରକ୍ଷିତ, ନିରାପଦ ଏବଂ ଉପକାରୀ ସୋଭରେନ ଏଆଇ ପ୍ରସ୍ତୁତ ଲାଗି ମୋଦୀ ଆହ୍ୱାନ ଦେଇଥିଲେ।

# ବାଂଲାଦେଶରେ ତାରିକ ଯୁଗ

## ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ରହେମାନ



ଢାକା, ୧୭।୨ (ଏଜେନ୍ସି): ବାଂଲାଦେଶରେ ତାରିକ ରହେମାନ ଯୁଗ ଆରମ୍ଭ ହୋଇଛି। ବିଏନ୍‌ପି ଅଧ୍ୟକ୍ଷ ତାରିକ ଆଜି ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସଂସଦ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମହମ୍ମଦ ଶହାବୁଦ୍ଦିନ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତ ପକ୍ଷରୁ ବାଚସ୍ପତି ଓମ୍ ବିର୍ଲା ସାମିଲ ହୋଇଥିଲେ। ପ୍ରଥମ ଥର ପାଇଁ ତାରିକ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ଦ୍ୱିପହରେ ବିଏନ୍‌ପି ସାଂସଦମାନେ ତାଙ୍କୁ ସଂସଦୀୟ ଦଳ ନେତା ନିର୍ବାଚିତ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆ ଏବଂ ପୂର୍ବତନ ରାଷ୍ଟ୍ରପତି ଜିଆଉର ରହେମାନଙ୍କ ପୁଅ ତାରିକ ୧୭ ବର୍ଷ ପରେ ଲଣ୍ଡନରୁ ବାଂଲାଦେଶ ଫେରି ବିଏନ୍‌ପିର ନେତୃତ୍ୱ ନେଇଥିଲେ।

ରହେମାନଙ୍କ ବ୍ୟତୀତ ୨୫ କ୍ୟାବିନେଟ ମନ୍ତ୍ରୀ ଏବଂ ୨୪ ରାଷ୍ଟ୍ରମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ହିନ୍ଦୁ ମନ୍ତ୍ରୀ ନିତାଇ ରାୟ ଚୌଧୁରୀ ଏବଂ ବୌଦ୍ଧ ସମ୍ପ୍ରଦାୟର ମନ୍ତ୍ରୀ ଦୀପେନ ଦେୱାନ ଚକମା ସାମିଲ ଅଛନ୍ତି। କ୍ୟାବିନେଟର ୨୫ ସଦସ୍ୟଙ୍କ ମଧ୍ୟରେ ୧୭ ଜଣ ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଛନ୍ତି। ସବୁ ନୂଆ ମୁହଁଙ୍କୁ ମଧ୍ୟ ରାଷ୍ଟ୍ରମନ୍ତ୍ରୀ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଗୁରୁବାର ହୋଇଥିବା ସାଧାରଣ ନିର୍ବାଚନରେ ବିଏନପି ୨୯୯ରୁ ୨୦୯ ଆସନ ଜିତି ବହୁମତ ହାସଲ କରିଥିଲା। ଆଉ ତିନୋଟି ସିଟ୍‌ରେ ବିଏନପିର ସହଯୋଗୀ ବିଜୟୀ ହୋଇଥିଲେ।

ଶପଥଗ୍ରହଣ ପରେ ଲୋକସଭା ବାଚସ୍ପତି ଓମ ବିର୍ଲା ପ୍ରଧାନମନ୍ତ୍ରୀ ରହେମାନଙ୍କୁ ଭେଟିଛନ୍ତି। ନୂଆ ସରକାର ଗଠନ ପାଇଁ ସେ ଭାରତ ପକ୍ଷରୁ ଶୁଭକାମନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଠାଇଥିବା ଶୁଭେଚ୍ଛା ପତ୍ର ପ୍ରଦାନ କରିବା ସହିତ ଭାରତ ଆସିବାକୁ ଆମନ୍ତ୍ରଣ କରିଛନ୍ତି। ଭାରତରେ ବାଂଲାଦେଶ ଉଚ୍ଚାୟୁକ୍ତ ରିୟାଜ ହାମିଦୁଲ୍ଲାହ କହିଛନ୍ତି ଯେ ଭାରତ ଏବଂ ବାଂଲାଦେଶ ଏକାଠି ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ କାମ କରିବେ ବୋଲି ଉଭୟ ନେତା ଭରସା ପ୍ରକଟ କରିଛନ୍ତି। ଉଭୟ ପକ୍ଷ ପାରସ୍ପରିକ ସହଯୋଗ ବୃଦ୍ଧି, ସମ୍ପର୍କ ସୁଧାରି ଅଧିକ ମଜବୁତ କରିବାକୁ ମଧ୍ୟ କହିଛନ୍ତି।



- ଜଣେ ହିନ୍ଦୁ ଓ ବୌଦ୍ଧଙ୍କ ସମେତ ୪୯ ହେଲେ ମନ୍ତ୍ରୀ
- ରହେମାନଙ୍କୁ ଭେଟିଲେ ବାଚସ୍ପତି ଓମ ବିର୍ଲା
- ଭାରତ ଆସିବାକୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ

ଏହା ମଧ୍ୟରେ ସମ୍ବିଧାନ ପରିବର୍ତ୍ତନକୁ ନେଇ ବାଂଲାଦେଶରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଯାଇଛି। ଗତ ୧୨ ତାରିଖରେ ହୋଇଥିବା ନିର୍ବାଚନରେ ମତଦାନ ସହିତ 'ଜୁଲାଇ ଚାର୍ଟର'କୁ ନେଇ ଜନମତ ସଂଗ୍ରହ କରାଯାଇଥିଲା। ଏଥିରେ ୬୨ ପ୍ରତିଶତ ଲୋକ ସପକ୍ଷରେ ମତ ଦେଇଥିଲେ। ଜୁଲାଇ ଚାର୍ଟର ଅନୁଯାୟୀ, ୧୮୦ ଦିନ ପାଇଁ ନୂଆ ସଂସଦ ସମ୍ବିଧାନ ସଭା ଭଳି କାମ କରିବ। ଏହି ଅବଧିରେ ସମ୍ବିଧାନ ଏବଂ ଗଣତାନ୍ତ୍ରିକ ସଂସ୍ଥାରେ ପରିବର୍ତ୍ତନ କରାଯାଇଥାଏ। ଦେଶରେ ଏକଛତ୍ରବାଦ ଶେଷ କରି ସନ୍ତୁଳନ ବଜାୟ ରଖିବା ଏହାର ଉଦ୍ଦେଶ୍ୟ। ଏଥିରେ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ହ୍ରାସ ପାଇ ରାଷ୍ଟ୍ରପତିଙ୍କୁ ଅଧିକାର ଦିଆଯାଇଥାଏ। ବିଏନପି ନେତା ଜୁଲାଇ ଚାର୍ଟରେ ସ୍ୱାକ୍ଷର କରିଥିଲେ ବି ଦଳୀୟ ନେତା ଏହା ଉପରେ ଆପତ୍ତି ଉଠାଇଛନ୍ତି। ଚାର୍ଟର ପ୍ରସ୍ତୁତ କରିବା ସମୟରେ ଦଳଠାରୁ ପରାମର୍ଶ ନିଆଯାଇ ନ ଥିଲା ବୋଲି ବିଏନପି ନେତା କହିଛନ୍ତି। ଦଳର କୌଣସି ସଦସ୍ୟ ଏହି ପରିଷଦର ସଦସ୍ୟ ଭାବେ ଶପଥ ନେବେ ନାହିଁ ବୋଲି ବିଏନପି ସାଂସଦ ସଲାହୁଦ୍ଦିନ ଅହମ୍ମଦ କହିଛନ୍ତି। ସଂସଦ ସଦସ୍ୟ କେବଳ ସଂସଦ ପାଇଁ ନିର୍ବାଚିତ ହୋଇଛନ୍ତି, ସାମ୍ବିଧାନିକ ସୁଧାର ପରିଷଦ ପାଇଁ ନୁହେଁ ବୋଲି ସେ କହିଛନ୍ତି।

# ୟୁଏଇ ସାମ୍ନାରେ ଆଣ୍ଠେଇଲା ପାକିସ୍ତାନ

ଇସଲାମାବାଦ, ୧୭।୨ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ସାମନାରେ ପାକିସ୍ତାନ ଆଣ୍ଠୁ ମାଡ଼ି ବସି ପଡ଼ିଛି। ନିଜ ଭୁଲ ପାଇଁ ୟୁଏଇକୁ କ୍ଷମା ମାଗିଛନ୍ତି ପାକିସ୍ତାନ ସେନାମୁଖ୍ୟ ଆସୀମ ମୁନୀର। ସାଉଦି ଆରବ ସହ ଇସଲାମାବାଦ ଘନିଷ୍ଠତା ବଢ଼ାଇବା ଯୋଗୁଁ ଏପରି ହୋଇଛି। କିଛି ଦିନ ତଳେ ପାକିସ୍ତାନ ଏବଂ ସାଉଦି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହା ଅଧିନରେ ଜଣଙ୍କ ଉପରେ ଆକ୍ରମଣକୁ ପରସ୍ପର ସହ ହୋଇଥିବା ଧରାଯିବ ବୋଲି ଉଲ୍ଲେଖ ରହିଥିଲା। ଏହାକୁ ନେଇ ୟୁଏଇ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା। ଋଣ ଆକାରରେ ପାକିସ୍ତାନକୁ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲା। ଏହା ପରେ ପାକିସ୍ତାନ ଅବସ୍ଥା ଢିଲା ହୋଇ ଯାଇଥିଲା। ଏବେ ପାକିସ୍ତାନ ଅର୍ଥନୀତି ଋଣ ଭରସାରେ ଚାଲିଛି। ଏଭଳି ସ୍ଥିତିରେ ଋଣ ଅର୍ଥ ପୈଠ କରିବା ପାକିସ୍ତାନ ପାଇଁ କଷ୍ଟସାଧ ହୋଇ ଯାଇଥିଲା। ତେଣୁ ୟୁଏଇକୁ କ୍ଷୁବ୍ଧ କରିବାକୁ ପାକିସ୍ତାନ ଚାହୁଁ ନ ଥିଲା। ଆଉ କୌଣସି ଉପାୟ ନ ପାଇ ଶେଷରେ ୟୁଏଇକୁ ବୁଝାଇବା ପାଇଁ ସେନାମୁଖ୍ୟଙ୍କୁ ପଠାଇ ଦିଆଯାଇଥିଲା।

ପାକିସ୍ତାନୀ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆସୀମ ମୁନୀର ଆବୁଧାବିର ଉପ-ଶାସକ ତଥା ଜାତୀୟ ସୁରକ୍ଷା ପରାମର୍ଶଦାତା ଶେଖ ତହନୌନ ବିନ୍ ଜାଏଦ ଅଲ ନାହୟାନଙ୍କୁ ଭେଟିଥିଲେ। ମୁନୀର କହିଥିଲେ ଯେ ୟୁଏଇର ସୁରକ୍ଷା ଏବଂ ସ୍ଥିରତା ପାକିସ୍ତାନର ସୁରକ୍ଷା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଉଭୟ ଆର୍ଥିକ ସହଯୋଗ, ନିବେଶ ଏବଂ ସୁରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଆଲୋଚନା କରିଥିଲେ। ସେ ପାକିସ୍ତାନରେ ଆର୍ଥିକ ଏବଂ ସାମାଜିକ ବିକାଶକୁ ଆଗକୁ ବଢ଼ାଇବାରେ ୟୁଏଇ ନେତୃତ୍ୱର ଭୂମିକାକୁ ପ୍ରଶଂସା କରିଥିଲେ। ଗତ ସପ୍ତାହରେ ଇସାକ ଡାର ୟୁଏଇକୁ ଋଣ ଅବଧି ବଢ଼ାଇବାକୁ ଅନୁରୋଧ କରିଥିଲେ। ଏହି ଆଧାରରେ ପାକିସ୍ତାନକୁ ୨ ବିଲିୟନ ଡଲାର ଋଣ ସୁଝିବା ପାଇଁ ଆଉ ୬୦ ଦିନ ଅଧିକ ସମୟ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ୟୁଏଇକୁ ସମର୍ଥନ ଦେବା ପରେ ପାକିସ୍ତାନ ଏବଂ ୟୁଏଇ ମଧ୍ୟରେ ଉତ୍ତେଜନା ବଢ଼ି ଯାଇଥିଲା। ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ଜାୟଦ ବିନ ଅଲ ନାହୟାନକୁ ମନାଇବା ପାଇଁ ଗତ ସପ୍ତାହରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ତାଙ୍କୁ ଫୋନ କରିଥିଲେ। ଏହାପରେ ଆସୀମ ମୁନୀରଙ୍କୁ ପଠାଯାଇଥିଲା।

# ଭାରତ ସୀମା ନିକଟରେ ଚୀନ୍‌ର ପରମାଣୁ ଭଣ୍ଡାର

ବେଜିଂ, ୧୭।୨ (ଏଜେନ୍ସି): ଅରୁଣାଚଳ ପ୍ରଦେଶରୁ ମାତ୍ର ୮୦୦ କିମି ଦୂରରେ ଚୀନ୍ ନିଜର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ଦ୍ରୁତଗତିରେ ବିକଶିତ କରିବାରେ ଲାଗିଛି। ଏହା ଚୀନ୍‌ର ସିଚୁଆନ ପ୍ରଦେଶର ପାହାଡ଼ିଆ ଅଞ୍ଚଳରେ ରହିଛି। ଜିଟୋଙ୍ଗ ଏବଂ ପିଙ୍ଗଟୋଙ୍ଗ ଭଳି ଗୁପ୍ତ ସୁବିଧା କେନ୍ଦ୍ରର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଉପଗ୍ରହ ଚିତ୍ରରୁ ଏହା



ସ୍ପଷ୍ଟ ହେଉଛି। ଏହା ଚୀନ୍‌ର ପରମାଣୁ ବିକାଶ କାର୍ଯ୍ୟକ୍ରମର ଅଗ୍ରଗତିକୁ ଦର୍ଶାଉଛି। ଏହି ଦେଶ ପରମାଣୁ ଅସ୍ତ୍ରଶସ୍ତ୍ରରେ ବିଶ୍ୱର ତୃତୀୟ ସ୍ଥାନରେ ରହିଛି। ଭାରତର ପଡୋଶୀ ହୋଇଥିବାରୁ ଏବଂ ଭାରତ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିବାରୁ ଏଭଳି ଖବର ଚିନ୍ତା ବୃଦ୍ଧି କରିଛି। ରିପୋର୍ଟ ଅନୁଯାୟୀ, ରୁଷ ଏବଂ ଆମେରିକା ପରେ ଚୀନ୍ ଦ୍ରୁତଗତିରେ ପରମାଣୁ ଅସ୍ତ୍ରଶସ୍ତ୍ରର ବିକାଶ କରୁଛି। ଏହା ଦ୍ୱାର ବିଶ୍ୱର ପରମାଣୁ ସନ୍ତୁଳନ ଉପରେ ଗଭୀର ପ୍ରଭାବ ପଡୁଛି। ଏବେ ରୁଷ ପାଖରେ ୫୪୦୦, ଆମେରିକା ପାଖରେ ୫୧୦୦-୫୨୦୦ ପରମାଣୁ ଅସ୍ତ୍ରଶସ୍ତ୍ର ରହିଛି। ୨୦୩୦ ସୁଦ୍ଧା ଚୀନ୍ ହଜାରେରୁ ଅଧିକ ପରମାଣୁ ଅସ୍ତ୍ରଶସ୍ତ୍ର ଲକ୍ଷ୍ୟ ହାସଲ ଦିଗରେ ଦ୍ରୁତଗତିରେ କାର୍ଯ୍ୟ କରୁଛି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ, ଦକ୍ଷିଣ ପଶ୍ଚିମ ଚୀନ୍‌ର ସିଚୁଆନ ପ୍ରଦେଶ ସ୍ଥିତ ପାହାଡ଼ରେ ଗୁପ୍ତ ପରମାଣୁ ସୁବିଧା କେନ୍ଦ୍ର ରହିଛି। ଉପଗ୍ରହ ଚିତ୍ରରୁ ଏହାର ସମ୍ପ୍ରସାରଣ ଏବଂ ଉନ୍ନୟନ କାର୍ଯ୍ୟ ସ୍ପଷ୍ଟ ଦିଶୁଛି। ହଜାର ହଜାର ବୈଜ୍ଞାନିକ, ଇଞ୍ଜିନିୟର ଏବଂ ଶ୍ରମିକମାନେ ପାହାଡ଼ର ଆଭ୍ୟନ୍ତରୀଣ କ୍ଷେତ୍ରରେ ଏକ ଅନ୍ତରୀଣ ପରମାଣୁ ସାମ୍ରାଜ୍ୟ ନିର୍ମାଣ କରିଥିଲେ। ମାତ୍ର ୧୯୮୦ରେ ଉତ୍ତେଜନା ହ୍ରାସ ହେବା ଦ୍ୱାରା ଅନେକ ପରୀକ୍ଷାଗାରର ଆକାର ହ୍ରାସ କିମ୍ବା ବନ୍ଦ କରି ଦିଆଯାଇଥିଲା। ଏ ସବୁରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ମିୟାନୟାଙ୍ଗ ସ୍ଥିତ ନୂଆ ପରୀକ୍ଷଣ କେନ୍ଦ୍ରକୁ ସ୍ଥାନାନ୍ତର କରିଦିଆଯାଇଥିଲା। ତେବେ ଗତ ଦୁଇ ବର୍ଷ ହେଲା ସ୍ଥିତି ବଦଳି ଯାଇଛି। ଭୌଗଳିକ ଗୁଇନ୍ଦା ବିଶେଷଜ୍ଞ ରେନି ବାବିୟାରଜ କହିଛନ୍ତି ଯେ ୨୦୧୯ରୁ ଚୀନ୍‌ର ପରମାଣୁ କାର୍ଯ୍ୟକ୍ରମ ଦ୍ରୁତ ହେବାରେ ଲାଗିଛି। ବିଶ୍ୱ ମହାଶକ୍ତି ହେବା ପାଇଁ ଚୀନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛି। ପରମାଣୁ ଅସ୍ତ୍ରଶସ୍ତ୍ର ହାସଲ ଏହି ଲକ୍ଷ୍ୟର ମୂଳରେ ରହିଛି।

# ଭାଷଣ ପୂର୍ବରୁ ଚିନ୍ତାଧାରା ସୁଧାରନ୍ତୁ ନେତା: ସୁପ୍ରିମକୋର୍ଟ



## ଦେଶରେ ଭାଇଚାରାକୁ ପ୍ରୋତ୍ସାହନ ଦେବା ଉଚିତ

ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି): 'ଘୃଣ୍ୟ ମନ୍ତବ୍ୟ' ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଦେଇଛନ୍ତି। ନେତା ଏବଂ ବଡ଼ ସାମ୍ବିଧାନିକ ପଦରେ ବସିଥିବା ଅଧିକାରୀ ଦେଶରେ ଭାଇଚାରା ବଢାଇବା ଆବଶ୍ୟକ ବୋଲି କହିଛନ୍ତି। ସମ୍ବିଧାନର ମୂଲ୍ୟବୋଧ ହିସାବରେ ବ୍ୟବହାର ଏବଂ ମନ୍ତବ୍ୟ ଦେବାକୁ ସୁପ୍ରିମକୋର୍ଟ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ନେତାଙ୍କୁ ଦେଶରେ ଭାଇଚାରା ବଢ଼ାଇବାକୁ ହେବ। ଘୃଣାପୂର୍ଣ୍ଣ ଭାଷଣକୁ ରୋକିବା ପୂର୍ବରୁ ପ୍ରଥମେ ନେତାଙ୍କୁ ନିଜ ଚିନ୍ତାଧାରା ସୁଧାରିବାର ଆବଶ୍ୟକତା ରହିଛି। କାରଣ ଭାଷଣ ପୂର୍ବରୁ ବିଚାର ଆସିଥାଏ। ସିଜେଆଇ ସବୁ ରାଜନୈତିକ ଦଳକୁ ନିବେଦନ ମଧ୍ୟ କରିଛନ୍ତି। ସାମ୍ବିଧାନିକ ନୈତିକତା, ମୂଲ୍ୟବୋଧ, ପାରସ୍ପରିକ ସମ୍ମାନ ଏବଂ ଆତ୍ମସମ୍ମାନର ସିଦ୍ଧାନ୍ତ ପାଳନ କରିବାକୁ କହିଛନ୍ତି। ଆଦର୍ଶଗତ ନୀତିରେ ନିର୍ବାଚନ ଲଢ଼ିବା ଠିକ, ମାତ୍ର ପରସ୍ପରକୁ ସମ୍ମାନ କରିବା ମଧ୍ୟ ଆବଶ୍ୟକ। ନେତାଙ୍କଠାରୁ ଏଭଳି ବ୍ୟବହାରର ଆଶା କରାଯାଇ ନ ପାରେ। ବିବିଧତାପୂର୍ଣ୍ଣ ଦେଶରେ ସାମାଜିକ ଏକତା ଗଣତନ୍ତ୍ରର ମୂଳଦୁଆ। ଏଥିପାଇଁ ନେତା ସାର୍ବଜନୀନ ଜୀବନରେ ସଂଯମତା ଏବଂ ଦାୟିତ୍ୱ ନିର୍ବାହ କରିବା ଜରୁରୀ।

୯ ଜଣ ବ୍ୟକ୍ତି ଦାଏର କରିଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଏହି ଆବେଦନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଭାଷା ଏବଂ ତାଙ୍କ ଭିଡିଓର ଉଲ୍ଲେଖ କରା ଯାଇଥିଲା। ଏଭଳି ଘୃଣାପୂର୍ଣ୍ଣ ମନ୍ତବ୍ୟକୁ ରୋକିବା ପାଇଁ ମାର୍ଗଦର୍ଶିକା ଆଣିବାକୁ ଦାବି କରାଯାଇଥିଲା। ଆଜି ଶୁଣାଣି ସମୟରେ ସୁପ୍ରିମକୋର୍ଟ ଆବେଦନ ଉପରେ ଆପତ୍ତି ଉଠାଇ ଥିଲେ। ସିଜେଆଇ କହିଥିଲେ ଯେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଏଭଳି ସମୟରେ ଏହି ଆବେଦନ ଦାଏର କରାଯାଇଛି। ଏହାକୁ ପ୍ରତ୍ୟାହାର କରି ନୂଆ ଆବେଦନ ଦାଏର କରାଯାଉ। ଏଥିରେ ସବୁ ରାଜନୈତିକ ଦଳଙ୍କ ବିଷୟରେ ଉଲ୍ଲେଖ ରହିବା ଉଚିତ। ଆବେଦନକାରୀଙ୍କୁ କୋର୍ଟ ସମ୍ମାନ କରୁଛନ୍ତି। ସେ ଉଠାଇଥିବା ପ୍ରସଙ୍ଗକୁ ମଧ୍ୟ ଗମ୍ଭୀରତାର ସହ ନେଉଛନ୍ତି। ମାତ୍ର ଏହା କୌଣସି ନିର୍ଦ୍ଦିଷ୍ଟ ଦଳ କିମ୍ବା ବ୍ୟକ୍ତି ବିଷୟରେ ନ ହେବା ଉଚିତ। ସେହିପରି ଜଷ୍ଟିସ ନାଗରତ୍ନା କହିଥିଲେ ଯେ ରାଜନୈତିକ ଦଳଙ୍କୁ ଦେଶରେ ଭାଇଚାରା ବଢାଇବାକୁ ହେବ।

# ପାକିସ୍ତାନ ସରକାରଙ୍କୁ ୧୪ ପୂର୍ବତନ ଅଧିନାୟକଙ୍କ ଚିଠି



ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି): ଜେଲ୍‌ରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କ୍ରିକେଟ ଇମ୍ରାନ ଖାନ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଛି। ଜେଲ୍ ଭିତରେ ରହି ସେ ଗୋଟିଏ ଆଖିର ୮୫ ପ୍ରତିଶତ ଦୃଶ୍ୟମାନ କ୍ଷମତା ହରାଇ ଦେଲେଣି। ଏହାକୁ ନେଇ ୫ ଦେଶର ୧୪ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଟିମ୍‌ର ଅଧିନାୟକ ଚିନ୍ତା ପ୍ରକାଟ କରିଛନ୍ତି। ସେମାନେ ପାକିସ୍ତାନ ସରକାରଙ୍କୁ ଚିଠି ଲେଖି ଇମ୍ରାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବା ଲାଗି ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୩ ଅଗଷ୍ଟରୁ ୭୩ ବର୍ଷୀୟ ଇମ୍ରାନ ଜେଲ୍‌ରେ ଅଛନ୍ତି। ତାଙ୍କୁ ସେଠାରେ ମୌଳିକ ସୁବିଧାସୁଯୋଗ ମଧ୍ୟ ଦିଆଯାଉ ନାହିଁ। ପାକିସ୍ତାନ ସରକାରଙ୍କୁ ଲେଖିଥିବା ଚିଠିରେ ସୁନୀଲ ଗାଭାସ୍କର, କପିଲ ଦେବ, ଗ୍ରେଗ୍ ଚାପେଲ୍, ବେଲିଣ୍ଡା କ୍ଲାର୍କ, ମାଇକେଲ୍ ଆଥରଟନ୍, ନାସେର ହୁସେନ୍, ଇଆନ୍ ଚାପେଲ୍, ଆଲାନ୍ ବର୍ଡର, ମାଇକେଲ୍ ବ୍ରେଆର୍ଲି, ଡେଭିଡ୍ ଗାୱର୍, କିମ୍ ହ୍ୟୁଗ୍ସ, କ୍ଲାଇଭ୍ ଲଏଡ୍, ଷ୍ଟିଭ୍ ୱ ଏବଂ ଜନ୍ ରାଇଟ୍ ସ୍ୱାକ୍ଷର କରିଛନ୍ତି। ଇମ୍ରାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ଏମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଅନୁରୋଧ କରିଛନ୍ତି। ମାତ୍ର କୌଣସି ପୂର୍ବତନ ପାକିସ୍ତାନ ଅଧିନାୟକ ଏହି ଚିଠିରେ ସ୍ୱାକ୍ଷର କରିନାହାଁନ୍ତି। ଗତ ସପ୍ତାହରେ ୱାସିମ୍ ଆକ୍ରମ, ୱାକାର ୟୁନିସ୍ ଏବଂ ଶାହିଦ୍ ଆଫ୍ରିଦିଙ୍କ ସମେତ ଅନେକ ପୂର୍ବତନ ପାକିସ୍ତାନୀ କ୍ରିକେଟର ସାମାଜିକ ଗଣମାଧ୍ୟମରେ ଇମ୍ରାନଙ୍କ ଉପଯୁକ୍ତ ଚିକିତ୍ସା ଦାବି କରିଥିଲେ। ସୂଚନାଯୋଗ୍ୟ ଯେ ଇମ୍ରାନ୍ ଖାନ ୧୯୯୨ ମସିହାରେ ବିଶ୍ୱକପ୍ ଜିତିଥିବା ପାକିସ୍ତାନୀ ଦଳର ଅଧିନାୟକ ଥିଲେ।

# ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନୀ ମାମଲା ରଦ୍ଦ

ବେଙ୍ଗାଲୁରୁ, ୧୭।୨ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ ମାନହାନୀ ମାମଲାକୁ କର୍ଣ୍ଣାଟକ ହାଇକୋର୍ଟ ମଙ୍ଗଳବାର ରଦ୍ଦ କରିଦେଇଛନ୍ତି। ମାମଲା ଆଗକୁ ବଢିଲେ ଆଇନଗତ ପ୍ରକ୍ରିୟାର ଅପବ୍ୟବହାର ହେବ ବୋଲି ଏକକ ଖଣ୍ଡପୀଠ କହିଥିଲେ। ଏହି ମାମଲା ୨୦୨୩ ବିଧାନସଭା ନିର୍ବାଚନ ପୂର୍ବରେ। ସେତେବେଳେ କଂଗ୍ରେସ ଏକ ବିଜ୍ଞାପନ ଜାରି କରି '୪୦ ପ୍ରତିଶତ କମିଶନର ସରକାର' ବୋଲି ଲେଖିଥିଲା। 'ଦୁର୍ନୀତି ରେଟ କାର୍ଡ' ବିଶିଷ୍ଟ ଏହି ବିଜ୍ଞାପନକୁ ରାହୁଲ ଗାନ୍ଧୀ ନିଜ ସାମାଜିକ ଗଣମାଧ୍ୟମ ସାଇଟରେ ସେୟାର କରିଥିଲେ। ବିଜେପି ନେତା କେଶବ ପ୍ରସାଦ ଏହାକୁ ନେଇ ରାହୁଲ ଗାନ୍ଧୀ, ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏହି ମାମଲାରେ କର୍ଣ୍ଣାଟକ ଅଦାଲତ ସିଦ୍ଧରମେୟା, ଶିବକୁମାର ଏବଂ ରାହୁଲଙ୍କୁ ସମନ ଜାରି କରିଥିଲେ। ଜାମିନ ପରେ ରାହୁଲ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ।

ଭାଲେଣ୍ଟାଇନ ଡିନର ପରେ..

# ସ୍ତ୍ରୀକୁ ଗଳାକାଟି ହତ୍ୟା କଲେ ସିଏ ସ୍ୱାମୀ

ଚଣ୍ଡିଗଡ଼, ୧୭।୨ (ଏଜେନ୍ସି): ସ୍ତ୍ରୀ ସହ ପ୍ରେମ ଦିବସ ପାଳନ କଲେ। ଦିନ ଯାକ ବୁଲାବୁଲି କରି ଭାଲେଣ୍ଟାଇନ ଡେ' ମନାଇ ଥିଲେ। ମାତ୍ର ରାତ୍ରୀ ଭୋଜନ ପରେ ସବୁ କିଛି ବଦଳି ଯାଇଥିଲା। ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ସ୍ୱାମୀ ପ୍ରେମକୁ ଭୁଲି ଅତି ନିଷ୍ଠୁର ଭାବେ ସ୍ତ୍ରୀର ଗଳା କାଟି ହତ୍ୟା କରିଥିଲା । ପରେ ମାମଲାରୁ ବର୍ତ୍ତିବା ପାଇଁ ମିଛ କାହାଣୀ ଗଢ଼ିଥିଲା। ନିଜେ ପୁଲିସକୁ ଫୋନ କରି ଚୋରି କରିବାକୁ ଆସିଥିବା ଚୋର ସ୍ତ୍ରୀକୁ ହତ୍ୟା କରିଥିବା କହିଥିଲା। ମାତ୍ର ବାରମ୍ବାର ବୟାନ ବଦଳାଉଥିବାରୁ ସ୍ୱାମୀ ଉପରେ ପୁଲିସର ସନ୍ଦେହ ବଢ଼ି ଥିଲା। ମାତ୍ର ୧୮ ଘଣ୍ଟା ଭିତରେ ଝଜର ପୁଲିସ ମାମଲାର ସମାଧାନ କରିଥିଲା। ସ୍ୱାମୀକୁ ଗିରଫ କରିଥିଲା। ହରିୟାଣା ବାହାଦୂରଗଡ଼ର ଏଭଳି ଘଟିଥିଲା। ସୂଚନା ଅନୁଯାୟୀ, ସ୍ତ୍ରୀ ମହକ ଗୁରୁଗ୍ରାମ ସ୍ଥିତ ଏଚଡିଏଫସି ବ୍ୟାଙ୍କରେ ଚାକିରି କରିଥିଲେ। ମାତ୍ର ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ସିଏ ଅଂଶୁଲ ଧାୱ ନତାଙ୍କୁ ହତ୍ୟା କରିଥିଲେ। ପୁଲିସ ଗତ ବର୍ଷ ସେପ୍ଟେମ୍ବର ୨୫ରେ ଉଭୟଙ୍କ ବିବାହ ହୋଇଥିଲା।

# ହସ୍ପିଟାଲରେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ମୋହାଲି, ୧୭।୨ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ ହତ୍ୟା ଧମକ ଦିଆଯାଇଛି। ଖଲିସ୍ତାନ ସଂଗଠନ 'ଖଲିସ୍ତାନ ନ୍ୟାସନାଲ ଆର୍ମୀ ତଥା କେଏନଏ' ପ୍ରଶାସନକୁ ଇମେଲ ପଠାଇ ଏଭଳି ଧମକ ଦେଇଛି। ମୁଖ୍ୟମନ୍ତ୍ରୀ ମାନ୍‌ଙ୍କୁ ତାଙ୍କ ଭାଇ ଦିଲାବର ସିଂହଙ୍କ ସନ୍ତାନମାନେ ବିଷାକ୍ତ ପୋଲିନିୟମରେ ସଂକ୍ରମିତ କରିଥିବା ଦାବି କରାଯାଇଛି। ଯଦି ସେ ବର୍ତ୍ତିଯିବେ ତେବେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବେଅନ୍ତ ସିଂହଙ୍କ ଭଳି ସ୍ଥିତି କରିବୁ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମାନ୍‌ଙ୍କୁ ସୋମବାରଠାରୁ ମାନଙ୍କୁ ମୋହାଲିର ଫୋର୍ଟିସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେଏନଏ ଏହି ଡାକ୍ତରଖାନା ସମେତ ୧୬ ସ୍କୁଲକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଛି। ଧମକରେ ମଙ୍ଗଳବାର ଦ୍ୱିପହରେ ବିସ୍ଫୋରଣ କରାଯିବ ବୋଲି କୁହାଯାଇଥିଲା। ମାତ୍ର ଯାଞ୍ଚ ପରେ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ସେହିପରି କେମିତି ମାନ୍‌ଙ୍କୁ ପୋଲିନିୟମରେ ସଂକ୍ରମିତ କରାଗଲା ତାହାର କୌଣସି ସୂଚନା ଦିଆଯାଇ ନାହିଁ।

- ମାନ୍‌ଙ୍କୁ ବିଷାକ୍ତ ପୋଲିନିୟମ ଦିଆଯାଇଥିବା ଦାବି
- ବେଅନ୍ତ ସିଂଙ୍କ ଭଳି ସ୍ଥିତି କରିବାକୁ ଧମକ ଦେଲେ ଖଲିସ୍ତାନୀ

ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ମାମଲା

# ସିବିଆଇ ତଦନ୍ତ ଦାବି କଲେ ପତ୍ନୀ ସୁନେତ୍ରା

ମୁମ୍ବଇ, ୧୭।୨ (ଏଜେନ୍ସି): ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଦିବଙ୍ଗତ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ପତ୍ନୀ ତଥା ଉପ-ମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର। ସେ ବଡ଼ ପୁଅ ପାର୍ଥ ପାୱାର, ଏନ୍‌ସିପି ନେତା ସୁନୀଲ ତଟକରେ, ପ୍ରଫୁଲ ପଟେଲ, ହସନ ମୁସ୍ରିଫଙ୍କ ସହ ମିଶି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କୁ ଏ ନେଇ ଦାବିପତ୍ର ଦେଇଛନ୍ତି। ଏ ସମ୍ବନ୍ଧରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ସହ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀ ଭରସା ଦେଇଛନ୍ତି। ଅନ୍ୟପକ୍ଷରେ ବିମାନ ଦୁର୍ଘଟଣା ଯାଞ୍ଚ ଏଜେନ୍ସି (ଏଏଆଇବି) ଲିୟରଜେଟ-୪୫ର କକ୍‌ପିଟ ଭୟସ ରେକର୍ଡରରୁ ଡାଟା ବାହାର କରିବା ପାଇଁ ସ୍ୱତନ୍ତ୍ର ସହଯୋଗ ମାଗିଛି। ସେହିପରି ବିମାନର ବ୍ଲାକବକ୍ସ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଜାନୁଆରୀ ୨୮ରେ ବାରାମତୀରେ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପୂର୍ବରୁ ଗତ ୨ ତାରିଖରେ ଶରଦ ଗୋଷ୍ଠୀର ଏନସିପି ନେତା ରୋହିତ ପାୱାର ଏହି ଦୁର୍ଘଟଣାକୁ ଷଡ଼ଯନ୍ତ୍ର କହିଥିଲେ।

# ଗୁଜରାଟ ଏସ୍‌ଆଇଆର; ହଟିଲେ ୭୪ ଲକ୍ଷ ଭୋଟର

ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପରେ ଗୁଜରାଟର ଚୂଡ଼ାନ୍ତ ଭୋଟର ତାଲିକା ଜାରି କରାଯାଇଛି। ଏବେ ରାଜ୍ୟରେ ୪, ୪୦, ୩୦, ୭୨୫ ଭୋଟର ଅଛନ୍ତି। ଚୂଡ଼ାନ୍ତ ତାଲିକାରେ ୫.୬୦ ଲକ୍ଷ ନୂଆ ନାମ ଯୋଡ଼ା ଯାଇଥିବାବେଳେ ୭୪ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ପୂର୍ବରୁ ରାଜ୍ୟରେ ୫.୦୮ କୋଟି ଭୋଟର ଥିଲେ। ଏହି ପ୍ରକ୍ରିୟାରେ ହଜାର ହଜାର ଅଧିକାରୀ ଏବଂ ୫୦ ହଜାରରୁ ଅଧିକ ବିଏଲଓ ସାମିଲ ହୋଇଥିଲେ। ଅନ୍ୟପଟେ ଅନେକ ନାମ ହଟାଇଥିବାରୁ ଦୁଇ କଂଗ୍ରେସ ନେତା ଗୁଜରାଟ ହାଇକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏବେ ଏହି ମାମଲା ବିଚାରାଧୀନ ରହିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୫ ● ପାଉଣ୍ଡ ୧୨୩.୬୩
- ୟୁରୋ ୧୦୭.୫୪ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୩୫୦ (ଭୁବନେଶ୍ୱର)
- ରୁପା : ୨,୫୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୪୫୦.୦୦
- ନିଫ୍ଟି ୨୫,୭୨୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ସୁନା, ରୁପା ଆମଦାନୀରେ ବୃଦ୍ଧି

# ବଢ଼ିଲା ବାଣିଜ୍ୟ ନିଅଣ୍ଟ

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ଜାନୁଆରୀରେ ଭାରତର ବାଣିଜ୍ୟ ନିଅଣ୍ଟ ୩୪.୬ ବିଲିୟନ ଡଲାରକୁ ବୃଦ୍ଧି ପାଇଛି, ଯାହା ବିଗତ ତିନି ମାସ ମଧ୍ୟରେ ସର୍ବାଧିକ। ଏହାର ପ୍ରମୁଖ କାରଣ ହେଉଛି ଘରୋଇ ବଜାରରେ ଉଚ୍ଚ ଦର ସତ୍ତ୍ୱେ ସନା ଓ ରୁପା ମୂଲ୍ୟ ଚାହିଦାରେ ବୃଦ୍ଧି। ଏଥିଯୋଗୁ ଦେଶକୁ ସୁନା ଏବଂ ରୁପା ଆମଦାନୀରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହାର ପ୍ରଭାବରେ ଆମଦାନୀ ବିଲ୍ ହୁ ହୁ ହୋଇ ବୃଦ୍ଧି ପାଇଛି। ଏତଦ୍‌ବ୍ୟତୀତ ଆମେରିକାକୁ ରପ୍ତାନିରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଶେର ବାଣିଜ୍ୟ ସନ୍ତୁଳନକୁ ବିଗାଡିଦେଇଛି। ଏଥିଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟରେ ୧୯ପ୍ରତିଶତରୁ ଅଧିକ ବୃଦ୍ଧି ଦେଖିବବାକୁ ମିଳିଛି।

ଭାରତର ଆମଦାନୀ ଜାନୁଆରୀରେ ୧୯.୧ ପ୍ରତିଶତ ବୃଦ୍ଧି ପାଇ ୭୧.୨ ବିଲିୟନ୍ ଡଲାର ହୋଇଛି, ଯାହା ଗତ ଏପ୍ରିଲ ପରେ ସର୍ବବୃହତ ଏବଂ ଯେକୌଣସି ମାସ ପାଇଁ ଦ୍ୱିତୀୟ ସର୍ବାଧିକ। ସେହିପରି ନିର୍ଦ୍ଦିଷ୍ଟ ଭାବେ ଆମେରିକା କଥା ବିଚାରକୁ ନେଲେ ଜାନୁଆରୀରେ ଆମେରିକାକୁ ଭାରତର ରପ୍ତାନି ୨୨% ହ୍ରାସ ପାଇ ୬.୬ ବିଲିୟନ ଡଲାର ରହିଥିବାବେଳେ ଆମେରିକାରୁ ଆମଦାନୀ ୨୩.୭% ବୃଦ୍ଧି ପାଇ ୪.୫ ବିଲିୟନ ଡଲାର ହୋଇଛି। ଏହା ଆମେରିକା ସହିତ ବାଣିଜ୍ୟ ନିଅଣ୍ଟକୁ ୨.୧ ବିଲିୟନ ଡଲାରକୁ ହ୍ରାସ କରିଛି, ଯାହା ଗତ ବର୍ଷର ୪.୮ ବିଲିୟନ ଡଲାରର ଅଧାରୁ କମ୍।

ଅପରପକ୍ଷେ ଦେଶକୁ ସୁନା ଆମଦାନୀ ୪.୫ ଗୁଣ ବୃଦ୍ଧି ପାଇ ୧୨ ବିଲିୟନ ଡଲାରରେ ପହଞ୍ଚିଛି, ଯେତେବେଳେ କି ରୁପା ଆମଦାନୀ ୨.୩ ଗୁଣ ବୃଦ୍ଧି ପାଇ ୨ ବିଲିୟନ ଡଲାର ହୋଇଛି। ଜାନୁଆରୀ ମାସରେ ରତ୍ନ ପଥର, ଅଳଙ୍କାର ଏବଂ କପଡ଼ା ରପ୍ତାନି ହ୍ରାସ ପାଇଛି। ତଥାପି, ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ କ୍ଷେତ୍ରରେ ସାମାନ୍ୟ ଅଭିବୃଦ୍ଧି ଘଟିଛି। ଏହା ସତ୍ତ୍ୱେ, ମୋଟ ରପ୍ତାନି ୦.୮% ବୃଦ୍ଧି ପାଇ ୩୬.୬ ବିଲିୟନ ଡଲାରରେ ପହଞ୍ଚିଛି। ଏସବୁସତ୍ତ୍ୱେ କେନ୍ଦ୍ର ସରକାର ଚଳିତ ବର୍ଷ ରେକର୍ଡ ରପ୍ତାନି ଲକ୍ଷ୍ୟନ୍‌ଇ ବେଶ ଆଶାବାଦୀ। ଏହି ଗୋଟିଏ କାରଣ ହେଉଛି ଆମେରିକାରେ ଚାହିଦାରେ ବୃଦ୍ଧି। ଫେବୃଆରୀ ମାସର ପ୍ରାରମ୍ଭରେ ଆମେରିକା ଅତିରିକ୍ତ ୨୫% ଶୁଳ୍କ ଉଠାଇବା ପରେ ରତ୍ନ ଏବଂ ଅଳଙ୍କାର ଏବଂ ବୟନଶିଳ୍ପ ଭଳି କ୍ଷେତ୍ରଗୁଡ଼ିକରେ ଚାହିଦା ବୃଦ୍ଧି ପାଇଛି।




**ତିନି ମାସ ମଧ୍ୟରେ ସର୍ବାଧିକ**

**ଜାନୁଆରୀରେ ୧୯%ରୁ ଅଧିକ ବୃଦ୍ଧି**

**ସୁନା ୪.୫ ଗୁଣ, ରୁପା ଆମଦାନୀ ୨.୩ ଗୁଣ ବଢ଼ିଲା**

କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତର ରପ୍ତାନି, ସାମଗ୍ରୀ ଏବଂ ସେବା ଉଭୟ, ଅଭିବୃଦ୍ଧି ପଥରେ ରହିଛି। ସେ ଆଶା ପ୍ରକାଶ କରିଛନ୍ତି ଯେ ଏହି ଗତି ଆଗାମୀ ଦୁଇ ମାସ ଧରି ଜାରି ରହିବ। ଚଳିତ ବର୍ଷ ଆମେ ପ୍ରାୟ ୮୬୦ ବିଲିୟନ ଡଲାର ରପ୍ତାନିରେ ପହଞ୍ଚିବା ଆଶା ରଖିଛୁ। ସେବା ରପ୍ତାନି ମଧ୍ୟ ପ୍ରଥମ ଥର ପାଇଁ ୪୧୦ ବିଲିୟନ ଡଲାର ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଅଗ୍ରୱାଲ ଆହୁରି ମଧ କହିଛନ୍ତି, ୨୦୨୫-୨୬ ଆର୍ଥିକବର୍ଷ ବାଣିଜ୍ୟ ପାଇଁ ବହୁତ ବ୍ୟସ୍ତବହୁଳ ହୋଇଛି, ଅନେକ ସକାରାତ୍ମକ ଘଟଣା ଭାରତକୁ ସାମଗ୍ରିକ ବାଣିଜ୍ୟ ଅଭିବୃଦ୍ଧି ବଜାୟ ରଖିବାରେ ସାହାଯ୍ୟ କରିଛି। ଆଗାମୀ ଆର୍ଥିକ ବର୍ଷରେ କିଛି ପ୍ରମୁଖ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ ) କାର୍ଯ୍ୟକାରୀ ହେବା ସହିତ, ଆମେ ଆଶା କରୁଛୁ ଯେ ଏହି ସକାରାତ୍ମକ ଗତି ୨୦୨୬-୨୭ ଆର୍ଥିକ ବର୍ଷରେ ଜାରି ରହିବ।

## ଜାନୁଆରୀ ମାସରେ ସୁନା ଆମଦାନୀରେ ୩୫୦% ବୃଦ୍ଧି

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ସୁନା ଓ ରୁପା ପ୍ରତି ଭାରତୀୟଙ୍କ ଦୁର୍ବଳତା ଇତି ମଧ୍ୟରେ ସବୁ ରେକର୍ଡ ଭାଙ୍ଗିଛି। ଏକ ସରକାରୀ ତଥ୍ୟ ଅନୁସାରେ, ଜାନୁଆରୀରେ ସୁନା ଆମଦାନୀ ୩୪୯.୨୨ ପ୍ରତିଶତ ବୃଦ୍ଧି ପାଇ ୧୨ ବିଲିୟନ ଡଲାର ହୋଇଛି। କେବଳ ସୁନା ନୁହେଁ, ଏହି ଅବଧିରେ ରେକର୍ଡ ପରିମାଣର ରୁପା ଆମଦାନୀ ମଧ ହୋଇଛି। ଜାନୁଆରୀରେ ରୁପା ଆମଦାନୀ ୧୨୭ ପ୍ରତିଶତ ବୃଦ୍ଧି ପାଇ ୨ ବିଲିୟନ ଡଲାର ଅତିକ୍ରମ କରିଛି। ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ ବଜାରରେ ମୂଲ୍ୟବାନ ଧାତୁର ଚାହିଦାରେ ଜବରଦସ୍ତ ବୃଦ୍ଧି ହୋଇଛି।

ଏହି ଚାହିଦା ବୃଦ୍ଧି ଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟ ମଧ ବଢ଼ିଛି। ତଥ୍ୟ ଅନୁସାରେ ବିବାହ ଓ ନିବେଶ ପାଇଁ ଭାରତୀୟଙ୍କ ମଧ୍ୟରେ ମୂଲ୍ୟବାନ ଧାତୁର କ୍ରେଜ୍ କମି ନାହିଁ। ସୁନା ଆମଦାନୀରେ ଭାରତର ସବୁଠୁ ଅଧିକ ଭରସା ସ୍ୱିଜରଲ୍ୟାଣ୍ଡ ଉପରେ ରହିଛି। ଭାରତ ନିଜ ସୁନା ଚାହିଦାକୁ ପୂରଣ କରିବା ପାଇଁ ସ୍ୱିଜରଲାଣ୍ଡ ଉପରେ ସବୁଠୁ ଅଧିକ ନିର୍ଭର। ଜାନୁଆରୀ ମାସରେ ସ୍ୱିଜରଲ୍ୟାଣ୍ଡରୁ ସୁନା ଆମଦାନୀରେ ୮୩୬ ପ୍ରତିଶତର ଐତିହାସିକ ବୃଦ୍ଧି ଦେଖିବାକୁ ମିଳିଛି। ବିଶେଷଜ୍ଞଙ୍କ ମତରେ ବିବାହ ଋତୁ ଓ ସୁରକ୍ଷିତ ନିବେଶର ବଢୁଥିବା ଚାହିଦା କାରଣରୁ ବିଦେଶରୁ ଏତେ ପରିମାଣରେ ସୁନା-ରୁପା ଆମଦାନୀ କରାଯାଇଛି। ଭାରତ ନିଜ ଚାହିଦାକୁ ପୂରଣ କରିବା ପାଇଁ ସୁନା ଆମଦାନୀ କ୍ଷେତ୍ରରେ ୫ ବଡ଼ ଦେଶ ପାଇଁ ଉପରେ ନିର୍ଭର କରୁଛି। ଏଥିରେ ସ୍ୱିଜରଲ୍ୟାଣ୍ଡ, ୟୁଏଇ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଓ ପେରୁ ସାମିଲ। ସ୍ୱିଜରଲ୍ୟାଣ୍ଡରୁ ପ୍ରାୟ ୪ ବିଲିୟନ ଡଲାରର ସୁନା ଭାରତକୁ ଆସିଛି।




**ରୁପା ଚାହିଦା ୧୨୭ ପ୍ରତିଶତ ବଢ଼ିଲା**

**ସ୍ୱିଜରଲ୍ୟାଣ୍ଡରୁ କିଣା ହୋଇଛି ସବୁଠୁ ଅଧିକ ସୁନା**

ଆଗାମୀ ଦିନରେ ଭାରତ ପାଇଁ ଖୁସି ଖବର ମିଳିପାରେ। ଭାରତ ସରକାର ଏବେ ନିଜ ରଣନୀତି ପରିବର୍ତ୍ତନ କରି ୟୁଏଇ ପରି ଦେଶ ପରିବର୍ତ୍ତେ ଆମେରିକାରୁ ଅଧିକ ସୁନା ଓ ରୁପା କିଣିବାକୁ ଯୋଜନା କରୁଛନ୍ତି। ବିଶେଷଜ୍ଞଙ୍କ ମତରେ ଆମେରିକା ଦୁନିଆରେ ସୁନା-ରୁପା କାରବାରର ଏକ ବଡ଼ କେନ୍ଦ୍ର। ଅଶୋଧିତ ତୈଳ ଓ ବିଶୋଧିତ ସୁନା ଆମଦାନୀ କେବଳ ଯୋଗାଣ ଶୃଙ୍ଖଳାକୁ ଉନ୍ନତ କରିବ ନାହିଁ ବରଂ ସୁନା-ରୁପା ମୂଲ୍ୟକୁ ମଧ କମ୍ କରିବ।

## ଗିରଫ ହେବେ ଓଲା ଇଲେକ୍ଟ୍ରିକ୍ ପ୍ରତିଷ୍ଠାତା ଭାବିଶ ଅଗ୍ରୱାଲ୍!

**ନୂଆଦିଲ୍ଲୀ, ୧୭।୨(ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଗିରଫ ହେଲେ ଓଲା ଇଲେକ୍ଟ୍ରିକ୍ ପ୍ରତିଷ୍ଠାତା ଭାବିଶ ଅଗ୍ରୱାଲ୍। ଶ୍ରୀ ଅଗ୍ରୱାଲ୍‌ଙ୍କୁ ଗିରଫ କରିବାକୁ ଗୋଆ ଉପଭୋକ୍ତା ଅଦାଲତଙ୍କ ପକ୍ଷରୁ ଜାମିନ୍‌ଯୋଗ୍ୟ ଗିରଫ ପରୱାନା ଜାରି କରାଯାଇଛି। ସର୍ବଶେଷ ସୂଚନା ଅନୁଯାୟୀ, ଦକ୍ଷିଣ ଗୋଆର ଜିଲ୍ଲା ଗ୍ରାହକ ବିବାଦ ସମାଧାନ କମିଶନ (ଡିସିଡିସି)ଙ୍କ ଦ୍ୱାରା ଗିରଫ ପରୱାନା ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ, ଏକ ଗ୍ରାହକ ଅଭିଯୋଗର ଶୁଣାଣି ପାଇଁ ନୋଟିସ୍ ଜାରି ହେବା ସତ୍ତ୍ୱେ ଭାବିଶ ଅଗ୍ରୱାଲ୍ ଉପଭୋକ୍ତା ଆୟୋଗଙ୍କ ସମ୍ମୁଖରେ ହାଜର ନ ହେବା ପରେ ଡିସିଡିସି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏକ ରିପୋର୍ଟ ଅନୁଯାୟୀ, ଆୟୋଗ ବେଙ୍ଗାଲୁରୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆବଶ୍ୟକ ହେଲେ ତାଙ୍କୁ ଅଟକ ରଖି ଫେବୃଆରୀ ୨୩ ସକାଳ ୧୦ଟା ୩୦ରେ କମିଶନଙ୍କ ସମ୍ମୁଖରେ ହାଜର କରାଇବେ। ଯେହେତୁ ଏହା ଏକ ଜାମିନଯୋଗ୍ୟ ପରୱାନା, ତେଣୁ ୧.୪୭ ଲକ୍ଷ ଟଙ୍କା ବ୍ୟକ୍ତିଗତ ବଣ୍ଡ ଏବଂ ସମାନ ପରିମାଣର ଜାମିନ୍ ସେ ଏଥିରୁ ମୁକ୍ତି ପାଇପାରିବେ।

ଏହି ମାମଲା ଗୋଆ ବାସିନ୍ଦା ପ୍ରୀତେଶ ଚନ୍ଦ୍ରକାନ୍ତ ଘାଡିଙ୍କ ଅଭିଯୋଗ ସହିତ ଜଡିତ। ପ୍ରୀତେଶ ୨୦୨୩ ଅଗଷ୍ଟରେ କିଣାଯାଇଥିବା ଏକ ଓଲା ଇଲେକ୍ଟ୍ରିକ୍ ସ୍କୁଟର, ଓଲାଏସ୍୧ ପ୍ରୋ ସେକେଣ୍ଡ ଜେନ୍ (୧.୪୭ ଲକ୍ଷ ଟଙ୍କା ମୂଲ୍ୟ) ସମ୍ପର୍କରେ କମିଶନରେ ଅଭିଯୋଗ ଦାଖଲ କରିଥିଲେ।



**ଗୋଆ ଉପଭୋକ୍ତା ଅଦାଲତଙ୍କ ଗିରଫ ପରୱାନା ଜାରି**

## କଳିଙ୍ଗ ହସ୍ପିଟାଲର ପ୍ରତିଷ୍ଠା ଦିବସ

**କଟକ,୧୭।୨(ସମିସ):** କଳିଙ୍ଗ ହସ୍ପିଟାଲର ପ୍ରତିଷ୍ଠା ଦିବସ ମେ' ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସୁଚନା କମିସନର ତଥା ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ସହ ସ୍ଥାପକ ଜଗଦାନନ୍ଦ ଯୋଗଦେଇ ସ୍ୱାସ୍ଥ୍ୟ ସେବା କେବଳ ଚିକିତ୍ସା ଦେବାରେ ସିମୀତ ନୁହେଁ ବରଂ ସମାଜ ପ୍ରତି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। କଳିଙ୍ଗ ହସ୍ପିଟାଲର ଅଧକ୍ଷ ଡ଼. ଶୀତିକଣ୍ଠ ଦାଶ ଅଧ୍ୟକ୍ଷତା କରି କହିଲେ ସମାଜର ବାସ କରୁଥିବା ପ୍ରତ୍ୟେକ ବର୍ଗଙ୍କୁ ସହଜ ଓ ଆଧୁନିକ ଚିକିତ୍ସା ପହଞ୍ଚାଇବା ଆମର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ଆମେ ଅଧିକ ବିଶେଷଜ୍ଞ ଡାକ୍ତର , ଆଧୁନିକ ଯନ୍ତ୍ରପାତିର ଉପଯୋଗ କରି କଳିଙ୍ଗ ହସ୍ପିଟାଲ୍‌ର ସେବାକୁ ବିସ୍ତାର କରିବୁ। ଏଥିରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମହିଳା କମିଶନ ଅଧକ୍ଷା ନମ୍ରତା ଚଢ଼ା, ସିଇଓ ଡା. ଏସ୍ ସନ୍ତୋଷ କୁମାର ଡୋରା ଏବଂ ହସ୍ପିଟାଲ୍‌ର ବ୍ରାଣ୍ଡିଂ ଆଣ୍ଡ କମ୍ୟୁନିକେସନ ମ୍ୟାନେଜର ବିନୟାନନ୍ଦ ଦାସ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ନୃତ୍ୟାଙ୍ଗନା ଅରୁଣା ମହାନ୍ତି ଓ ଗାୟିକା ନାଜିଆ ଆଲମଙ୍କ ସଙ୍ଗୀତ ସମସ୍ତଙ୍କୁ ଆନନ୍ଦିତ କରିଥିଲା।



## ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬

# ବିଚାର, ନବସୃଜନର ଏକ ଶକ୍ତିଶାଳୀ ସମନ୍ୱୟ: ମୋଦୀ

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଚାର, ନବସୃଜନ ଏବଂ ଅଭିପ୍ରାୟର ଏକ ଶକ୍ତିଶାଳୀ ମିଶ୍ରଣ ବୋଲଇ କହିଛନ୍ତି। ଉଦଘାଟନୀ ସମାରୋହର ମୁଖ୍ୟାଂଶ ସେୟାର କରି ମୋଦୀ କହିଲେ ଯେ ବିଶ୍ୱର ମଙ୍ଗଳ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭବିଷ୍ୟତକୁ ରୂପ ଦେବାରେ ଭାରତୀୟ ପ୍ରତିଭାର ଅସାଧାରଣ ସାମର୍ଥ୍ୟ ଉପରେ ଏହି ପ୍ରଦର୍ଶନୀ ଆଲୋକପାତ କରିଛି। ସର୍ବୋପରି ଏହି କାର୍ଯ୍ୟକ୍ରମ ମାନବ ପ୍ରଗତି ପାଇଁ ଏଆଇକୁ ଦାୟିତ୍ୱପୂର୍ଣ୍ଣ, ସମାବେଶୀ ଏବଂ ବ୍ୟାପକ ସ୍ତରରେ ଉପଯୋଗ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛି। ବିଶ୍ୱର ମଙ୍ଗଳ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭବିଷ୍ୟତକୁ ରୂପ ଦେବାରେ ଭାରତୀୟ ପ୍ରତିଭାର ଅସାଧାରଣ ସାମର୍ଥ୍ୟକୁ ଏହା ପ୍ରଦର୍ଶିତ କରିଥିଲା। ସର୍ବୋପରି, ମାନବ ପ୍ରଗତି ପାଇଁ ଏଆଇକୁ ଦାୟିତ୍ୱପୂର୍ଣ୍ଣ, ସମାବେଶୀ ଏବଂ ବ୍ୟାପକ ସ୍ତରରେ ଉପଯୋଗ କରିବା ଲାଗି ଏହା ଆମର ପ୍ରତିବଦ୍ଧତାକୁ ଦୋହରାଇଛି।

ଇଣ୍ଡିଆ ଏଆଇ ସମ୍ମିଳନୀରେ ଓଡ଼ିଶାର ଉପସ୍ଥିତି ବେଶ ଭଲ ରହିଛି। ପ୍ରଦର୍ଶନୀରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଟିମ୍ ଦ୍ୱାରା ପ୍ରଦର୍ଶିତ ସମାଧାନ ନାଗରିକଙ୍କ ପାଇଁ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏଥିରେ ଯୋଗଦେଇ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟ ସଚିବ ଏସ୍ କ୍ରିଷ୍ଣନ୍ତ୍ରିମ କହିଛନ୍ତି , ବୁଦ୍ଧିମତ୍ତା ବା ଏଆଇକୁ ନେଇ ଭାରତର ଆଭିମୁଖ୍ୟ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ। ଏହାର ଏଆଇ ମିଶନ ଏହିଭଳି ଭାବେ ପ୍ରସ୍ତୁତ କରାଯାଇଛି ଯାହା ବାସ୍ତବ ଦୁନିଆର ଆବଶ୍ୟକତାକୁ ପୂରଣ କରିପାରିବ। ଆଲଗୋରିଦିମରୁ ଆରମ୍ଭ କରି ଫଳାଫଳ ଯାଏ ଏହି ମିଶନ ଭାରତର ସବୁସ୍ତରର ନାଗରିକଙ୍କୁ ସୁଫଳ ଦେବା ଲାଗି ପ୍ରସ୍ତୁତ। ଶ୍ରୀ କୃଷ୍ଣନ କହିଛନ୍ତି ଯେ, ଭାରତ ଏଆଇ ମିଶନ ବିଭିନ୍ନ ଆବଶ୍ୟକତା ଏବଂ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ହେଉଛି ଏଆଇ ବ୍ୟବହାର କରି ଆମେ ସୃଷ୍ଟି କରିପାରୁଥିବା ପ୍ରଭାବଶାଳୀ ପ୍ରୟୋଗଗୁଡ଼ିକୁ ଖୋଜିବା ପାଇଁ ଏକ ମାଧ୍ୟମ। ସେ କହିଛନ୍ତି ଯେ, "ଆମେ କେବଳ ଗୋଟିଏ କାରଣ ପାଇଁ କମ୍ପ୍ୟୁଟ୍, ମଡେଲ୍ ଏବଂ ଡାଟା ପ୍ରଦାନ କରୁଛୁ, ତାହା ହେଉଛି ବାସ୍ତବ ପ୍ରଭାବ ପକାଉଥିବା ଆପ୍ଲିକେସନ୍ ଗଠନ କରିବା। ଏଣୁ ଏଆଇ ବାବଦରେ ହେଉଥିବା ଚର୍ଚ୍ଚା ସଫଳ ହେଉଛି କି ନା ତହା ଜାଣିବାକୁ ହେଲେ, ଏହା ପ୍ରକୃତରେ ବାସ୍ତବ ଦୁନିଆର ଆହ୍ୱାନକୁ ସମ୍ମୁଖୀନ ହୋଇ ପାରୁଛି କି ନା ତାହା ଜାଣିବା ଦରକାର।

## ଭାରତକୁ ଜ୍ଞାନର ମହାଶକ୍ତି କରିବ ଏଆଇ: ଧର୍ମେନ୍ଦ୍ର




**ନୂଆଦିଲ୍ଲୀ, ୧୭।୨(ଏଜେନ୍ସି):** ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଥିବାବେଳେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଥିବା ମଙ୍ଗଳବାର ନୂଆଦିଲ୍ଲୀରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ "ପୁସିଂ ଦ ଫ୍ରଣ୍ଟିୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ" ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଏହି ସମ୍ମିଳନୀ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଏକ ଦୂରଦର୍ଶୀ ପଦକ୍ଷେପ, ଯାହା ଭାରତରେ ଏଆଇର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି । ସମଗ୍ର ବିଶ୍ୱ ଆଜି ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି । ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ କରିବା ଏବଂ ଭାରତକୁ ବିଶ୍ୱର ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଜିର ଯୁବପିଢ଼ି ପୂର୍ବ ପିଢ଼ିଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଓ ଅଭିନବ ଚିନ୍ତାଧାରା ରଖୁଛନ୍ତି। କେନ୍ଦ୍ର ମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ ଏଆଇ ମାଧ୍ୟମରେ ଶିକ୍ଷିତ ହେବା ସହ ତାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି।

**ସମ୍ମିଳନୀରେ ବ୍ୟାପକ ଅବ୍ୟବସ୍ଥା**

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ବିଶ୍ୱର ସର୍ବବୃହତ ଟେକ୍ ଇଭେଣ୍ଟ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ବ୍ୟାପକ ବିଶୃଙ୍ଖଳା ଘଟଣା ସାମ୍ନାକୁ ଆସିଛି। ଏଥିଯୋଗୁ ବିଶ୍ୱର ହଜାର ହଜାର ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ଟେକ୍ ବିଶେଷଜ୍ଞ ଏବଂ ବିଦେଶୀ ପ୍ରତିନିଧି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ଭିଡ଼ ଏବଂ କଡ଼ା ସୁରକ୍ଷା ଯୋଗୁଁ ପ୍ରବେଶ ସ୍ଥାନଗୁଡ଼ିକରେ ଲମ୍ବା ଧାଡ଼ି ସୃଷ୍ଟି ହୋଇଥିଲା। ବିଶ୍ୱସ୍ତରୀୟ ଟେକ୍ କମ୍ପାନୀଗୁଡ଼ିକର ପ୍ରତିନିଧି ଏବଂ ପ୍ରତିନିଧିମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିଥିଲା। କେତେକଙ୍କ ଜିନିଷପତ୍ର ଚୋରି ମଧ ହୋଇଥିଲା। ସମ୍ମିଳନୀର ପ୍ରଥମ ଦିନରେ ଏହି ବିଶୃଙ୍ଖଳା ପାଇଁ କେନ୍ଦ୍ର ସରକାର କ୍ଷମା ପ୍ରାର୍ଥନା କରିଛନ୍ତି। ସମ୍ମିଳନୀର ପ୍ରଥମ ଦିନରେ ହଜାର ହଜାର ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ଟେକ୍ ବିଶେଷଜ୍ଞ ଏବଂ ବିଦେଶୀ ପ୍ରତିନିଧି ଆସି ଭାରତରେ ପହଞ୍ଚିଥିଲେ। ଏଥିରେ ୭୦ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ ଏବଂ ଭିଡ଼ ପରିସ୍ଥିତିକୁ ଆହୁରି ଖରାପ କରିଥିଲା। ଏହି ଘଟଣା ପରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ଷମା ପ୍ରାର୍ଥନା କରିଛନ୍ତି।

**ଭିଡ଼ ଓ ବିଶୃଙ୍ଖଳା ଯୋଗୁଁ ବିଦେଶୀ ପ୍ରତିନିଧି ଅଡୁଆରେ**

**ଜିନିଷପତ୍ର ଚୋରି, ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡା ହେଲେ**

**କ୍ଷମା ମାଗିଲେ ଆଇଟି ମନ୍ତ୍ରୀ**

## ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ହେଲୋ କ୍ୟାଶବ୍ୟାକ କ୍ରେଡିଟ୍ କାର୍ଡର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୨ (ସମିସ):** ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ପକ୍ଷରୁ ହେଲୋ କ୍ୟାଶବ୍ୟାକ କ୍ରେଡିଟ କାର୍ଡର ଶୁଭାରମ୍ଭ କରାଯାଇଛି। ଏହା ଏକ ସ୍ଥିର ଜମା-ସମର୍ଥିତ ସୁବିଧା ଯାହାକୁ ଡିଜିଟାଲ ରୂପେ ସଚେତନ ଗ୍ରାହକମାନଙ୍କ ପାଇଁ ଋଣକୁ ଅଧିକ ସୁଲଭ କରିବା ପାଇଁ ଡିଜାଇନ କରାଯାଇଛି । ବିଶେଷକରି ୧୮ ରୁ ଉର୍ଦ୍ଧ୍ୱ ବୟସର ଯୁବ ବୟସ୍କଙ୍କ ପାଇଁ ଯେଉଁମାନେ ଅନଲାଇନ୍-ପ୍ରଥମ ଏବଂ ୟୁପିଆଇ-ନେତୃତ୍ୱାଧୀନ ଖର୍ଚ୍ଚ ଅଭ୍ୟାସ ରଖନ୍ତି। ଏହି କାର୍ଡରେ ଗ୍ରାହକମାନେ ପ୍ରତିଦିନ ଡିଜିଟାଲ୍ ପେମେଂଟ ଉପରେ ଏକ ଦୃଢ଼ ଏବଂ ସ୍ୱଷ୍ଟ ଭାବରେ ପୃଥକ କ୍ୟାସବ୍ୟାକ୍ ପ୍ରସ୍ତାବରୁ ଲାଭ ପାଇପାରିବେ। ହେଲୋ କ୍ୟାସବ୍ୟାକ ଏକ ଶକ୍ତିଶାଳୀ ସ୍ତରୀୟ କ୍ୟାସବ୍ୟାକ ଷ୍ଟ୍ରକଚର ପ୍ରଦାନ କରେ, ଯାହା ୧୦,୦୦୦ ଟଙ୍କାରୁ ଅଧିକ ଅନଲାଇନ୍ ଖର୍ଚ୍ଚ ଉପରେ ୫% କ୍ୟାସବ୍ୟାକ୍ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଅନଲାଇନ୍ ଖର୍ଚ୍ଚ ଉପରେ ୩% କ୍ୟାସବ୍ୟାକ୍ ଏବଂ ଇନ-ଷ୍ଟୋର, କଣ୍ଟାକ୍ଟଲେସ୍ ଏବଂ ୟୁପିଆଇ କାରବାର ଉପରେ ୧% କ୍ୟାସବ୍ୟାକ୍ ପ୍ରଦାନ କରେ।

## ଫିକି ଫ୍ଲୋ ଏବଂ ସୋ ଆମ୍ ଆଇ ଫାଉଣ୍ଡେସନ୍ ଏମ୍‌ଓୟୁ

**ଭୁବନେଶ୍ୱର,୧୭।୨(ସମିସ):** ଫେଡେରେସନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମହିଳା ସଂଗଠନ, ସୋ ଆମ୍ ଆଇ ଫାଉଣ୍ଡେସନ୍ ସହିତ ସହଭାଗୀତାରେ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଧୀନରେ ବସ୍ତି ମହିଳାମାନଙ୍କ ପାଇଁ ୪ଟି ଦକ୍ଷତା ତାଲିମ ଆୟୋଜନ କରିଥିଲା। ଏହି ଦକ୍ଷତା ତାଲିମର ଲକ୍ଷ୍ୟ ଥିଲା ବଞ୍ଚିତ ବସ୍ତି ମହିଳାମାନଙ୍କୁ ସେମାନଙ୍କ ଜୀବିକା ସୃଷ୍ଟି ପାଇଁ ମେହେନ୍ଦି ଏବଂ ରାଖୀ ତିଆରି ଭଳି ଦକ୍ଷତା ପ୍ରଦାନ କରିବା। ଫିକି ଫ୍ଲୋ ମେ ୨୦୨୫ ରେ ସୋ ଆମ ଆଇ ଫାଉଣ୍ଡେସନ୍ ସହିତ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ନୂଆଦିଲ୍ଲୀ ସ୍ଥିତ ଏନଜିଓ, ଇସ୍ରୋ ଏହି ଟ୍ରେନ କାର୍ଯ୍ୟକ୍ରମଗୁଡ଼ିକୁ ସମର୍ଥନ କରିଛି। ଇସ୍ରୋ ସାଧାରଣ ନାଗରିକଙ୍କୁ ସରକାରୀ କଲ୍ୟାଣ ଯୋଜନାର ଲାଭ ପାଇବାରେ ସାହାଯ୍ୟ କରୁଛି ଏବଂ ମହିଳାମାନଙ୍କୁ ଜୀବିକା ଏବଂ ଡିଜିଟାଲ୍ ଶିକ୍ଷା ଉପରେ ସହାୟତା ପ୍ରଦାନ କରୁଛି। କାର୍ଯ୍ୟକ୍ରମରେ ଭାରତୀୟ ଜାତୀୟ ସମବାୟ ସଂଘର ପରାମର୍ଶଦାତା (ରଣନୀତି ଏବଂ ସହଯୋଗ) ସୁମିତ ସିଂହ ଏବଂ ଇସ୍ରୋ ପ୍ରତିଷ୍ଠାତା ଜୀବନ ସାହା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକାରୀ ଅଧକ୍ଷା ସୋନାଲି ମହାନ୍ତି ସୋ ଆମ୍ ଆଇ ଫାଉଣ୍ଡେସନ ଦ୍ୱାରା କରାଯାଉଥିବା କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏଥିରେ ଫ୍ଲୋ ଭୁବନେଶ୍ୱରର ଅଧକ୍ଷା ଡକ୍ଟର ପ୍ରାଙ୍ଗ୍ୟା ପରମିତା ମିଶ୍ର ଏବଂ ଫିକି ଫ୍ଲୋର ଗ୍ରାମୀଣ ଦକ୍ଷତା ମୁଖ୍ୟ ଶିଖା ବନସଲ୍ ଏଥିରେ ଉପସ୍ଥିତ ଥିଲେ।



## ଏନପିସିଆଇ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଡିଜିଟାଲ ପେମେଣ୍ଟ ସୁରକ୍ଷା ସଚେତନତା

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ଡିଜିଟାଲ ପେମେଂଟ ବରିଷ୍ଠ ନାଗରିକମାନଙ୍କ ନିତିଦିନିଆ ଜୀବନରେ ପରିବର୍ତ୍ତନ ଆଣିଛି। ଗ୍ରୋସରି, ଔଷଧ କିଣିବା ଓ ଯାତାୟାତ ବୁକିଂକୁ ସହଜ କରିଛି। ନିତିଦିନିଆ ଆବଶ୍ୟକତା ପାଇଁ ପରିବାର ସଦସ୍ୟଙ୍କ ଉପରେ ନିର୍ଭରଶୀଳ ନ ରହି ନିଜେ ପେମେଣ୍ଟ କରିବାରେ ଏହା ବରିଷ୍ଠ ନାଗରିକମାନଙ୍କୁ ସଶକ୍ତ କରିଛି। ନଗଦ ଟଙ୍କା ନେବାକୁ ପଡୁନଥିବାରୁ ଏହା ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରୁଥିବା ବେଳେ ଚୋରିର ଆଶଙ୍କା କମ କରିଛି। ପ୍ରତିଟି ପେମେଣ୍ଟର ନଥି ରହୁଛି। ଡିଜିଟାଲ ପେମେଣ୍ଟ ସାଧାରଣ ଘଟଣାରେ ପରିଣତ ହେବା ପରେ ସାମାଜିକ ଇଞ୍ଜିନିୟରିଂକୁ ବ୍ୟବହାର କରି ଠକମାନେ ଠକେଇ ଉଦ୍ୟମ କରୁଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଉପାୟରେ ଟାର୍ଗେଟ କରାଯାଉଛି। ଠକମାନେ ଡିଜିଟାଲ ଆରେଷ୍ଟ କରି ବରିଷ୍ଠ ନାଗରିକମାନଙ୍କଠାରୁ ଗୋପନୀୟ ବ୍ୟକ୍ତିଗତ ତଥ୍ୟ ହାସଲ କରୁଛନ୍ତି।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

### ବର୍ଷା ସାଜିଲା ବାଧକ; ଜିମ୍ବାୱେ-ଆୟର୍ଲାଣ୍ଡ ମ୍ୟାଚ୍ ବାତିଲ

# ଟି-୨୦ ବିଶ୍ୱକପ୍‌ରୁ ଅଷ୍ଟ୍ରେଲିଆ ବିଦା

**ପାଲେକେଲେ, ୧୭।୨ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ କ୍ରିକେଟରୁ ବାଦ୍ ପଡ଼ିଛି ଶକ୍ତିଶାଳୀ ଦଳ ତଥା ୨୦୨୧ ସଂସ୍କରଣର ଚାମ୍ପିଅନ ଅଷ୍ଟ୍ରେଲିଆ। ଗ୍ରୁପ୍-ବି' ଲିଗ୍ ମ୍ୟାଚ୍‌ରେ ଜିମ୍ବାୱେ ନିକଟରୁ ପରାଜିତ ହେବା ପରେ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା ସୁପର-୮'ରେ ଅଷ୍ଟ୍ରେଲିଆର ପ୍ରବେଶ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଆଜି ଏଠାରେ ଜିମ୍ବାୱେ ଓ ଆୟର୍ଲାଣ୍ଡ ମୁକାବିଲା ବର୍ଷା ଓ ଖରାପ ପଡ଼ିଆ ଯୋଗୁଁ ବାତିଲ କରାଯାଇଥିଲା। ଏହା ଫଳରେ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଥିଲା। ଏହି ମୁକାବିଲା ପୂର୍ବରୁ ୨ଟି ବିଜୟ ହାସଲ କରିଥିବା ଜିମ୍ବାୱେ ଆଜିର ମ୍ୟାଚ୍ ବାତିଲ ପରେ ୩ଟି ମ୍ୟାଚ୍‌ରୁ ୫ ପଏଣ୍ଟ ପାଇ ଗ୍ରୁପ୍-ବି' ପଏଣ୍ଟ ତାଲିକାରେ ଶ୍ରୀଲଙ୍କା ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା ଫଳରେ ୪ଟି ମ୍ୟାଚ୍‌ରୁ ୩ ପଏଣ୍ଟ ପାଇଥିବା ଆୟର୍ଲାଣ୍ଡ, ୩ଟି ମ୍ୟାଚ୍‌ରୁ ୨ ପଏଣ୍ଟ ପାଇଥିବା ଅଷ୍ଟ୍ରେଲିଆ ଓ କୌଣସି ପଏଣ୍ଟ ପାଇ ନ ଥିବା ଓମାନ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।




ଆଜି ଜିମ୍ବାୱେ-ଆୟର୍ଲାଣ୍ଡ ମଧ୍ୟରେ ହେବାକୁ ଥିବା ମୁକାବିଲାର ଫଳାଫଳକୁ ଅଷ୍ଟ୍ରେଲିଆ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲା। ଏହି ମ୍ୟାଚ୍‌ରେ ଦଳ ଆୟର୍ଲାଣ୍ଡର ବିଜୟ ଆଶାରେ ରହିଥିଲା। ଏଠାରେ ଜିମ୍ବାୱେ ପରାଜିତ ହୋଇଥିଲେ ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡର ସୁପର-୮ ଖେଳିବା ଆଶା ତିଷ୍ଠି ରହିଥାନ୍ତା। କିନ୍ତୁ ଏହି ମ୍ୟାଚ୍ ବାତିଲ ହେବା ଫଳରେ ଉଭୟ ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଯାଇଛନ୍ତି। ଅଷ୍ଟ୍ରେଲିଆ ଉଭୟ ଶ୍ରୀଲଙ୍କା ଓ ଜିମ୍ବାୱେ ନିକଟରୁ ପରାଜିତ ହୋଇଛି। ଆୟର୍ଲାଣ୍ଡ ନିକଟରୁ ହାରୁ ହାରୁ ଜିତିଥିଲା। ଏହି ଗ୍ରୁପ୍‌ରେ ବାକିଥିବା ମ୍ୟାଚ୍‌ରେ ଶ୍ରୀଲଙ୍କା ସହ ଜିମ୍ବାୱେର ଫେବୃଆରୀ ୧୯ରେ ଓ ଅଷ୍ଟ୍ରେଲିଆ ସହ ଓମାନର ୨୧ରେ ଔପଚାରିକ ମ୍ୟାଚ୍ ଖେଳାଯିବ।

### ଗ୍ରୁପ-ବି' ପଏଣ୍ଟ ତାଲିକା

| ଦଳ | ମ୍ୟା. | ବି. | ପ. | ବା. | ପ. | ସ୍ଥାନ |
|---|---|---|---|---|---|---|
| ଶ୍ରୀଲଙ୍କା | ୩ | ୩ | ୦ | ୦ | ୬ | ପ୍ରଥମ |
| ଜିମ୍ବାୱେ | ୩ | ୨ | ୦ | ୧ | ୫ | ଦ୍ୱିତୀୟ |
| ଆୟର୍ଲାଣ୍ଡ | ୪ | ୧ | ୨ | ୧ | ୩ | ତୃତୀୟ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୦ | ୨ | ଚତୁର୍ଥ |
| ଓମାନ | ୩ | ୦ | ୩ | ୦ | ୦ | ପଞ୍ଚମ |

ବି.ଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ,
ପ-ପରାଜୟ, ବା-ବାତିଲ, ପ-ପଏଣ୍ଟ।

## ଆଜି ପାକିସ୍ତାନର ଭାଗ୍ୟ ପରୀକ୍ଷା

**କଲମ୍ବୋ, ୧୭।୨ (ଏଜେନ୍ସି):** ଚଳିତ ବିଶ୍ୱକପ୍‌ରେ ସୁପର-୮'ରେ ଖେଳିବାକୁ ଥିବା ୮ଟି ଦଳ ମଧ୍ୟରୁ ୭ଟି ଦଳ ଚିହ୍ନଟ ହୋଇସାରିଛନ୍ତି। ସେମାନେ ହେଲେ ଗ୍ରୁପ୍-ଏ'ରେ ଭାରତ, ଗ୍ରୁପ୍-ବି'ରେ ଶ୍ରୀଲଙ୍କା ଓ ଜିମ୍ବାୱେ, ଗ୍ରୁପ-ସି'ରେ ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ, ଗ୍ରୁପ୍-ଡି'ରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ କିଏ ଯୋଗ୍ୟତା ଅର୍ଜନ କରିବ ତାହା ଆସନ୍ତାକାଲି ସ୍ଥିର ହେବ। ଏହି ଗ୍ରୁପ୍‌ରେ ଆସନ୍ତାକାଲି ପାକିସ୍ତାନ ସହ ନାମିବ୍ୟା, ଭାରତ ସହ ନେଦରଲାଣ୍ଡସର ମୁକାବିଲା ହେବ। ଭାରତ ୩ଟି ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଏହି ମ୍ୟାଚ୍‌ର ଫଳାଫଳ କିଛି ଗୁରୁତ୍ୱ ରଖୁନାହିଁ। କିନ୍ତୁ ନେଦରଲାଣ୍ଡସ, ପାକିସ୍ତାନ ଓ ୪ଟି ମ୍ୟାଚ୍ ଖେଳିସାରିଥିବା ୟୁଏସ୍‌ଏ ଲାଗି ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏହି ଗ୍ରୁପ୍‌ରେ ଭାରତ ୬ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛି। ୟୁଏସ୍‌ଏ ଓ ତାହାର ମିତ୍ର ଦଳ ପାକିସ୍ତାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ଯଦି ନାମିବ୍ୟାକୁ ପାକିସ୍ତାନ ପରାସ୍ତ କରେ ତେବେ ଭାରତ ପଛକୁ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ।

### ଆଜିର ବିଶ୍ୱକପ୍ ମ୍ୟାଚ୍

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ଦକ୍ଷିଣ ଆଫ୍ରିକା-ୟୁଏଇ | ପୂର୍ବାହ୍ନ ୧୧ଟା | ନୂଆଦିଲ୍ଲୀ |
| ପାକିସ୍ତାନ-ନାମିବ୍ୟା | ଅପରାହ୍ଣ ୩ଟା | କଲମ୍ବୋ |
| ଭାରତ-ନେଦରଲାଣ୍ଡସ | ରାତି ୭ଟା | ଅହମ୍ମଦାବାଦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

କିନ୍ତୁ ଦଳ ପରାଜିତ ହେଲେ ନେଟ୍‌ରନ୍ ରେଟ୍‌ରେ ଆଗୁଆ ଥିବା ୟୁଏସ୍ ସୁପର-୮'କୁ ଯିବ। ସେହିପରି ପାକିସ୍ତାନ ହାରିବା ପରେ ଭାରତ ଯଦି ପରାଜିତ ହୁଏ, ତେବେ ନେଦରଲାଣ୍ଡସ ମଧ୍ୟ ସୁପର-୮' ଦୌଡ଼ରେ ସାମିଲ ହେବ। କିନ୍ତୁ କ୍ରିକେଟରେ ଅଭିଜ୍ଞତା ଥିବା ଦୃଷ୍ଟିରେ ଦେଖିଲେ ଆସନ୍ତାକାଲି ଗ୍ରୁପ୍-ଏ'ର ଶେଷ ଲିଗ୍ ମୁକାବିଲାରେ ଉଭୟ ଭାରତ ଓ ପାକିସ୍ତାନ ବିଜୟୀ ହେବେ ଓ ସୁପର-୮'ରେ ଖେଳିବେ। ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ଫେବୃଆରୀ ୨୧ରୁ ଆରମ୍ଭ ହେବ। ଏହି ପର୍ଯ୍ୟାୟକୁ ୮ଟି ଦଳ ଯୋଗ୍ୟତା ଅର୍ଜନ କରିବେ ଓ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦଳଗୁଡିକର ମାନ୍ୟତା ଅନୁଯାୟୀ ଗ୍ରୁପ୍‌ରେ ସ୍ଥାନ ପାଇବେ। ଏହି ମାନ୍ୟତା ଅନୁଯାୟୀ ଗ୍ରୁପ୍-୧ରେ ଭାରତ, ୱେଷ୍ଟଇଣ୍ଡିଜ୍, ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେକୁ ସ୍ଥାନ ମିଳିଛି। ସେହିପରି ଗ୍ରୁପ୍-୨ରେ ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଶେଷ ଦଳ ଭାବେ ପାକିସ୍ତାନ କିମ୍ବା ୟୁଏସ୍‌କୁ ସ୍ଥାନ ମିଳିବ।

### ଗ୍ରୁପ-ଏ' ପଏଣ୍ଟ ତାଲିକା

| ଦଳ | ମ୍ୟା. | ବି. | ପ. | ପ଼. | ନେଟ୍‌ରନ୍ |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୩.୦୫୦ |
| ୟୁଏସ୍‌ଏ | ୪ | ୨ | ୨ | ୪ | +୦.୭୮୭ |
| ପାକିସ୍ତାନ | ୩ | ୨ | ୧ | ୪ | -୧.୪୦୩ |
| ନେଦରଲାଣ୍ଡସ | ୩ | ୧ | ୨ | ୨ | -୧.୩୫୨ |
| ନାମିବ୍ୟା | ୩ | ୦ | ୩ | ୦ | -୨.୪୪୩ |

ବି.ଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ପ଼-ପଏଣ୍ଟ।

### ସୁପର-୮ ଖେଳସୂଚୀ

| କେବେ | କାହା ମଧ୍ୟରେ | କେଉଁଠି |
|---|---|---|
| ୨୧।୨ | ନ୍ୟୁଜିଲାଣ୍ଡ-ପାକ୍/ୟୁଏସ୍ | କଲମ୍ବୋ |
| ୨୨।୨ | ଶ୍ରୀଲଙ୍କା-ଇଂଲଣ୍ଡ | ପାଲେକେଲେ * |
| ୨୨।୨ | ଭାରତ-ଦ.ଆଫ୍ରିକା | ଅହମ୍ମଦାବାଦ୍ |
| ୨୩।୨ | ୱେଷ୍ଟଇଣ୍ଡିଜ୍-ଜିମ୍ବାୱେ | ମୁମ୍ବଇ |
| ୨୪।୨ | ଇଂଲଣ୍ଡ-ପାକ୍/ୟୁଏସ୍ | ପାଲେକେଲେ |
| ୨୫।୨ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୨୬।୨ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ଅହମ୍ମଦାବାଦ୍ * |
| ୨୬।୨ | ଭାରତ-ଜିମ୍ବାୱେ | ଚେନ୍ନଇ |
| ୨୭।୨ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୨୮।୨ | ଶ୍ରୀଲଙ୍କା-ପାକ୍/ୟୁଏସ୍ | ପାଲେକେଲେ |
| ୦୧।୩ | ଦ.ଆଫ୍ରିକା-ଜିମ୍ବାୱେ | ନୂଆଦିଲ୍ଲୀ * |
| ୦୧।୩ | ଭାରତ-ୱେଷ୍ଟଇଣ୍ଡିଜ୍ | କୋଲକାତା |
| ୦୪।୩ | ପ୍ରଥମ ସେମିଫାଇନାଲ | ପରେ ସ୍ଥିର ହେବ |
| ୦୫।୩ | ଦ୍ୱିତୀୟ ସେମିଫାଇନାଲ | ୱାଙ୍ଖେଡେ |
| ୦୮।୩ | ଫାଇନାଲ | ପରେ ସ୍ଥିର ହେବ |

ବି.ଦ୍ର: * ଚିହ୍ନିତ ମ୍ୟାଚ୍ ଗୁଡିକ ଅପରାହ୍ଣ ୩ଟାରୁ ଓ ଅନ୍ୟ ସମସ୍ତ ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ।

ଗ୍ରୁପ-୧: ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ
ଗ୍ରୁପ୍-୨: ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକ୍/ୟୁଏସ୍

### ଯୁବରାଜ ସାମରାଙ୍କ ଶତକ ବ୍ୟର୍ଥ

## କାନାଡ଼ାକୁ ହରାଇ ସୁପର-୮'ରେ ନ୍ୟୁଜିଲାଣ୍ଡ

**ଚେନ୍ନଇ, ୧୭।୨ (ଏଜେନ୍ସି):** କାନାଡ଼ାକୁ ୫ ୱିକେଟରେ ହରାଇ ନ୍ୟୁଜିଲାଣ୍ଡ ଏଠାରେ ଚାଲିଥିବା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହା ଫଳରେ ପ୍ରଥମସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଏହି ଗ୍ରୁପ୍‌ରୁ ସୁପର-୮ ପର୍ଯ୍ୟାୟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍-୨'ରେ ସ୍ଥାନ ପାଇଥିବା ନ୍ୟୁଜିଲାଣ୍ଡ ଫେବୃଆରୀ ୨୧ରେ ତାହାର ପ୍ରଥମ ସୁପର-୮ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ର ପ୍ରତିଦ୍ୱନ୍ଦ୍ୱୀ ଚୂଡାନ୍ତ ହୋଇନାହିଁ। ଦଳର ଅନ୍ୟ ଦୁଇଟି ସୁପର-୮ ମୁକାବିଲା ଫେବୃଆରୀ ୨୫ରେ ଶ୍ରୀଲଙ୍କା ଓ ଫେବୃଆରୀ ୨୭ରେ ଇଂଲଣ୍ଡ ସହ ଖେଳାଯିବ। ଆଜିର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଜିତିବା ଫଳରେ ସର୍ବକନିଷ୍ଠ ଖେଳାଳି ଭାବେ ୧୯ ବର୍ଷ ୧୪୧ ଦିନରେ ଶତକ ହାସଲ କରିଥିବା କାନାଡାର ଯୁବ ଓପନର ଯୁବରାଜ ସାମ୍ରାଙ୍କ ରେକର୍ଡ ବ୍ୟର୍ଥ ହୋଇଛି।



ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଯୁବରାଜ ସାମ୍ରା ୬୫ ବଲ୍‌ରେ ୧୧୦ (୧୧ଚୌକା, ୬ଛକା) ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି କାନାଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୭୩ ରନ୍ କରିଥିଲା। ଯୁବରାଜ ଓ ଅଧିନାୟକ ଦିଲପ୍ରୀତ୍ ବାଜ୍‌ୱା ପ୍ରଥମ ୱିକେଟ ଭାଗୀଦାରିରେ ୮୪ ବଲ୍‌ରୁ ୧୧୬ ରନ୍ ଉଠାଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୫.୧ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାଚିନ ରବୀନ୍ଦ୍ର ୩୯ ବଲ୍‌ରେ ୫୯ (୪ଚୌକା, ୩ଛକା) ଓ ଗ୍ଲେନ୍ ଫିଲିପ୍ସ ୩୬ ବଲ୍‌ରେ ୪ ଚୌକା ଓ ୬ ଛକା ସହ ୭୬ ରନ୍‌ରେ ଅପରାଜିତ ରହିଥିଲେ। ଫିଲିପ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଭାରତୀୟ ଦଳରୁ ରୋଶନ, ନୀଲମ ବାଦ୍

**ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି):** ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ହୋବାର୍ଟ ଲେଗ୍ (ଚରଣ) ପାଇଁ ମଙ୍ଗଳବାର ଭାରତୀୟ ସିନିଅର ପୁରୁଷ ହକି ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ପର୍ଯ୍ୟାୟରୁ ଓହରିଯାଇଛନ୍ତି। ତାଙ୍କ ସ୍ଥାନରେ ହାର୍ଦ୍ଦିକ ସିଂହଙ୍କୁ ୨୩ ଜଣିଆ ଭାରତୀୟ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ନିକଟରେ ଶେଷ ହୋଇଥିବା ରାଉରକେଲା ଲେଗରେ ୫ଜଣ ଓଡ଼ିଆ ଖେଳାଳିଙ୍କୁ ସୁଯୋଗ ମିଳିଥିଲା। କିନ୍ତୁ ହୋବାର୍ଟରେ ହେବାକୁ ଥିବା ମୁକାବିଲା ଲାଗି ଓଡ଼ିଶାର ଅମିତ ରୋହିଦାସ, ଅମନଦୀପ୍ ଲାକ୍ରା ଓ ଶିଳାନନ୍ଦ ଲାକ୍ରା ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। କିନ୍ତୁ ରୋଶନ କୁଜୁର ଓ ନୀଲମ ସଞ୍ଜୀପ ଖେସ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି। ହୋବାର୍ଟ ଲେଗ୍ ଫେବୃଆରୀ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଘରୋଇ ଅଷ୍ଟ୍ରେଲିଆ ଓ ସ୍ପେନ ବିପକ୍ଷରେ ଭାରତ ୨ଟି ଲେଖାଏ ମ୍ୟାଚ୍ ଖେଳିବ। ଫେବୃଆରୀ ୨୧ ଓ ୨୪ରେ ସ୍ପେନ ସହ ଏବଂ ୨୨ ଓ ୨୫ ତାରିଖରେ ଅଷ୍ଟ୍ରେଲିଆ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ତମାଣ୍ଡୋ ପ୍ରିମିୟର ଲିଗ୍
## ସମ୍ବଲପୁରର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର,୧୭।୨(ସମିସ):** ମାଇଟି ୟଙ୍ଗଷ୍ଟାରକୁ ୧୩୪ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରି ସମ୍ବଲପୁରର ଏମ୍‌ଏମ୍‌ସିସି ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ର ସେମିଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିଛି। ଏହି ଗ୍ରୁପ୍‌ରେ କାକଟପୁରର ଏମ୍‌ସିସି ମଧ୍ୟ ୨ଟି ବିଜୟ ସହ ଲିଗ୍ ମ୍ୟାଚ୍ ଶେଷ କରିଛି। ସେହିପରି ଗୋଟିଏ ମ୍ୟାଚ୍ ଜିତିଥିବା ଆଦିତ୍ୟ ଏକାଦଶ ଗୁରୁବାର ଖେଳାଯିବାକୁ ଥିବା ଗ୍ରୁପ୍-ବି'ର ଶେଷ ଲିଗ୍ ମ୍ୟାଚ୍‌ରେ ମାଇଟ ୟଙ୍ଗଷ୍ଟାରକୁ ପରାସ୍ତ କଲେ ୩ଟି ଦଳ ୨ଟି ଲେଖାଏଁ ବିଜୟ




ହାସଲ କରି ସମାନ ପଏଣ୍ଟ ପାଇବେ। ଏହା ଫଳରେ ନେଟ୍ ରନ୍‌ରେଟ୍ କଥା ବିଚାରକୁ ନିଆଯିବ। ସେହିପରି ଗ୍ରୁପ୍-ଏ'ରେ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ୟୁବି ରକ୍‌ଷ୍ଟାର ୨ଟି ଲେଖାଏଁ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆସନ୍ତାକାଲି ଉଭୟଙ୍କ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ପରେ କେଉଁ ଦଳ ଗ୍ରୁପ୍-ଏ'ରେ ପ୍ରଥମ ଓ ଦ୍ୱିତୀୟ ହେବେ ତାହା ସ୍ଥିର ହେବ। ଆଜିର ମ୍ୟାଚ୍‌ରେ ବିଶ୍ୱନାଥ ପ୍ରତାପ ସିଂ ଶତକ ସହ ୪୪ ବଲ୍‌ରୁ ୧୨୪ ଓ ସନ୍ତୋଷ କୁମାର ପାତ୍ର ଶତକ ସହ ୪୭ଟି ବଲ୍‌ରୁ ୧୧୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୮ ୱିକେଟରେ ୨୮୭ ରନ୍ କରିଥିଲା। ଜବାବରେ ମାଇଟ ୟଙ୍ଗଷ୍ଟାର ୧୮.୨ ଓଭରରେ ୧୫୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ମିନାଲ ପରିଡା ୩ଟି ଓ ଆବ୍ରାର ହାସନ ୨ଟି ୱିକେଟ ପାଇଥିଲେ। ବିଶ୍ୱନାଥ ପ୍ରତାପ ସିଂଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ସୁକାନ୍ତ କୁମାର ପଟ୍ଟନାୟକ।

## ବୃନ୍ଦାବନରେ ଆଶୀର୍ବାଦ ନେଲେ ବିରାଟ-ଅନୁଷ୍କା



**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ଭାରତର କିଂବଦନ୍ତୀ ଦମ୍ପତି କ୍ରିକେଟ ସୁପରଷ୍ଟାର ବିରାଟ କୋହଲି ଓ ତାଙ୍କ ପତ୍ନୀ ବଲିଉଡ ସୁପରଷ୍ଟାର ଅନୁଷ୍କା ଶର୍ମା ଲଣ୍ଡନରୁ ଆସିବା ପରେ ବୃନ୍ଦାବନ ଯାଇ ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଦମ୍ପତି ସମସ୍ତଙ୍କ ସହ ତଳେ ବସି ମହାରାଜଙ୍କ ଦର୍ଶନ କରିଥିଲେ। ସଚିନ ତେନ୍ଦୁଲକରଙ୍କ ପୁଅ ବାହାଘରରେ ଯୋଗଦେବା ଲାଗି ଆସିଥିବା ଏହି ଦମ୍ପତି ମୁମ୍ବଇରେ କିଛି ଦିନ ରହିବା ପରେ ନୂଆଦିଲ୍ଲୀ ଯାଇଥିଲେ। ସେଠାରୁ ବୃନ୍ଦାବନ ଯାଇ ମହାରାଜଙ୍କ ଆଶୀର୍ବାଦ ନେବା ପରେ ଲଣ୍ଡନ ଫେରିଯାଇଛନ୍ତି।

## ବିଜୟ ସହ ବିଶ୍ୱକପ୍‌ରୁ ବିଦାୟ ନେଲା ନେପାଳ

**ମୁମ୍ବଇ, ୧୭।୨(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିବା ସହ ନେପାଳ ବିଦାୟ ନେଇଛି। ମଙ୍ଗଳବାର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ ପର୍ଯ୍ୟାୟର ୩୩ତମ ମ୍ୟାଚରେ ନେପାଳ ୭ ୱିକେଟରେ ସ୍କଟଲାଣ୍ଡକୁ ହରାଇ ଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟଲାଣ୍ଡ ଓପନର୍ ମାଇକେଲ ଜୋନ୍ସ(୪୫ ବଲରୁ ୭୧ ରନ)ଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଛି। ନେପାଳ ପକ୍ଷରୁ ସଫଳ ବୋଲର ଭାବେ ଦ୍ରୁତ ବୋଲର ସୋମପାଲ କାମିଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ନେପାଳ ୧୯.୨ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦୀପେନ୍ଦ୍ର ସିଂ ୨୩ ବଲରେ ୫୦ ରନର ଅପରାଜିତ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶଳ ଭୁର୍ତେଲ ୪୩, ଆସିଫ୍ ଶେଖ ୩୩, ଗୁଲଶାନ ଝା ଅପରାଜିତ ୨୩ ରନ କରିଥିଲେ। କ୍ରମାଗତ ୩ଟି ମ୍ୟାଚ୍ ହାରିବା ପରେ ଶେଷ ମ୍ୟାଚରେ ଜିତି ନେପାଳ ୨ ପଏଣ୍ଟ ପାଇ ଗ୍ରୁପ୍-ସି'ର ଶେଷ ସ୍ଥାନରେ ରହି ବିଦାୟ ନେଇଛି। ସେହିଭଳି ସ୍କଟଲାଣ୍ଡ ୪ ମ୍ୟାଚରୁ ୩ ପରାଜୟ ଓ ଗୋଟିଏ ବିଜୟ ସହ ୨ ପଏଣ୍ଟ ପାଇ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହି ଗ୍ରୁପରୁ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ୩ଟି ଲେଖାଏ ମ୍ୟାଚ୍ ଜିତି ସୁପର୍-୮'ରେ ସ୍ଥାନ ପକ୍କା କରିସାରିଛନ୍ତି।

### ୱାକୋ ଇଣ୍ଡିଆ ଓପନ୍ ଇଣ୍ଟରନ୍ୟାସନାଲ କିକ୍‌ବକ୍ସିଂ
## ଓଡ଼ିଶା ଜିତିଲା ୯୬ ପଦକ

**ଭୁବନେଶ୍ୱର, ୧୭।୨ (ସମିସ):** ନୂଆଦିଲ୍ଲୀରେ ୫ମ ୱାକୋ ଇଣ୍ଡିଆ ଓପନ୍ ଇଣ୍ଟରନ୍ୟାସନାଲ କିକ୍‌ବକ୍ସିଂ କପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ମୋଟ୍ ୩୧ଜଣ ପ୍ରତିଯୋଗୀ ଭାଗନେଇ ମୋଟ୍ ୯୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଖୋର୍ଦ୍ଧା ଜିଲ୍ଲା କିକ୍‌ବକ୍ସିଂ ପକ୍ଷରୁ ସାଓଲିନ ମାର୍ଶାଲାର୍ଟ୍ ଏକାଡେମୀର ୧୦ଜଣ ପ୍ରତିଯୋଗୀ ସର୍ବାଧିକ ୪୩ ପଦକ ଜିତିଛନ୍ତି। ଏଥିରେ ୧୫ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ଓ ୧୫ଟି କାଂସ୍ୟ ପଦକ ରହିଛି।

**ସାଓଲିନ ଏକାଡେମୀକୁ ସଫଳତା**

ଆକାଂକ୍ଷା ମିଶ୍ର, ବିଷ୍ଣୁପ୍ରିୟା ଛୋଟରାୟ, ସୂଚୀସ୍ମିତା ସାହୁ, ସମ୍ପୂର୍ଣ୍ଣା ଛୋଟରାୟ, ଆୟୁଷ୍ମାନ ଡାକୁଆ, ଶାଶ୍ୱତ ତ୍ରିପାଠୀ, ଇଶାନ ପଣ୍ଡା, ଆଦିତ୍ୟ ରାଜ ମନ୍ତ୍ରୀ, ଶକ୍ତି ସୁନ୍ଦର ରାୟ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ହିମାଂଶୁ ଭୂଷଣ ଦାସ ଓଡ଼ିଶା ଦଳର ମୁଖ୍ୟ କୋଚ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂଙ୍କ ସମେତ ୱାକୋ ଓଡ଼ିଶାର ମୁଖ୍ୟ ପରାମର୍ଶଦାତା ଭବାନୀ ପ୍ରସାଦ ମିଶ୍ର, ଉପସଭାପତି ହେମନ୍ତ ଦାସ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ଖୋର୍ଦ୍ଧା କିକ୍‌ବକ୍ସିଂ ସଂଘ ସଭାପତି ବିକ୍ରମ କେଶରୀ ଜେନା, ସଦାଶିବ ପାତ୍ର କୃତି ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଐତିହାସିକ ଫାଇନାଲ ଅଭିମୁଖେ ଜମ୍ମୁ କାଶ୍ମୀର

**କୋଲକାତା, ୧୭।୨ (ଏଜେନ୍ସି):** ଇତିହାସ ରଚିବାକୁ ଯାଉଛି ଜମ୍ମୁ କାଶ୍ମୀର। ରଣଜୀ ଟ୍ରଫି ଇତିହାସରେ ଜମ୍ମୁ କାଶ୍ମୀର ପ୍ରଥମଥର ଲାଗି ଫାଇନାଲ ଖେଳିବା ଦ୍ୱାର ଦେଶରେ ପହଞ୍ଚିଛି। ଏଠାରେ ଚାଲିଥିବା ଦ୍ୱିତୀୟ ସେମିଫାଇନାଲରେ ବେଙ୍ଗଲ ୧୨୬ ରନର ଛୋଟିଆ ଲକ୍ଷ୍ୟ ଜମ୍ମୁ କାଶ୍ମୀର ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ଜମ୍ମୁ କାଶ୍ମୀର ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୪୩ ରନ ସଂଗ୍ରହ କରିଛି। ଶୁଭମ ପୁଣ୍ଡିର ୨୩ ଓ ବଂଶଜ ଶର୍ମା ୯ ରନ କରି ଖେଳୁଛନ୍ତି। ଆକାଶଦୀପ ବେଙ୍ଗଲ ପାଇଁ ୨ଟି ଯାକ ୱିକେଟ୍ ନେଇଛନ୍ତି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଛି। ଜମ୍ମୁକୁ ଜିତିବା ଲାଗି ବଳକା ୮ ୱିକେଟରେ ଆଉ ୮୩ ରନ ଆବଶ୍ୟକ କରୁଛି। ପ୍ରଥମଥର ସେମିଫାଇନାଲ ଖେଳୁଥିବା ଜମ୍ମୁ ନିକଟରେ ଫାଇନାଲ ଖେଳିବାର ସୁବର୍ଣ୍ଣ ସୁଯୋଗ ରହିଛି।



ପୂର୍ବରୁ ଏହି ମ୍ୟାଚରେ ସୁଦୀପ ଘରାମୀ (୧୪୬)ଙ୍କ ଶତକ ବଳରେ ବେଙ୍ଗଲ ପ୍ରଥମ ପାଳିରେ ୩୨୮ ରନରେ ସୀମିତ ରହିଥିଲା। ଜବାବରେ ପ୍ରଥମ ପାଳିରେ ୩୦୨ ରନରେ ସୀମିତ ରହିଥିଲା। ପୂର୍ବ ଦିନର ଅସମାପ୍ତ ସ୍କୋର ୧୯୮/୫ରୁ ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ ମଙ୍ଗଳବାର ସକାଳେ ଆଉ ୧୦୪ ରନ ଯୋଡ଼ି

**ରଣଜୀ ଟ୍ରଫି**

ବଳକା ୫ ୱିକେଟ ହରାଇଥିଲା। ଅବଦୁଲ ସମାଦ (୮୨), ଅଧିନାୟକ ପାରସ ଡୋଗ୍ରା (୫୨)ଙ୍କ ପରେ ନିମ୍ନକ୍ରମରେ ଆକ୍ୱିବ ନବି (୪୨ ରନ) ଓ ଯୁଦ୍ଧବୀର ସିଂ (୩୩ ରନ) ରନର ଉପଯୋଗୀ ପାଳି ଖେଳିଥିଲେ। ବେଙ୍ଗଲ ପାଇଁ ମହମ୍ମଦ ସାମି ସବୁଠୁ ସଫଳ ବୋଲର ରହିଥିଲେ। ସେ ୯୦ ରନରେ ୮ଟି ୱିକେଟ ନେଇଥିଲେ। ଜବାବରେ ୨୬ ରନରେ ଅଗ୍ରଣୀ ଥାଇ ୨ୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ବେଙ୍ଗଲ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୫.୧ ଓଭରରେ ମାତ୍ର ୯୯ ରନରେ ସୀମିତ ରହିଥିଲା। ଆକ୍ୱିନ ନବି ଓ ସୁନିଲ କୁମାର ୪ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ପାଳିରେ ୫ଟି ୱିକେଟ୍ ନେଇଥିବା ଆକ୍ୱିବ ମ୍ୟାଚରେ ମୋଟ୍ ୯ଜଣ ବ୍ୟାଟରଙ୍କୁ ଆଉଟ୍ କରିଛନ୍ତି।

### କର୍ଣ୍ଣାଟକ- ୭୩୬; ଉତ୍ତରାଖଣ୍ଡ ୧୪୯/୫

ସେହିଭଳି ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ଉତ୍ତରାଖଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ଦୃଢ଼ସ୍ଥିତିରେ ରହିଛି। କର୍ଣ୍ଣାଟକ ପ୍ରଥମ ପାଳିରେ ୭୩୬ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଛି। ଜବାବରେ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଉତ୍ତରାଖଣ୍ଡ ୫ ୱିକେଟରେ ୧୪୯ ରନ କରି ଫଲୋଅନ ଦ୍ୱାରରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS